# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, July 9/2025 Page 14 | ₹ 7.00 | DHENKANAL

୫୧ଶ ଭାଗ ୨୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 224 | ମୂଲ୍ୟ ₹୭/-




## ଅକ୍ଟୋବର ୨ରେ 'କାନ୍ତାରା ଚାପ୍ଟର ୨'

ଅଭିନେତା ରିଷଭ ଶେଟ୍ଟୀଙ୍କ 'କାନ୍ତାରା ଚାପ୍ଟର ୨' ଫିଲ୍ମ ଆସନ୍ତା ଅକ୍ଟୋବର ୨ରେ ରିଲିଜ୍ ହେବ।

୦୨

୧୪

## ଫ୍ରିଜ୍ ସେମିଫାଇନାଲରେ

ୱିମ୍ବଲଡନ ଟେନିସ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଟେଲର ଫ୍ରିଜ୍।





ନୀଳାଦ୍ରି ବିଜେ ଅବସରରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ୨,୩୫୫ ଏକ୍ସ' ଆକାଉଣ୍ଟ ବନ୍ଦ କରାଇଥିଲା କେନ୍ଦ୍ର

## ବଢ଼ିଲା ସେନ୍‌ସରଶିପ୍ ଚିନ୍ତା, ଅଦାଲତ ଯିବେ ମସ୍କ

ଏଲନ୍ ମସ୍କଙ୍କ ମାଲିକାନାରେ ଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'କୁ ଭାରତ ସରକାର ଜୁଲାଇ ୩ରେ ୨,୩୫୫ ଆକାଉଣ୍ଟ ବ୍ଲକ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରେ ଅନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସି ରଏଟର୍ସର ଆକାଉଣ୍ଟ ରହିଥିଲା। ଏହି ନିର୍ଦ୍ଦେଶନାମା ଜାରି ହେବାର ୩ ଦିନ ପରେ ଅର୍ଥାତ୍ ଜୁଲାଇ ୬ ତାରିଖ ରବିବାର ଦିନ ରଏଟର୍ସ ଆକାଉଣ୍ଟକୁ ଭାରତରେ ବ୍ଲକ୍ କରାଯାଇଥିଲା। ଏକ ଆଇନଗତ ଆବଶ୍ୟକତା ଦୃଷ୍ଟିରୁ ଏପରି କରାଯାଇଥିବା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନୋଟିସ ପ୍ରଦର୍ଶିତ ହୋଇଥିଲା। ତେବେ ଭାରତ ସରକାରଙ୍କ ପ୍ରଯୁକ୍ତି ମନ୍ତ୍ରଣାଳୟ ରବିବାର ଏହାକୁ ଖଣ୍ଡନ କରି ଏପରି କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବା କହିଥିଲା। ହେଲେ ଉପରୋକ୍ତ ଆକାଉଣ୍ଟଗୁଡ଼ିକୁ ବ୍ଲକ୍ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସମ୍ପର୍କରେ ମଙ୍ଗଳବାର ଏକ୍ସ' ସ୍ପଷ୍ଟ କରିଛି। ଆଇଟି ଆକ୍ଟର ଧାରା ୬୯ଏ ଅନୁଯାୟୀ ଏପରି ଅର୍ଡର ଦିଆଯାଇଥିଲା। ଏପରି କି ଏହାର ଅନୁପାଳନ ନ କଲେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ଚେତାବନୀ ଦେଇଥିବା ଏକ୍ସ' ଉଲ୍ଲେଖ କରିଛି। ଭାରତରେ ସାମାଜିକ ଗଣମାଧ୍ୟମ ଉପରେ ସରକାରୀ ସେନ୍‌ସରଶିପ୍ ସମ୍ପର୍କରେ ଏକ୍ସ' ଚିନ୍ତା ପ୍ରକଟ କରିବା ସହ କୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ଚିନ୍ତା କରୁଥିବା ସୂଚନା ଦେଇଛି।

> Global Government... · 3h
>
> On July 3, 2025, the Indian government ordered X to block 2,355 accounts in India, including international news outlets like @Reuters and @ReutersWorld, under Section 69A of the IT Act. Non-compliance risked criminal liability. The Ministry of Electronics and Information Technology demanded immediate action- within one hour- without providing justification, and required the accounts to remain blocked until further notice.

ନୂଆଦିଲ୍ଲୀ/ନ୍ୟୁୟର୍କ,୮।୭(ଏଜେନ୍ସି)

ବିଶ୍ୱର ଅନ୍ୟତମ ବହୁଳ ବ୍ୟବହୃତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ' ସହ କେନ୍ଦ୍ର ସରକାର ଅନେକ ସମୟରେ ବିଭିନ୍ନ ପ୍ରସଙ୍ଗରେ ମୁହାଁମୁହିଁ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଦେଶରେ ହେଉଥିବା ଆନ୍ଦୋଳନ, ବିକ୍ଷୋଭ ଓ ପ୍ରକାଶ ପାଉଥିବା ସରକାର ବିରୋଧୀ ଅଭିବ୍ୟକ୍ତିକୁ ଚପାଇ ଦେବା ପାଇଁ କେନ୍ଦ୍ର ସରକାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ଚାପ ସୃଷ୍ଟି କରୁଥିବାର ଅନେକ ନଜିର ରହିଛି। ଏହିକ୍ରମେ ଜୁଲାଇ ୩ରେ ସରକାରଙ୍କ ଇଲେକ୍ଟ୍ରୋନିକ୍ ଆଣ୍ଡ ଆଇଟି ମନ୍ତ୍ରଣାଳୟ ଏକ୍ସ'କୁ ୨,୩୫୫ ଆକାଉଣ୍ଟ ବନ୍ଦ ନିର୍ଦ୍ଦେଶ ଦେଇଥିଲା। କୌଣସି ଯଥାର୍ଥ କାରଣ ନ ଦର୍ଶାଇ ନିର୍ଦ୍ଦେଶ ଦେବାର ଘଣ୍ଟାଏ ଭିତରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ଅନ୍ୟାଦେଶ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହାକୁ ନେଇ ୟୁଜର୍ସଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ୟବହାରକାରୀମାନେ ଏହାକୁ ଖୋଲାଖୋଲି ବିରୋଧ କରିବାରୁ ସରକାର ରଏଟର୍ସ ଏବଂ ରଏଟର୍ସ ୱାର୍ଲ୍ଡ ଆକାଉଣ୍ଟକୁ ରବିବାର ରାତିରେ ଅନ୍‌ବ୍ଲକ୍ କରିବାକୁ ଅନୁରୋଧ କରିଥିଲେ ବୋଲି ଏକ୍ସ'ର ଗ୍ଲୋବାଲ ଗଭର୍ନମେଣ୍ଟ ଆଫେୟାର୍ସ ଆକାଉଣ୍ଟରେ ମଙ୍ଗଳବାର ଅପରାହ୍ନରେ ଏକ ପୋଷ୍ଟ ଜରିଆରେ ସୂଚନା ଦିଆଯାଇଛି। ଏଥିରେ ଏକ୍ସ' ଆହୁରି କହିଛି ଯେ, ଭାରତରେ ଏଭଳି ବ୍ଲକିଂ ଅର୍ଡର ସହ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ୮୦ ପ୍ରତିଶତ ଅଣସଙ୍ଗଠିତ

# ଆଜି ଭାରତ ବନ୍ଦ

## ଶ୍ରମିକ, କୃଷକମାରଣ ନୀତିକୁ ବିରୋଧ

ନୂଆଦିଲ୍ଲୀ,୮।୭

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ତଥା ରାଷ୍ଟ୍ର ବିରୋଧୀ ଏବଂ କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଛି। ଏଥିରେ ବ୍ୟାଙ୍କିଙ୍ଗ୍, ବୀମା, ଡାକସେବାଠାରୁ ଆରମ୍ଭ କରି ଖଣି, ରାଜପଥ ଏବଂ ନିର୍ମାଣ କାର୍ଯ୍ୟ, ପରିବହନ କାର୍ଯ୍ୟରେ ନିୟୋଜିତ ୨୫ କୋଟିରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ ସାମିଲ ହେବାକୁ ☞ପୃଷ୍ଠା-୪

# ଶ୍ରୀମନ୍ଦିରକୁ ବିଜେ କଲେ ଦାରୁଦିଅଁ

ପୁରୀ,୮।୭(ଅଜିତ୍ କୁମାର ମହାନ୍ତି)

- ରସଗୋଲା ଦେଇ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ କଲେ ମହାପ୍ରଭୁ
- ଆଜିଠୁ ନୀଳାଚଳ ଅବଢ଼ା

ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଯାତ୍ରା ସାରି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥି ନୀଳାଦ୍ରି ବିଜେ ଅବସରରେ ମଙ୍ଗଳବାର ଶ୍ରୀମନ୍ଦିର ରତ୍ନସିଂହାସନକୁ ବାହୁଡ଼ା ବିଜେ କରିଛନ୍ତି। ଏଥିସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ବୁଧବାରଠାରୁ ଭକ୍ତଙ୍କୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଦର୍ଶନ ଦେବେ। ସେହିପରି ଭକ୍ତମାନେ ନୀଳାଚଳ ଅବଢ଼ା ପାଇପାରିବେ। ମଙ୍ଗଳବାର ସକାଳ ୬ଟା ୫୦ରୁ ୭ଟା ୧୦ ମଙ୍ଗଳ ଆଳତି, ମଇଲମ ୭ଟା ୧୫, ତଡ଼ପଲାଗି ୭ଟା ୧୦ରୁ ୭ଟା ୩୦, ଅବକାଶ ୭ଟା ୪୫ରୁ ୮ଟା ୨୦, ବେଶ ୮ଟା ୫୫, ଗୋପାଳବଲ୍ଲଭ ୯ଟା ୪୫ରେ ସରିଥିଲା। ସକାଳଧୂପ ୧୧ଟାରେ ସରି ମଇଲମ ୧୧ଟା ୧୦, ରଥରେ ମହାସ୍ନାନ ଶେଷ ୧୧ଟା ☞ପୃଷ୍ଠା-୪

## ଦିଶିଲାନି ଚକାଆଖି

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନବଦିନାତ୍ମକ ଘୋଷଯାତ୍ରା ମଙ୍ଗଳବାର ଶେଷ ହୋଇଛି। ହେଲେ ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ପୂର୍ଣ୍ଣ ମୁଖ ଦର୍ଶନ କରିପାରି ନ ଥିବାରୁ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏମିତି କୌଣସି ଏକ ମୁହୂର୍ତ୍ତ ଆସିଲାନି, ଯେଉଁଥିରେ ଠାକୁରଙ୍କୁ ପରିଷ୍କାର ଦେଖିବାର ସୁଯୋଗ ମିଳିଲା। ଟେଲିଭିଜନ, ୟୁଟ୍ୟୁବ ଚ୍ୟାନେଲ ମାଧ୍ୟମରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ଶ୍ରଦ୍ଧାଳୁ ଠାକୁରମାନଙ୍କୁ ଠିକ୍ ଭାବେ ଦେଖିପାରିଲେ ନାହିଁ ବୋଲି କହିଛନ୍ତି। ରଥାରୁଢ଼ ଠାକୁରଙ୍କ ସମ୍ମୁଖରେ ଅନେକେ ହାଉଜାଉ ହେଉଥିବା ଦୃଷ୍ଟିରୁ ଶ୍ରଦ୍ଧାଳୁମାନେ କେବଳ ଚକାଆଖିର ଫଟୋ ପାଇପାରି ନ ଥିବା କହୁଛନ୍ତି।


ଓଡ଼ିଶା ସରକାର

## ଯୋଜନା ଓ ସଂଯୋଜନ ବିଭାଗ

ସଂଖ୍ୟା: ୨ | ତା: ୦୮।୦୭।୨୦୨୫

### ସାର୍ବଜନୀନ ବିଜ୍ଞପ୍ତି

No. X-30: ଓଡ଼ିଶା ସରକାରଙ୍କ ଗୃହ (ସ୍ୱତନ୍ତ୍ର ଶାଖା) ବିଭାଗ, ବିଜ୍ଞପ୍ତି ସଂଖ୍ୟା ୧୩୮୯/ସି, ଭୁବନେଶ୍ୱର, ତାରିଖ: ୨୯।୦୬।୨୦୨୫ ଅନୁଯାୟୀ, ତା୨୯।୦୬।୨୦୨୫ରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁ ତିନିଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କ ଦ୍ୱାରା କରାଯାଉଛି।

କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ (ଭିଡ଼ିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ତା୨୦।୦୭।୨୦୨୫ ସୁଦ୍ଧା **puritragedy.enquiry@odisha.gov.in** ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଉଛି।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ନିମ୍ନଲିଖିତ ସ୍ଥାନ ଏବଂ ସମୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରିପାରିବେ।

୧. ରାଜ୍ୟ ଅତିଥି ଭବନ-ଆନେକ୍ସ ଭୁବନେଶ୍ୱର : ଅପରାହ୍ନ ଘ.୩.୦୦ମି. ପରଠାରୁ ତା୦୯।୦୭।୨୦୨୫

୨. ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ (ସ୍ପେଶାଲ ସର୍କିଟ୍ ହାଉସ୍), ପୁରୀ : ଅପରାହ୍ନ ଘ.୩.୦୦ମି. ପରଠାରୁ ତା୧୦।୦୭।୨୦୨୫

ଅଧିକ ସୂଚନା ପାଇଁ ଟେଲିଫୋନ୍ ନମ୍ବର: **(0674) 2536882/2391970**ରେ ଯୋଗାଯୋଗ କରାଯାଇପାରିବ।

ଅତିରିକ୍ତ ଶାସନ ସଚିବ

OIPR-50001/11/0007/2526


# ସ୍କୁଲ୍ ଭ୍ୟାନ୍‌କୁ ଧକ୍କା ଦେଲା ଟ୍ରେନ୍

## ୩ ପିଲା ମୃତ, ୬ ଆହତ

କୁଡ୍ଡାଲୋର,୮।୭(ପି.ଟି.)

ତାମିଲନାଡୁର କୁଡ୍ଡାଲୋର ନିକଟବର୍ତ୍ତୀ ସେମ୍ମାନକୁପ୍ପମ ଲେବଲ୍ କ୍ରସିଂଠାରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନ୍ ସ୍କୁଲ୍ ଭ୍ୟାନ୍‌କୁ ଧକ୍କା ଦେବାରୁ ଅନ୍ୟୂନ ୩ ପିଲାଙ୍କ ମୃତ୍ୟୁ ଘଟିବା ସହ ୬ ଆହତ ହୋଇଛନ୍ତି। ଡ୍ରାଇଭରଙ୍କ ସମେତ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କାର୍ଯ୍ୟରେ ଅବହେଳା ପାଇଁ ଲେବଲ୍ କ୍ରସିଂର ଗେଟ୍ କିପରଙ୍କୁ ଚାକିରିରୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇଛି। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପାଇଁ ସଦର୍ନ ରେଲୱେ ପକ୍ଷରୁ କ୍ଷମା ମଗାଯାଇଛି। ଏଥିସହିତ ମୃତକଙ୍କ ପରିବାର ପାଇଁ ରେଲ୍‌ୱେ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ, ଗୁରୁତରଙ୍କ ପାଇଁ ୨.୫ ଲକ୍ଷ ଏବଂ ଅନ୍ୟ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। ☞ପୃଷ୍ଠା-୪

# ଭୂସ୍ଖଳନରୁ ୬୭ ଜଣଙ୍କୁ ବଞ୍ଚାଇଲା କୁକୁର

ମଣ୍ଡି, ୮।୭



ହିମାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ଗତ ଜୁନ୍ ୩୦ ଏବଂ ଜୁଲାଇ ୧ରେ ଲଗାତର ୩୦ ଘଣ୍ଟା ଧରି ବର୍ଷା ହୋଇଥିଲା, ଯାହାଫଳରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ବନ୍ୟାସ୍ଥିତି ଦେଖାଦେଇଥିଲା। ତେବେ ମଣ୍ଡି ଜିଲା ଧର୍ମପୁର ବ୍ଲକ୍‌ର ସିୟାଠୀ ଗ୍ରାମରେ ଏକ କୁକୁର ଜୋର୍‌ରେ ଅନେକ ସମୟ ପାଇଁ ଭୁକିବାରୁ ଗ୍ରାମର ୬୭ ଜଣଙ୍କର ଜୀବନ ବଞ୍ଚିଯାଇଥିଲା।

ସିୟାଠୀ ଗ୍ରାମରେ ରହୁଥିବା ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଗତ ୩୦ ତାରିଖ ରାତିରେ ତାଙ୍କ କୁକୁର ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ତେବେ ଅଧ ରାତିରେ କୁକୁରଟି ଜୋର୍‌ରେ ବହୁ ସମୟ ଧରି ଭୁକିବାକୁ ଲାଗିଥିଲା। ☞ପୃଷ୍ଠା-୪




## ସଂକ୍ଷେପରେ

### ସବୁ ଭାରତୀୟ ଭାଷା ଜାତୀୟ ଭାଷା: ଆର୍‌ଏସ୍‌ଏସ୍

ନୂଆଦିଲ୍ଲୀ, ୮।୭

ସମ୍ପ୍ରତି ମହାରାଷ୍ଟ୍ର ଏବଂ ତାମିଲନାଡୁରେ ଚାଲିଥିବା ଭାଷା ବିବାଦ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)ର ଅଖିଳ ଭାରତୀୟ ପ୍ରଚାର ମୁଖ୍ୟ ସୁନୀଲ ଆମ୍ବେକର ମଙ୍ଗଳବାର କହିଛନ୍ତି, ସମସ୍ତ ଭାରତୀୟ ଭାଷା ହେଉଛି ଜାତୀୟ ଭାଷା। ଭାଷା ପ୍ରସଙ୍ଗରେ ଆରଏସ୍‌ଏସ୍‌ର ଦୀର୍ଘ ଦିନ ଧରି ଏହି ସ୍ପଷ୍ଟ ମତ ରହିଆସିଛି। ଦିଲ୍ଲୀରେ ଆରଏସ୍‌ଏସ୍‌ର ପ୍ରାଦେଶିକ ପ୍ରଚାରକଙ୍କ ୩ ଦିନିଆ ବୈଠକ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆମ୍ବେକର କହିଛନ୍ତି, ଭାରତରେ ଅଧିକାଂଶ ଲୋକେ ନିଜ ମାତୃଭାଷାରେ କଥା ହୋଇଥାନ୍ତି, ଯାହା ବିଭିନ୍ନ ରାଜ୍ୟ ଏବଂ ପ୍ରାନ୍ତ ଅନୁଯାୟୀ ଭିନ୍ନ ଭିନ୍ନ ରହିଥାଏ। ପ୍ରାଥମିକ ଶିକ୍ଷା ମଧ୍ୟ ମାତୃଭାଷାରେ ମିଳିବା ଆବଶ୍ୟକ। ଆରଏସ୍‌ଏସ୍ ସର୍ବଦା ଏହାକୁ ଗୁରୁତ୍ୱ ଦେଇଆସିଛି। ସ୍କୁଲ ଶିକ୍ଷା ପାଇଁ କୌଣସି ଏକ ଭାଷାକୁ ରାଜ୍ୟଗୁଡ଼ିକ ଉପରେ ଥୋପାଯିବା ପ୍ରକ୍ରିୟାକୁ ଆରଏସ୍‌ଏସ୍ ସମର୍ଥନ କରେ ନାହିଁ ବୋଲି ସେ କହିଛନ୍ତି।

### ଗୁଣିଗାରେଡି ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା

ପୂର୍ନିଆ, ୮।୭

ବିହାରର ପୂର୍ନିଆ ଜିଲାର ଟେଟ୍‌ମା ଗ୍ରାମରେ ରବିବାର ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ୫ ଜଣଙ୍କୁ ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଘଟଣାକୁ ନେଇ ସୋମବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗ୍ରାମର ଏକ ପରିବାର ଗୁଣିଗାରେଡି କରୁଥିବାରୁ ଗାଁରେ ରୋଗ ବ୍ୟାପିବା ସହ କିଛି ଦିନ ମଧ୍ୟରେ ଅନେକଙ୍କ ମୃତ୍ୟୁ ଘଟୁଥିବା ନେଇ ଗ୍ରାମବାସୀ ସନ୍ଦେହ କରୁଥିଲେ। ରବିବାର ରାତିରେ ଗ୍ରାମର ୩୦ରୁ ୪୦ ଲୋକ ଏକାଠି ହୋଇ ଉକ୍ତ ପରିବାରର ୫ ସଦସ୍ୟଙ୍କୁ ମାଡ଼ ମାରି ହତ୍ୟା କରିଥିଲେ। ଏହାପରେ ସେମାନେ ଟ୍ରାକ୍ଟର ଯୋଗେ ମୃତଦେହଗୁଡ଼ିକୁ ନିକଟସ୍ଥ ବୁଦାକୁ ନେଇ ସେଠାରେ ପୋଡ଼ିଦେଇଥିଲେ। ଘଟଣାକୁ ନେଇ ପୋଲିସର ଅନୁଧ୍ୟାନ ଜାରି ରହିଛି।

# ଏମ୍‌ଏନ୍‌ଏସ୍‌ର ମରାଠୀ ଅସ୍ମିତା ରାଲି

**ନିଜ ସରକାରକୁ ବିରୋଧ କରି ବିକ୍ଷୋଭରେ ଯୋଗଦେଲେ ଶିବସେନା ମନ୍ତ୍ରୀ**

ଠାଣେ, ୮।୭



ଠାଣେ ଜିଲାରେ ଏମ୍‌ଏନ୍‌ଏସ୍‌ର ମରାଠୀ ଅସ୍ମିତା ରାଲିରେ ରାଜ୍ୟ ପରିବହନ ମନ୍ତ୍ରୀ ପ୍ରତାପ ସରନାଏକ ସାମିଲ ହୋଇଛନ୍ତି।

ହିନ୍ଦୀକୁ ବିରୋଧ କରି ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଓ ମରାଠୀ ଏକୀକରଣ ସମିତି ପକ୍ଷରୁ ଠାଣେ ଜିଲାର ମୀରା ଭୟନ୍ଦର ଅଞ୍ଚଳରେ ମଙ୍ଗଳବାର ମରାଠୀ ଅସ୍ମିତା ରାଲି ଆୟୋଜନ କରାଯାଇଥିବାବେଳେ ସେଥିରେ ଶିବସେନା (ୟୁବିଟି) ଏବଂ ଏନ୍‌ସିପି(ଏସ୍‌ପି)ର ନେତା ଓ କର୍ମୀ ଯୋଗ ଦେଇଛନ୍ତି। ଏକ ନାଟକୀୟ ଘଟଣାକ୍ରମରେ ମହାରାଷ୍ଟ୍ର ପରିବହନ ମନ୍ତ୍ରୀ ତଥା ଶିବସେନା ନେତା ପ୍ରତାପ ସରନାଏକ୍ ସରକାରଙ୍କୁ ବିରୋଧ କରି ବିରୋଧୀଙ୍କ ବିକ୍ଷୋଭ ରାଲିରେ ସାମିଲ ହୋଇଥିଲେ। ତେବେ ଏମ୍‌ଏନ୍‌ଏସ୍ କର୍ମୀମାନେ ତାଙ୍କୁ ବିରୋଧ କରିବା ସହ ସେଠାରୁ ତଡ଼ିଦେଇଥିଲେ। ସକାଳେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରୁଥିବା ବହୁ ଏମ୍‌ଏନ୍‌ଏସ୍ କର୍ମୀଙ୍କୁ ପୋଲିସ ଅଟକ ରଖିଥିଲା।

ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ଭାଷା ଆନ୍ଦୋଳନ ତୀବ୍ର ହୋଇଥିବାବେଳେ ମରାଠୀ କହୁ ନ ଥିବା ଜଣେ ଦୋକାନୀଙ୍କୁ ଏମ୍‌ଏନ୍‌ଏସ୍ କର୍ମୀ ମାଡ଼ ମାରିବାକୁ ନେଇ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ବିକ୍ଷୋଭ ଶୋଭାଯାତ୍ରା ପାଇଁ ଅନୁମତି ଦେବାକୁ ପୂର୍ବରୁ ମନା କରିଥିଲା। ତେବେ ରାସ୍ତାରେ ନାଟକବାଜି ଏବଂ ନେତାମାନଙ୍କ ହସ୍ତକ୍ଷେପ ଯୋଗୁ ପ୍ରସ୍ତାବିତ ରାସ୍ତାରେ ଶୋଭାଯାତ୍ରା ବାହାର କରାଯାଇଥିଲା।

# ବିହାରରେ ମହିଳାଙ୍କ ପାଇଁ ୩୫% ନିଯୁକ୍ତି କୋଟା

ପାଟନା, ୮।୭


ନୀତୀଶ କୁମାର

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟର ମହିଳାମାନଙ୍କ ପାଇଁ ସରକାରୀ ନିଯୁକ୍ତିରେ ୩୫ ପ୍ରତିଶତ ସଂରକ୍ଷଣ ରଖିବାକୁ ଘୋଷଣା କରିଛନ୍ତି। ଏହା କେବଳ ରାଜ୍ୟର ସ୍ଥାୟୀ ବାସିନ୍ଦାଙ୍କ ମଧ୍ୟରେ ସୀମିତ ରହିବ। ସରକାରୀ ନିଯୁକ୍ତିରେ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବାକୁ ଦାବି ହୋଇଆସୁଥିଲା। ବିହାରର ସ୍ଥାୟୀ ବାସିନ୍ଦା ମହିଳାଙ୍କୁ ସରକାରୀ ନିଯୁକ୍ତିରେ ୩୫ ପ୍ରତିଶତ ସଂରକ୍ଷଣ ସୁବିଧା ଯୋଗାଇଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ନୂଆ ନୀତି ଯୋଗୁ ସ୍ଥାୟୀ ବାସିନ୍ଦା ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ଏବଂ ନିଯୁକ୍ତି ସୁରକ୍ଷା ବଢ଼ିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଏସ୍. ସିଦ୍ଧାର୍ଥ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ରେ ବିହାର ସରକାର ମହିଳାମାନଙ୍କ ପାଇଁ ସରକାରୀ ଚାକିରିରେ ୩୫% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ, ଯେଉଁଥିରୁ ଯେକୌଣସି ରାଜ୍ୟର ମହିଳା ସୁବିଧା ହାସଲ କରିପାରୁଥିଲେ। ତେବେ ନିର୍ବାଚନ ପୂର୍ବରୁ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବା ଦାବି ଜୋର୍ ଧରିଥିଲା। ଆର୍‌ଜେଡି କ୍ଷମତାକୁ ଆସିଲେ ବାସିନ୍ଦାଙ୍କ ପାଇଁ ୧୦୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯିବ ବୋଲି ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ବାସିନ୍ଦା ନୀତି ସପକ୍ଷରେ ସ୍ୱର ଉଠାଇଥିଲେ। ଗତ ସପ୍ତାହରେ ବହୁସଂଖ୍ୟାରେ ନିଯୁକ୍ତି ଆଶାୟୀ ପାଟନାରେ ବିକ୍ଷୋଭ କରିବା ସହ ସରକାରୀ ଚାକିରିରେ ବାସିନ୍ଦା ନୀତି କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ।

ରାଜ୍ୟର ଯୁବବର୍ଗଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇଦେବା ନିମନ୍ତେ ବିହାର ଯୁବ ଆୟୋଗ ଗଠନ କରିବାକୁ ନୀତୀଶ କୁମାର ସରକାର ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ନିର୍ବାଚନ ଆଉ ଅଳ୍ପ କେଇମାସ ଥିବାବେଳେ ରାଜ୍ୟରେ ନିଯୁକ୍ତି ସୁଯୋଗ ଅଭାବକୁ ନେଇ ବିରୋଧୀ ସମାଲୋଚନା କରିଆସୁଥିଲେ। ବିହାରର ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରି ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ଓ ସେମାନଙ୍କ ସାମର୍ଥ୍ୟ ବୃଦ୍ଧି କରିବାରେ ରାଜ୍ୟ ସରକାର ବିହାର ୟୁଥ୍ କମିଶନ ଗଠନ କରିବାକୁ ନିଷ୍ପତ୍ତି ନେଇଥିବା ନୀତୀଶ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସମାଜର ଯୁବବର୍ଗଙ୍କ ଉନ୍ନତି ସମ୍ପର୍କିତ ସମସ୍ତ ବିଷୟରେ ଏହି କମିଶନ ସରକାରଙ୍କୁ ପରାମର୍ଶ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

## କେନ୍ଦ୍ର ସରକାର ଧନୀଙ୍କୁ ଅଧିକ ଧନୀ କରାଉଛନ୍ତି: ରାହୁଲ

ନୂଆଦିଲ୍ଲୀ, ୮।୭(ପି.ଟି.)

କେନ୍ଦ୍ର ସରକାର ଧନୀଙ୍କୁ ଅଧିକ ଧନୀ କରାଇବା ସହ ସାଧାରଣ ନିବେଶକଙ୍କୁ ବରବାଦ ମଧ୍ୟକୁ ଠେଲିଦେଉଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଅଭିଯୋଗ କରିଛନ୍ତି। ଫ୍ୟୁଚର୍ସ ଆଣ୍ଡ ଅପ୍ସନ୍‌ସ(ଏଫ୍ ଆଣ୍ଡ ଓ) ମାର୍କେଟରେ ବଡ଼ ନିବେଶକମାନଙ୍କ ଦ୍ୱାରା ଜାଲିଆତି ହେଉଥିବା ଘଟଣାରେ ସରକାର ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଫ୍ ଆଣ୍ଡ ଓ ମାର୍କେଟ ବଡ଼ ନିବେଶକଙ୍କ ଅକ୍ତିଆରରେ ଥିବାବେଳେ ଛୋଟ ନିବେଶକମାନେ କ୍ରମାଗତ ଭାବେ ସେଥିରୁ ବାଦ୍ ପଡ଼ିଚାଲିଛନ୍ତି ବୋଲି ରାହୁଲ ଗତବର୍ଷ କହିଥିଲେ। ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଅନେକ ହଜାର କୋଟି ଜାଲିଆତିରେ ସମ୍ପୃକ୍ତ ଥିବା ସେବି ସ୍ୱୀକାର କରିଛି। ସେବି ଏପର୍ଯ୍ୟନ୍ତ କ'ଣ ପାଇଁ ନୀରବ ରହିଥିଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

## ଆତ୍ମହତ୍ୟା କଲେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

**୩ କୋଟି ଦେବାକୁ ବ୍ଲାକମେଲିଂ**

ମୁମ୍ବାଇ, ୮।୭

ମୁମ୍ବାଇର ସାନ୍ତାକ୍ରୁଜ୍ ଅଞ୍ଚଳରେ ପ୍ରତିଷ୍ଠିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜ୍ ଲୀଲା ମୋରେ (୩୨) ସୋମବାର ବିଷଖାଇ ଆତ୍ମହତ୍ୟା କରିଛନ୍ତି। ଏକ ଆଡଲ୍ଟ ଭିଡିଓ ନାମରେ ତାଙ୍କୁ ଲଗାତର ବ୍ଲାକ୍‌ମେଲିଂ କରାଯାଉଥିଲା, ଫଳରେ ମାନସିକ ଭାବେ ପ୍ରତାରିତ ହୋଇ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି। ମୋରେଙ୍କ ମୃତଦେହ ନିକଟରୁ ୩ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଛି। ଏଥିରେ ସେ ନିଜ ମୃତ୍ୟୁ ପାଇଁ ସବା କ୍ୟୁରେଶୀ ଏବଂ ରାହୁଲ ପରନୱାନୀ ନାମକ ୨ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ପୋଲିସ ମୋରେଙ୍କ ସୁଇସାଇଡ୍ ନୋଟ୍ ଏବଂ ସମ୍ପର୍କୀୟଙ୍କ ବୟାନ ଆଧାରରେ ଆତ୍ମହତ୍ୟା ପାଇଁ ଉସୁକାଇବା ଏବଂ ଜବରଦସ୍ତ ଟଙ୍କା ଆଦାୟ ପାଇଁ ଧମକ ଦେବା ସମ୍ବନ୍ଧିତ ବିଭିନ୍ନ ଧାରାରେ ସବା ଏବଂ ରାହୁଲଙ୍କ ବିରୋଧରେ ମାମଲା ରୁଜୁକରି ଆତ୍ମହତ୍ୟାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ୧୮ ମାସ ତଳେ ସବା ଏବଂ ମୋରେ ସୋସିଆଲ ମିଡିଆରେ ପରସ୍ପରକୁ ଜାଣିବାକୁ ପାଇଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ବଢ଼ିଥିଲା ଏବଂ ସେମାନେ ପରସ୍ପରର ନିକଟତର ହୋଇଥିଲେ। ତେବେ ସବାଙ୍କ ସହଯୋଗରେ ରାହୁଲ ମୋରେଙ୍କ ବ୍ୟକ୍ତିଗତ ଭିଡିଓ କରିଥିଲେ। ଉକ୍ତ ଆଡଲ୍ଟ ଭିଡିଓକୁ ଭାଇରାଲ କରିଦେବେ କହି ରାହୁଲ ଏବଂ ସବା ଗତ କିଛି ମାସ ଧରି ମୋରେଙ୍କୁ ଧମକ ଦେଉଥିଲେ। ସେହିପରି ସେମାନଙ୍କ ପାଇଁ ବିଳାସପୂର୍ଣ୍ଣ କାର୍ କିଣିବାକୁ ମଧ୍ୟ ଉଭୟ ଅଭିଯୁକ୍ତ ମୋରେଙ୍କୁ ବାଧ କରିଥିଲେ। ସମ୍ପ୍ରତି ଉଭୟ ଅଭିଯୁକ୍ତ ସବା ଏବଂ ରାହୁଲ ଫେରାର ଥିବାବେଳେ ପୋଲିସ ତାଙ୍କୁ ଖୋଜିବା ଜାରି ରଖିଛି।

## ଆମେରିକା ସହ ଡିଲ୍ କରୁଥିବା ଦେଶକୁ ଯୋଗାଣ ଶୃଙ୍ଖଳରୁ ବାଦ୍ ଦେବାକୁ ଚାଇନାର ଚେତାବନୀ

ବେଜିଂ, ୮।୭

ପୁଣି ଥରେ ଟାରିଫ୍ ଲଗାଇବାକୁ ଧମକ ଦେଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନକୁ ଚାଇନା ସତର୍କ କରାଇଦେଇଛି। ଟାରିଫ୍ ଲାଗୁ ହେଲେ ଆମେରିକା ସହ ଚୁକ୍ତିନାମା କରୁଥିବା ଦେଶଗୁଡ଼ିକୁ ବିଶ୍ୱ ଯୋଗାଣ ଶୃଙ୍ଖଳରୁ ବାଦ୍ ଦେବା ପାଇଁ ବେଜିଂ କହିଛି। ବାଣିଜ୍ୟ ଯୁଦ୍ଧରେ ବିରାମ ପାଇଁ ଗତ ଜୁନ୍‌ରେ ସହମତି ସତ୍ତ୍ୱେ ଅନିଶ୍ଚିତତା ଜାରି ରହିଛି। ଅଗଷ୍ଟ ୧ରୁ ଟାରିଫ୍ ବଢ଼ାଇବା ପାଇଁ ଆମେରିକା ନିଷ୍ପତ୍ତି ନେଇଥିବାରୁ ଚାଇନା ଉପରୋକ୍ତ ଚେତାବନୀ ଦେଇଛି।

ବିଭିନ୍ନ ଦେଶ ଉପରେ ଆମେରିକା ଲାଗୁ କରିବାକୁ ଥିବା ଜବାବୀ ଶୁଳ୍କକୁ ଅଗଷ୍ଟ ୧ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏନେଇ ବାଂଲାଦେଶ, ଇଣ୍ଡୋନେସିଆ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ, ଥାଇଲାଣ୍ଡ, ଦକ୍ଷିଣ ଆଫ୍ରିକା, ବୋସନିଆ ଏବଂ ହେର୍ଜେଗୋଭିନା, କାମ୍ବୋଡିଆ, କାଜାକସ୍ତାନ, ଲାଓ, ସର୍ବିଆ ଓ ଟ୍ୟୁନିସିଆ ଆଦି ଦେଶକୁ ପତ୍ର ମାଧ୍ୟମରେ ଜଣାଇ ଦେଇଛନ୍ତି। ତେବେ ବାଣିଜ୍ୟ ଚୁକ୍ତିନାମା ନେଇ ଭାରତ ଆମେରିକା ସହ ବୁଝାମଣା ଚଳାଇଥିବାରୁ ଉକ୍ତ ତାଲିକାରୁ ବାଦ୍ ପଡ଼ିଛି। ଭାରତ ସମେତ ୨୬ଟି ଦେଶ ଉପରେ ରେସିପ୍ରୋକାଲ ଟାରିଫ୍ ଲଗାଇବାକୁ ଗତ ଏପ୍ରିଲ ୨ରେ ଟ୍ରମ୍ପ ଘୋଷଣା କରିଥିଲେ। ତେବେ ବାଣିଜ୍ୟ ସହଯୋଗୀମାନଙ୍କୁ ବୁଝାମଣା ପାଇଁ ୯୦ ଦିନ ସମୟ ଦେବାକୁ ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେବା ସହ ଜୁଲାଇ ୯କୁ ଶେଷ ତାରିଖ ଧାର୍ଯ୍ୟ କରିଥିଲା। ଏହି ସମୟସୀମାକୁ ଅଗଷ୍ଟ ୧ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

## ଗୋପାଳ ଖେମ୍‌କା ହତ୍ୟାକାଣ୍ଡ: ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

ପାଟନା, ୮।୭

ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟାକାଣ୍ଡରେ ମଙ୍ଗଳବାର ବିହାର ପୋଲିସକୁ ସଫଳତା ମିଳିଛି। ପାଟନାର ମାଲ୍ ସଲାମି ଅଞ୍ଚଳରେ ପୋଲିସ ସହ ଗୁଳିବିନିମୟ ବେଳେ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ବିକାଶ ଓରଫ୍ ରାଜା (୨୯) ପ୍ରାଣ ହରାଇଛି। ବିକାଶଙ୍କୁ ଗିରଫ କରିବାକୁ ପୋଲିସ ପହଞ୍ଚିଥିବାବେଳେ ସେ ଗୁଳି ଚଳାଇଥିଲେ। ପୋଲିସର ପାଲଟା ଗୁଳିରେ ତାଙ୍କର ମୃତ୍ୟୁ ହୋଇଛି। ଶୁଟର ଉମେଶଙ୍କୁ ପୂର୍ବରୁ ଗିରଫ କରାଯାଇଛି।

## ୨ ଭିନ୍ନକ୍ଷମ ଝିଅଙ୍କ ପାଇଁ ଉପଯୁକ୍ତ ଘର ମିଳିବାରେ ସମସ୍ୟା ହେଉଛି: ଜଷ୍ଟିସ୍ ଚନ୍ଦ୍ରଚୂଡ଼

ନୂଆଦିଲ୍ଲୀ, ୮।୭

ବର୍ଷକ ପୂର୍ବେ ଦେଶର ପ୍ରଧାନ ବିଚାରପତି ଥିବାବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ନିଜ ମନ୍ତବ୍ୟ ଏବଂ ରାୟ ପାଇଁ ସର୍ବଦା ଗଣମାଧ୍ୟମରେ ଚର୍ଚ୍ଚିତ ରହିଥିଲେ। ତାଙ୍କୁ ଦିଆଯାଇଥିବା ସରକାରୀ ଘର ଖାଲି କରାଇବାକୁ ସୁପ୍ରିମକୋର୍ଟ ରବିବାର କେନ୍ଦ୍ର ସରକାରଙ୍କୁ ଜଣାଇବା ପରେ ସେ ପୁଣିଥରେ ଖବର ଶିରୋନାମା ମଣ୍ଡନ କରିବା ସହ ସୋସିଆଲ ମିଡିଆରେ ଟ୍ରୋଲ ହୋଇଛନ୍ତି। ତେବେ ସେ ନିଜର ସାଧାରଣ ଦାୟିତ୍ୱ ସମ୍ପର୍କରେ ସଚେତନ ଅଛନ୍ତି ଏବଂ ସରକାରୀ ଘରକୁ ଧରିରଖିବାର କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ଚନ୍ଦ୍ରଚୂଡ଼ ଗଣମାଧ୍ୟମକୁ କହିଛନ୍ତି। ୨ ଭିନ୍ନକ୍ଷମ ଝିଅଙ୍କ ପାଇଁ ଉପଯୁକ୍ତ ଘର ପାଇବାରେ ସେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି। ୨ ଝିଅ ପ୍ରିୟଙ୍କା ଏବଂ ମାହି ବିରଳ ଗୁଣସୂତ୍ର ଅସଙ୍ଗତିଜନିତ ମ୍ୟୋପାଥିରେ ପୀଡ଼ିତ, ଯେଉଁଥିରେ କଙ୍କାଳ ମାଂସପେଶୀ ପ୍ରଭାବିତ। ଏହାର କୌଣସି ଚିକିତ୍ସା ନାହିଁ। ସେମାନଙ୍କ ଉପରେ ୨୪ ଘଣ୍ଟା ନଜର ରଖିବା ସହ ଚଳିବାରେ ସୁବିଧା ପାଇଁ ଉପଯୁକ୍ତ ଘରର ଆବଶ୍ୟକତା ରହିଛି। ସେହି କାରଣରୁ ସରକାରୀ ଘର ଖାଲି କରିବାରେ ସମସ୍ୟା ହୋଇଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଜଣାଇଛନ୍ତି।

## ଅହମଦାବାଦ ବିମାନ ଦୁର୍ଘଟଣା: ପ୍ରାଥମିକ ରିପୋର୍ଟ ଦାଖଲ କଲା ଏଏଆଇବି

ନୂଆଦିଲ୍ଲୀ, ୮।୭



ଅହମଦାବାଦରେ ଗତ ଜୁନ୍ ୧୨ରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଏହାର ପ୍ରାଥମିକ ରିପୋର୍ଟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଚଳିତ ସପ୍ତାହରେ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ରିପୋର୍ଟରେ କ'ଣ ଅଛି, ତାହା ଜଣାପଡ଼ି ନ ଥିବାବେଳେ ଦୁର୍ଘଟଣାର କାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦିଆଯାଇଥିବା ବିଶ୍ୱାସ କରାଯାଉଛି। ସୂଚନାଯୋଗ୍ୟ, ଜୁନ୍ ୧୨ରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଉଡ଼ାଣ ଆରମ୍ଭ କରିବାର ମାତ୍ର କେଇ ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ମୋଟ ୨୭୪ ଜଣଙ୍କ ମୃତ୍ୟୁ ଘଟିଥିଲା।

ଏଆଇ୧୭୧ ବିମାନ ଦୁର୍ଘଟଣା ସମ୍ପର୍କରେ ସଂସଦୀୟ କମିଟି ମଙ୍ଗଳବାର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏୟାରଲାଇନ, ବିମାନବନ୍ଦର ପ୍ରତିନିଧିଙ୍କୁ ବିଭିନ୍ନ ପ୍ରଶ୍ନ କରିଛି। ସରକାରୀ ଭିତ୍ତିଭୂମି ଓ ଅନ୍ୟାନ୍ୟ ସାର୍ବଜନିକ ଉପଯୋଗ ଉପରେ ଶୁଳ୍କ ଓ ନିୟାମକ ଦେୟ ଆଦିକୁ ନେଇ ପ୍ରଶ୍ନ କରାଯାଇଥିଲା। ବୈଠକରେ ଏୟାରଇଣ୍ଡିଆ ସିଇଓ କ୍ୟାମ୍ପବେଲ୍ ୱିଲ୍‌ସନ ଉପସ୍ଥିତ ଥିଲେ।

## ଫୁରସତ୍


ରିଷଭ ଶେଟ୍ଟୀ

### ଅକ୍ଟୋବର ୨ରେ 'କାନ୍ତାରା ଚାପ୍ଟର ୨'

**୬ ଭାଷାର ରିଲିଜ ହେବ**

ବେଙ୍ଗାଲୁରୁ

୨୦୨୨ରେ ରିଲିଜ୍ ହୋଇଥିବା ଅଭିନେତା ରିଷଭ ଶେଟ୍ଟୀଙ୍କ 'କାନ୍ତାରା'କୁ ଦର୍ଶକଙ୍କ ବହୁ ଭଲ ପାଇବା ମିଳିଥିଲା। ଏବେ ଏହାର ପ୍ରିକ୍ୱେଲ 'କାନ୍ତାରା ଚାପ୍ଟର ୨' ରିଲିଜ୍ ହେବାକୁ ଯାଉଛି, ଯାହାକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଜବରଦସ୍ତ କ୍ରେଜ୍ ଲାଗିରହିଛି। ସୋମବାର ଅଭିନେତାଙ୍କ ୪୨ତମ ଜନ୍ମଦିନ ଅବସରରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'କାନ୍ତାରା ଚାପ୍ଟର ୨'ର ନୂତନ ପୋଷ୍ଟର ଜାରି କରାଯାଇ ରିଷଭଙ୍କ ପ୍ରଶଂସକଙ୍କୁ ଉପହାର ଦିଆଯାଇଛି। ଏଥିରେ ରିସଭଙ୍କ ଜବରଦସ୍ତ ଆକ୍ସନ ଅବତାର ଦେଖିବାକୁ ମିଳିଛି। ଉକ୍ତ ପୋଷ୍ଟର ସହ ଫିଲ୍ମର ଶୁଟିଂ ଶେଷ ହୋଇଥିବା ନେଇ ଘୋଷଣା କରାଯାଇଛି। କ୍ୟାପ୍‌ଶନ୍‌ରେ ଲେଖାହୋଇଛି, ଯେଉଁଠାରେ କିମ୍ବଦନ୍ତୀ ଜନ୍ମ ହୋଇଥାନ୍ତି, ସେଠାରେ ବନ୍ୟପ୍ରାଣୀଙ୍କ ଗର୍ଜନ ପ୍ରତିଧ୍ୱନିତ ହୋଇଥାଏ। ଆସନ୍ତା ଅକ୍ଟୋବର ୨ରେ 'କାନ୍ତାରା ଚାପ୍ଟର ୨' ରିଲିଜ୍ ହେଉଛି। ଏହି କନ୍ନଡ଼ ଭାଷୀ ଫିଲ୍ମ ଡବଡ୍ ଭର୍ଜନରେ ତେଲୁଗୁ, ହିନ୍ଦୀ, ତାମିଲ, ବେଙ୍ଗଲୀ ଏବଂ ମାଲୟାଲମ ଭାଷାରେ ମଧ୍ୟ ରିଲିଜ୍ ହେବ। ରିଷଭ୍ ନିଜେ କାନ୍ତାରା ଚାପ୍ଟର ୨' ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି।

### କୁମ୍ଭୀର ସହ ବିବାହ


**ଭଲ ଫସଲ, ବର୍ଷା ପାଇଁ ୨୩୦ ବର୍ଷ ଧରି ଜାରି ରହିଛି ପରମ୍ପରା**

ମେକ୍ସିକୋ ସିଟି



ମେକ୍ସିକୋର ଦକ୍ଷିଣ ଓକ୍ସାକା ରାଜ୍ୟରେ ଅବସ୍ଥିତ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ଗତ ୨୩୦ ବର୍ଷ ଧରି ପ୍ରତି ବର୍ଷ ଏକ ଅନନ୍ୟ ପରମ୍ପରାକୁ ପାଳନ କରାଯାଇଆସୁଛି, ଯାହା ସମ୍ପ୍ରତି ସାରାବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏଠାକାର ମେୟର ଡାନିଏଲ୍ ଗୁଟିରେଜ୍ ଗତ ୩୦ ତାରିଖରେ ପ୍ରତୀକାତ୍ମକ ଭାବେ ଏକ ମାଈ କୁମ୍ଭୀର ସହ ବିବାହ କରିଛନ୍ତି। ସ୍ଥାନୀୟ ଚୋଣ୍ଟାଲ ଏବଂ ହୁଆଭେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏକତାର ପ୍ରତୀକ ଭାବେ ଏହି ଅନନ୍ୟ ପରମ୍ପରାକୁ ନିଭା ଯାଇଥାଏ। ସେହିପରି ଉକ୍ତ ଅଞ୍ଚଳରେ ଭଲ ଫସଲ, ବର୍ଷା ଏବଂ ଲୋକଙ୍କ ସମୃଦ୍ଧି କାମନା କରିବା ପାଇଁ ମଧ୍ୟ ଏହି ପରମ୍ପରାକୁ ପାଳନ କରାଯାଇଥାଏ। ଏହି ରଙ୍ଗିନ ଉତ୍ସବରେ ଏକ ମାଈ କୁମ୍ଭୀରକୁ କନ୍ୟା ପରି ଧଳା ରଙ୍ଗର ବିବାହ ଗାଉନ୍ ପିନ୍ଧା ଯାଇଥିଲା। ସେହିପରି ମେୟର ଡାନିଏଲ୍ କୁମ୍ଭୀରର କପାଳକୁ ଚୁମ୍ବନ ଦେବା ସହ ଖୁସିରେ ସ୍ଥାନୀୟ ଲୋକଙ୍କ ସହ ନାଚିଥିଲେ।

ସ୍ଥାନୀୟ ଲୋକକଥା ଅନୁଯାୟୀ, ଚୋଣ୍ଟାଲ ରାଜା ହୁଆଭେ ରାଜକୁମାରୀଙ୍କୁ ବିବାହ କରିଥିଲେ, ଯାହା ଦୁଇ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘକାଳୀନ ଦ୍ୱନ୍ଦ୍ୱର ଅନ୍ତ ଘଟାଇଥିଲା। ତେଣୁ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ହେଉଥିବା ଏହି ପ୍ରତୀକାତ୍ମକ ବିବାହରେ ମେୟର ଚୋଣ୍ଟାଲ ରାଜାଙ୍କ ପ୍ରତିନିଧିତ୍ୱ କରୁଥିବାବେଳେ ହୁଆଭେ ରାଜକୁମାରୀଙ୍କୁ ଏକ କୁମ୍ଭୀର ରୂପେ ଦର୍ଶାଯାଇଥାଏ। ଏହି ପରମ୍ପରା ପୃଥିବୀ ମା' ଏବଂ ମାନବଜାତି ମଧ୍ୟରେ ରହିଥିବା ସମ୍ପର୍କକୁ ଦର୍ଶାଇ ଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ଏହି ଅନନ୍ୟ ଉତ୍ସବରେ ବିବାହ କରୁଥିବା କୁମ୍ଭୀରକୁ ପ୍ରାରମ୍ଭରେ ସ୍ଥାନୀୟ ଲୋକମାନେ 'ଲା ନିନା ପ୍ରିନ୍ସେସା (ଛୋଟ ରାଜକୁମାରୀ)' ଡାକିଥାନ୍ତି। ସୁରକ୍ଷା ପାଇଁ ଏବଂ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କୁମ୍ଭୀରର ମୁହଁକୁ ଏକ ରିବନରେ ବାନ୍ଧି ଦିଆଯାଇଥାଏ। ଉତ୍ସବର ଗୋଟିଏ ଦିନ ପୂର୍ବରୁ କୁମ୍ଭୀରକୁ ଆନୁଷ୍ଠାନିକ ଭାବରେ ଏକ ନାମ ଦିଆଯାଏ। ଚଳିତ ବର୍ଷ ବିବାହ କରିଥିବା କୁମ୍ଭୀରର ନାମ ମିଗୁଏଲାନା ଏଷ୍ଟେଲା ଡେଲ୍ ମାର୍ ଜାଭାଲେଟା ରାମିରେଜ୍ ରଖାଯାଇଥିଲା। ଗତ ୩୦ରେ ଏହି ବିବାହ ସମାରୋହ ସହରର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସ୍ଥାନୀୟ ଲୋକ, ସଂଗୀତଜ୍ଞ ଏବଂ ନୃତ୍ୟଶିଳ୍ପୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ।




# ବେଆଇନ ବାଣ କାରଖାନାରେ ଅଗ୍ନିକାଣ୍ଡ

- ବିସ୍ଫୋରଣରେ ଥରି ଉଠିଲା ୨ କି.ମି. ଅଞ୍ଚଳ
- ଲକ୍ଷାଧିକ ଟଙ୍କାର ବାଣ ଭସ୍ମୀଭୂତ, ପୋଲିସର ତନାଘନା

ମହାକାଳପଡ଼ା,୮।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କେବିଦାଣ୍ଡିଆ ପଞ୍ଚାୟତ ପଙ୍କପାଳ ଗ୍ରାମରେ ଥିବା ଏକ ବେଆଇନ ବାଣ କାରଖାନାରେ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ବାଣ ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡ ଯୋଗୁ ଗଚ୍ଛିତ ଥିବା ବାଣ ବିସ୍ଫୋରଣ ଘଟିଥିଲା । ଏହି ଶବ୍ଦ ପ୍ରାୟ ୨ କିମି ଦୂର ପର୍ଯ୍ୟନ୍ତ ଶୁଭିଥିଲା। ବିଶେଷ କରି ମୋଡ଼, ବେଣାକନ୍ଧା, ବଗଗହଣ ଓ ବଡ଼ ଦାଣ୍ଡିଆ ଅଞ୍ଚଳର ଲୋକମାନେ କ'ଣ ଘଟିଲା ବୋଲି ଘର ଭିତରୁ ପଦାକୁ ଧାଇଁ ଆସିଥିଲେ। ଅଗ୍ନିଶମବାହିନୀ ଓ ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ତନ୍ତିଆପାଳ ସାମୁଦ୍ରିକ ଥାନା ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଏହି ପଙ୍କପାଳ ଗ୍ରାମରେ ୨୦୦୭ରେ ବାଣ ବିସ୍ଫୋରଣ ଘଟି ଅଶ୍ୱିନ ମଣ୍ଡଳ ଓ ତାଙ୍କ ପୁଅ ରଞ୍ଜନ ମଣ୍ଡଳଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏହାପରେ କିଛି ବର୍ଷ ଏପରି ବେଆଇନ ବାଣ ତିଆରି ବନ୍ଦ ରହିଥିଲା । ହେଲେ ପୁନର୍ବାର ସେହି ଗ୍ରାମରେ ଅମଲ ମଣ୍ଡଳ ଓ ଅସୀମ ମଣ୍ଡଳଙ୍କ ପରିବାର ବାଣ ତିଆରି କରି ବିବାହ, ବ୍ରତ ଓ ଅନ୍ୟାନ୍ୟ ପର୍ବପର୍ବାଣିରେ ବିକ୍ରି କରୁଥିଲେ । ତନ୍ତିଆପାଳ ସାମୁଦ୍ରିକ ଥାନା ଦାୟିତ୍ୱରେ ଥିବା ଅଧିକାରୀ ଦେବାଶିଷ ତିର୍କୀ କହିଛନ୍ତି, ଅଭିଯୋଗ ମିଳିଛି। ପୋଲିସ ତଦନ୍ତ ଆରମ୍ଭ କରିଛି । ରାଜସ୍ୱ ନିରୀକ୍ଷକ ସାହୁ କହିଛନ୍ତି, ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ସେହି କାରଖାନା ଗାଁଠାରୁ ଦୂରରେ ଥିବାରୁ ଅନ୍ୟ କାହାର କ୍ଷୟକ୍ଷତି ଘଟିନାହିଁ।


ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବାଣ କାରଖାନା।

# ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି

## ପ୍ରଶାସନିକ ଅଧିକାରୀଙ୍କୁ ୫୦କୋଟିର ଟେଣ୍ଡର କ୍ଷମତା

ଭୁବନେଶ୍ୱର, ୮।୭ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଟେଣ୍ଡର ନିଲାମବେଳେ ପୂର୍ବରୁ ଅଧିକାରୀଙ୍କୁ ଯେଉଁ ଆର୍ଥିକ କ୍ଷମତା ଦିଆଯାଇଥିଲା ତାକୁ ଏବେ ସରକାର ବୃଦ୍ଧି କରିଛନ୍ତି। ଏପରିକି ବିଭିନ୍ନ କାର୍ଯ୍ୟର ଟେଣ୍ଡର ବେଳେ ଆକଳନ ଖର୍ଚ୍ଚ(ଏଷ୍ଟିମେଟେଡ୍ କଷ୍ଟ) ୫୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷମତା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଯଦି କୌଣସି କାମର ଆନୁମାନିକ ଖର୍ଚ୍ଚ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଥାଏ ଏବଂ ଟେଣ୍ଡର ଦ୍ୱାରା ଦିଆଯାଇଥିବା ମୂଲ୍ୟ ଆନୁମାନିକ ଖର୍ଚ୍ଚଠାରୁ ୧୦% କିମ୍ବା ତାହାଠାରୁ ଅଧିକ ରହିଥାଏ, ତେବେ ନିଲାମ ଦେବା ପୂର୍ବରୁ ସଂପୃକ୍ତ ଅଧିକାରୀଙ୍କୁ ଆଉ ପରବର୍ତ୍ତୀ ଉଚ୍ଚ ଅଧିକାରୀଙ୍କ ଅନୁମୋଦନ ନେବା ଆବଶ୍ୟକ ହେବ। ତେବେ ଯେଉଁ କ୍ଷେତ୍ରରେ ପ୍ରଶାସନିକ ବିଭାଗ (ଆଡ୍‌ମିନିଷ୍ଟ୍ରେଟିଭ୍ ଡିପାର୍ଟମେଣ୍ଟ)ର ସଂପୃକ୍ତ ଅଧିକାରୀ ଭାବେ ନିଲାମ କାର୍ଯ୍ୟ କରିବେ ସେକ୍ଷେତ୍ରରେ ପରବର୍ତ୍ତୀ ଉଚ୍ଚ ଅଧିକାରୀଙ୍କର ଅନୁମୋଦନ ଦରକାର ପଡ଼ିବ ନାହିଁ।

ଅର୍ଥ ବିଭାଗ ପକ୍ଷରୁ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ-୨୦୨୩ର ସଂଶୋଧନ ନିୟମ ଅନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏଣିକି ଏହି ନିୟମ ଅନୁଯାୟୀ ବିଭିନ୍ନ କାର୍ଯ୍ୟର ଟେଣ୍ଡର କରିପାରିବେ କିମ୍ବା ଦ୍ରବ୍ୟ କ୍ରୟ କରିପାରିବେ ବୋଲି ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି।

ଅର୍ଥ ବିଭାଗର ସଂଶୋଧିତ ନିୟମ ଅନୁଯାୟୀ, ପ୍ରଶାସନିକ ବିଭାଗଗୁଡ଼ିକ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କରିପାରିବେ। ସଂପୃକ୍ତ ବିଭାଗୀୟ ଅଧିକାରୀ ନିଜେ ଟେଣ୍ଡର ଗ୍ରହଣ କରିବା ସହ ଆଉ ଉଚ୍ଚ ଅଧିକାରୀଙ୍କୁ ଫାଇଲ ପ୍ରେରଣ କରିବାକୁ ପଡ଼ିବନାହିଁ। ସେହିପରି ଯଦି ସର୍ବୋଚ୍ଚ ଯନ୍ତ୍ରୀ କୌଣସି କାର୍ଯ୍ୟରେ ଟେଣ୍ଡର କରୁଛନ୍ତି ତେବେ ସେ କ୍ଷେତ୍ରରେ ଆବଶ୍ୟକସ୍ଥଳେ ବିଭାଗର ପ୍ରଶାସନିକ ଅଧିକାରୀଙ୍କଠାରୁ ଅନୁମତି ନେଇପାରିବେ। ସର୍ବୋଚ୍ଚ ଯନ୍ତ୍ରୀଙ୍କ କ୍ଷମତା ୭ କୋଟିରୁ ୧୦ କୋଟି ମଧ୍ୟରେ ରଖାଯାଇଛି। ମୁଖ୍ୟଯନ୍ତ୍ରୀମାନଙ୍କୁ ଟେଣ୍ଡର କ୍ଷମତା ୪ରୁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୧ରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡର କ୍ଷମତା ପ୍ରଦାନ କରାଯାଇଛି।

ତେବେ ପୂର୍ବରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ନିଲାମ ବେଳେ ଯଦି ନିଲାମ ଅର୍ଥରେ କୌଣସି ବ୍ୟତିକ୍ରମ ଦେଖାଦେଲା କିମ୍ବା ଅଧିକ ଫରକ ରହିଲା, ତେବେ ସେ କ୍ଷେତ୍ରରେ ସଂପୃକ୍ତ ବିଭାଗ ମନ୍ତ୍ରୀଙ୍କର ଅନୁମୋଦନ ଆବଶ୍ୟକ ପଡୁଥିଲା। ଅର୍ଥ ବିଭାଗର ଏହି ସଂଶୋଧିତ ନିୟମ ଅନୁଯାୟୀ, ଆଉ ଅର୍ଥ ବିଭାଗକୁ ଏସବୁ କ୍ଷେତ୍ରରେ ବାରମ୍ବାର ଫାଇଲ ଯିବନାହିଁ କି ବିଭାଗୀୟ ମୁଖ୍ୟ କିମ୍ବା ମନ୍ତ୍ରୀଙ୍କ ଅନୁମୋଦନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ସଂଶୋଧିତ ନିୟମ ଅନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏଣିକି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୌଣସି ଦ୍ରବ୍ୟ ସଂଗ୍ରହବେଳେ ଆଉ କୋଟେଶନ ଗ୍ରହଣ କରିବାକୁ ପଡ଼ିବନାହିଁ। ମାତ୍ର ସଂପୃକ୍ତ ଅଧିକାରୀଙ୍କୁ ଏକ ସାର୍ଟିଫିକେଟ୍ ଦେବାକୁ ପଡ଼ିବ, ଯେଉଁଥିରେ ସେ ଉଲ୍ଲେଖ କରିବେ ଯେ ଦ୍ରବ୍ୟ ଯେଉଁଠାରୁ କ୍ରୟ କରୁଛନ୍ତି ସଂପୃକ୍ତ ଭେଣ୍ଡର ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି। ଏହାବାଦ୍ ୨୫ ଲକ୍ଷ ଟଙ୍କାର ଦ୍ରବ୍ୟ କିମ୍ବା ସାମଗ୍ରୀ କ୍ରୟବେଳେ ଲୋକାଲ ପର୍ଚେଜ୍ କମିଟି ଜରିଆରେ କିଣାଯାଇ ପାରିବ। ଦ୍ରବ୍ୟ କ୍ରୟ ସମୟରେ ଲୋକାଲ ପର୍ଚେଜ୍ କମିଟିରେ ୩ ଜଣ ସଭ୍ୟଙ୍କ ଜରିଆରେ ଏହାର ମୂଲ୍ୟ ନିରୂପଣ ହେବ। ଉକ୍ତ କମିଟି ଯେଉଁ ମୂଲ୍ୟ ସ୍ଥିର କରିବ ସେନେଇ ସୁପାରିସ୍ କରିବେ। ତେବେ ଲୋକାଲ ପର୍ଚେଜ୍ କମିଟିର ଯେଉଁ ତିନିଜଣ ସଭ୍ୟ ଦ୍ରବ୍ୟ ସଂଗ୍ରହ କମିଟିରେ ରହିବେ ସେମାନେ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ଆବଶ୍ୟକ। ଏହିଭଳି ବିଭିନ୍ନ କ୍ଷେତ୍ରରେ ଅଧିକାରୀଙ୍କ କ୍ଷମତା ବଢ଼ାଯାଇଥିବା ନେଇ ଅର୍ଥ ବିଭାଗର ସଂଶୋଧିତ ନିର୍ଦ୍ଦେଶନାମାରେ କୁହାଯାଇଛି।

# ଦିଗପହଣ୍ଡିରେ ଡାଇରିଆ ନିୟନ୍ତ୍ରଣାଧୀନ: ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୮।୭ (ବନ୍ଦନା ସେଠୀ)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଉପ୍ତପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଡାଇରିଆ ଏବେ ନିୟନ୍ତ୍ରଣାଧୀନ ରହିଛି। ଏହି ରୋଗ ସଂକ୍ରମଣ ରୂପ ନେବା ପୂର୍ବରୁ ବ୍ୟାପକ ସଚେତନତା ଅଭିଯାନ, ଘରକୁ ଘର ନିରୀକ୍ଷଣ ଆଦି ମାଧ୍ୟମରେ ସ୍ଥିତିରେ ଦୃଶ୍ୟମାନ ସୁଧାର ଆସିଛି। ତେଣୁ ସଚେତନତା ଓ ବିଶୋଧନ କାର୍ଯ୍ୟ ଜାରି ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ୬ ତାରିଖଠାରୁ ମଙ୍ଗଳବାର ଅପରାହ୍ନ ସୁଦ୍ଧା ଉପ୍ତପଲ୍ଲୀ ଗ୍ରାମରେ ୧୧ଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସେହି ଗ୍ରାମରୁ ଆଉ କୌଣସି ନୂଆ ରୋଗୀ ହସ୍ପିଟାଲ ଆସିନାହାନ୍ତି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୬ଜଣଙ୍କ ମଧ୍ୟରୁ ୫ଜଣ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମସ୍ତ ୫ଜଣ ରୋଗୀଙ୍କୁ ସୁସ୍ଥ ହେବାପରେ ଡିସ୍‌ଚାର୍ଜ କରାଯାଇଛି। ଜଣେ ୫ବର୍ଷର ଶିଶୁର ଶ୍ୱାସ ସମ୍ବନ୍ଧିତ ଅସୁବିଧା ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଦିଆଯାଉଛି। ଅପରପକ୍ଷେ ଡାଇରିଆରେ ୨ଜଣଙ୍କର ମୃତ୍ୟୁ ଅଭିଯୋଗ ପରେ ପ୍ରାଥମିକ ତଦନ୍ତ କରାଯାଇଥିଲା। ତାହା ଡାଇରିଆଜନିତ ନ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱର୍ଗତ ଦାସ ଶବର ପ୍ରାୟ ୭୦ ବର୍ଷ ବୟସ୍କ ଥିଲେ। ତାଙ୍କର କଳାଝାଡ଼ା ରୋଗ ଯୋଗୁ ଜୁଲାଇ ୩ ସକାଳେ ତାଙ୍କର ଦେହାନ୍ତ ହୋଇଥିଲା। ଅନ୍ୟ ମୃତକ ହେଲେ ପ୍ରକାଶ ରାଇତିଆ। ତାଙ୍କ ପେଟରେ ଯନ୍ତ୍ରଣା ଓ ବାନ୍ତି ହେବାରୁ ଜୁଲାଇ ୭ରେ ସେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ବିଶେଷ ଚିକିତ୍ସା ନିମନ୍ତେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଦେହ ଭଲ ଲାଗୁଛି କହି ସେ ଘରକୁ ଫେରିଯାଇଥିଲେ। ରାତିରେ ଅଧିକ ଯନ୍ତ୍ରଣା ହେବାରୁ ଘରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଉଥିବା ବାଟରେ ମୃତ୍ୟୁବରଣ କରିଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।





# ବନ୍ଦ ହେବ ୩ ସବ୍‌ଜେଲ

## ଜିଲା ଜେଲରେ ମିଶିବ

ଭୁବନେଶ୍ୱର, ୮।୭(ସତ୍ୟଜିତ୍ ରାଉତ)

ରାଜ୍ୟର ୩ ଜିଲାରେ ଥିବା ୩ ସବ୍‌ଜେଲକୁ ବନ୍ଦ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭିତ୍ତିଭୂମି ଓ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ୩ ସବ୍‌ଜେଲକୁ ସ୍ଥାୟୀ ଭାବରେ ବନ୍ଦ କରି ଜିଲା ଜେଲରେ ମିଶ୍ରଣ କରାଯିବ। ଖଣ୍ଡପଡା ସବ୍‌ଜେଲକୁ ନୟାଗଡ଼ ଜିଲା ଜେଲ, ନୀଳଗିରି ସବ୍‌ଜେଲକୁ ବାଲେଶ୍ୱର ଜେଲ ଏବଂ ସୋହେଲା ସବ୍‌ଜେଲକୁ ବରଗଡ ଜେଲରେ ମିଶିବ। ଏହି ଜେଲଗୁଡ଼ିକୁ ବିଜ୍ଞାପିତ ଜେଲ ତାଲିକାରୁ ବାଦ୍ ଦିଆଯାଇଛି। ଏନେଇ ଜେଲ ଡିଜି ଆବଶ୍ୟକୀୟ ପଦକ୍ଷେପ ନେବେ। ସବ୍‌ଜେଲଗୁଡ଼ିକରେ ଥିବା ବିଚାରାଧୀନ କଏଦୀ ଏବଂ ଦୋଷୀ କଏଦୀଙ୍କୁ ଜିଲା ଜେଲଗୁଡ଼ିକୁ ସ୍ଥାନାନ୍ତର କରାଯିବ। ସରକାରୀ ରେକର୍ଡ ଅପଡେଟ୍ କରିବା ସହ କୋର୍ଟ, ଜିଲା ପ୍ରଶାସନ ଏବଂ ପୋଲିସ କର୍ତ୍ତୃପକ୍ଷ ସଂପୃକ୍ତ ପକ୍ଷଙ୍କୁ ଏନେଇ ସୂଚନା ଦେବେ।






# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର
- ସାଇକେଲ ରାଲି, ସ୍ଥାନ:ଏଫ୍‌ଏମ୍‌ୟୁ ଓଲ୍ଡ କ୍ୟାମ୍ପସ୍, ବାଲେଶ୍ୱର,ସମୟ:ସକାଳ ୭ଟା।
- ଆଲୁମିନି ମିଟ୍, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

### ଭଦ୍ରକ
- ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ ଚାରାରୋପଣ, ସ୍ଥାନ: ହମିରିବିନ୍ଧା ସରକାରୀ ବିଦ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

### ମୟୂରଭଞ୍ଜ
- ଅଖଣ୍ଡ ନାମ ସଙ୍କୀର୍ତ୍ତନ ଓ ସତ୍ୟନାରାୟଣ ପୂଜା,ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ, ରଘୁନାଥପୁର, ବାରିପଦା,ସମୟ: ସକାଳ ୮ଟା।
- ଚିନ୍ମୟ ମିଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର,ସ୍ଥାନ:ଚିନ୍ମୟ ଗୁରୁପାଦ ଆଶ୍ରମ, ମଧୁବନ ବାରିପଦା,ସମୟ:ସକାଳ ୮ଟା।
- ଏକ୍ସପୋ ଆଣ୍ଡ ଫନ୍ ଫେୟାର, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର
- ବିଇଏମ୍‌ସିର ସ୍ୱତନ୍ତ୍ର ବୈଠକ,ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### ଜଗତ୍‌ସିଂହପୁର
- ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଧର୍ମଘଟ, ସ୍ଥାନ: ରଙ୍ଗିଆଗଡ, ପାରାଦୀପ, ସମୟ: ସକାଳ ୬ ଟା।
- ପାରାଦୀପ ବନ୍ଦର ମିଳିତ ଶ୍ରମିକ ସଂଘ ସମନ୍ୱୟ କମିଟି ପକ୍ଷରୁ ଧର୍ମଘଟ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୬ ଟା।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଭରତପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ୧୭ ଦଫା ଦାବୀନେଇ ସାଧାରଣ ଧର୍ମଘଟ, ସ୍ଥାନ: ଚୋରଦା ବାଇପାସ, ସମୟ: ପୂର୍ବାହ୍ନ ୧୦ଟା।

### ରାୟଗଡ଼ା
- ୧୨ଟି ରାଷ୍ଟ୍ରୀୟ ଶ୍ରମିକ ସଙ୍ଗଠନର ଧର୍ମଘଟ, ସ୍ଥାନ: ରାୟଗଡ଼ାର ମଝିଗୌରୀ ମନ୍ଦିର ଛକ, ଶିରିଗୁଡା ଛକ, କପିଳାସ ଛକ, ସାଇ ଇଣ୍ଟରନ୍ୟାସନାଲ ଛକ, ସମୟ: ସକାଳ ୬ରୁ ସନ୍ଧ୍ୟା ୬ ଟା।

### ନବରଙ୍ଗପୁର
- ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଝରିଗାଁ ବ୍ଲକ, ସମୟ: ସକାଳ ୬ଟାରୁ ସନ୍ଧ୍ୟା ୬ଟା। ବିଜେଡିର
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗ୍ଲେଜ, ସମୟ : ପୂର୍ବାହ୍ନ ୧୦ଟା୩୦।

### ମାଲକାନଗିରି
- ଶ୍ରମିକ ସଙ୍ଗଠନର ଧର୍ମଘଟ, ସ୍ଥାନ: ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ ଟା
- ବନ ମହୋତ୍ସବ, ସ୍ଥାନ:ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସର୍ବ ଭାରତୀୟ ଧର୍ମଘଟ ଉପଲକ୍ଷେ ମୋଟର ସାଇକଲ ରାଲି, ସ୍ଥାନ : ଅଇଁଠାପାଲି ଛକ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରମିକ ସଙ୍ଗଠନର ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ ରାସ୍ତା, ସମୟ: ମଧ୍ୟାହ୍ନ ୧୨ଟା୩୦।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।

### ବଲାଙ୍ଗୀର
- ଭାରତ ବନ୍ଦ ଡାକରା ସମର୍ଥନରେ ଶ୍ରମିକ ସଙ୍ଗଠନର ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ଏଆଇଟିୟୁସିର ଧର୍ମଘଟ, ସ୍ଥାନ: ଭବାନୀପାଟଣା ନକଟିଗୁଡା ଛକ, ସମୟ: ସକାଳ ୭ଟା।
- କଳାହାଣ୍ଡି ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ଓରିଅନ ଛକ, ସମୟ: ସକାଳ ୮ଟା।

### ଦେବଗଡ଼
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଡ୍ରାଇଭର ମହାସଂଘର ଆନ୍ଦୋଳନ ଦ୍ୱିତୀୟ ଦିନରେ, ସ୍ଥାନ: ତରଭା ନୂତନ ବ୍ରିଜ୍ ଛକ, ସମୟ: ସକାଳ ୮ଟା।

### ନୂଆପଡ଼ା
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଔଷଧାଳୟ ୟୁନିଟ୍ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୫।

# କାର୍ଯ୍ୟକର୍ତ୍ତାଙ୍କ ଯୋଗୁ ସାଇନ୍‌ବୋର୍ଡ ପାର୍ଟି ଆଜି ସରକାରୀ ଦଳ: ମନମୋହନ

**ଭୁବନେଶ୍ୱର,୮।୭(ସୁନିତ୍ ମିଶ୍ର)**

ରାଜ୍ୟ ସଭାପତି ଭାବେ ଯେଉଁ ଦାୟିତ୍ୱ ମିଳିଛି ତାହା କେବଳ ମୋର ନୁହଁ, ଦଳରେ କାର୍ଯ୍ୟ କରୁଥିବା ସବୁ କାର୍ଯ୍ୟକର୍ତ୍ତାଙ୍କର ବୋଲି ରାଜ୍ୟ ଭାଜପାର ନୂଆ ସଭାପତି ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି, ସେମାନେ ପରିଶ୍ରମ କରି ନ ଥିଲେ, ଆମେ ସାଇନବୋର୍ଡ ପାର୍ଟିରୁ ସରକାରୀ ଦଳରେ ପହଞ୍ଚିପାରି ନ ଥାଆନ୍ତୁ। ୧୯୮୮ରେ ଭାଜପାକୁ ସାଇନ୍‌ବୋର୍ଡ ପାର୍ଟି କହି ଅପମାନିତ କରାଯାଉଥିଲା। ଏବେ ସରକାରୀ ଦଳ ଭୂମିକାକୁ ଭାଜପା ଆସିପାରିଛି। ଏହା ହେଉଛି ଏକମାତ୍ର ଦଳ, ଯେଉଁଠି ଜଣେ ଚା' ବିକାଳି ପ୍ରଧାନମନ୍ତ୍ରୀ, ଜଣେ ଶିଶୁମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି। ଦଳର କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଯୋଗୁ ବାରମ୍ବାର ଅପମାନକୁ ପ୍ରତିହତ କରି ଆଜି ଆମେ କ୍ଷମତା ହାସଲ କରିପାରିଛୁ।



କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ ମୋହନ ମାଝୀଙ୍କ ସରକାର ହୋଇ ନ ଥାନ୍ତା ବୋଲି ମନମୋହନ କହିଛନ୍ତି।

ଭାଜପାର ରାଜ୍ୟ ସଭାପତି ପଦ ଲାଗି ମନମୋହନ ସୋମବାର ଏକମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ମନମୋହନ ୪ର୍ଥ ଥର ଲାଗି ଭାଜପା ରାଜ୍ୟ ସଭାପତି ଦାୟିତ୍ୱ ପାଇଥିବା ବେଳେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବା ଲାଗି ଦଳୀୟ କାର୍ଯ୍ୟାଳୟ ଠାରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ମନମୋହନ ଆହୁରି କହିଛନ୍ତି, ଆର୍‌ଏସ୍‌ଏସ୍ ବିଚାରଧାରାକୁ ଆଗକୁ ନେବାକୁ ହେବ। ଯେଉଁମାନେ ଆମକୁ ବିରୋଧ କରୁଛନ୍ତି ସେମାନଙ୍କ ହ୍ୟାଙ୍ଗଓଭର ଯାଉନାହିଁ। ସେମାନେ ଏବେ ବିଚଳିତ ବୋଲି ମନମୋହନ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ନୀଳାଦ୍ରିବିଜେ ଅବସରରେ ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ୪ର୍ଥ ଥର ପାଇଁ ଦାୟିତ୍ୱ ନେଉଛନ୍ତି। ଏନେଇ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ମନମୋହନଙ୍କ ନେତୃତ୍ୱରେ ରାଜ୍ୟରେ ଭାଜପା ଝଣ୍ଡା ଉଡ଼ିଲା। ସେ ଏବିଭିପିରୁ କାମ କରି ବିଧାୟକ, ମନ୍ତ୍ରୀ, ସାଂସଦ ହେବା ସହ ୪ର୍ଥ ଥର ସଭାପତି ହୋଇ ଇତିହାସ ରଚିଛନ୍ତି। ମନମୋହନ ୪ର୍ଥ ଥର ସଭାପତି, ମୋହନ ମାଝୀ ୪ର୍ଥ ଥର ବିଧାୟକ, ଏହି ଯୋଡ଼ାକୁ ଘୋଡ଼ା ସରି ନୁହେଁ। ଭାଜପା ଓ ସରକାର ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ଭଳି। ଗୋଟିଏ ପଟେ ମନମୋହନଙ୍କ ନେତୃତ୍ୱରେ ସଙ୍ଗଠନ ଦାୟିତ୍ୱ ଅନ୍ୟପଟେ ମୋହନ ମାଝୀଙ୍କ ନେତୃତ୍ୱରେ ସରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଛନ୍ତି, ମନମୋହନଙ୍କ ନେତୃତ୍ୱରେ ସରକାର ଓ ସଙ୍ଗଠନ ଆଗକୁ ବଢ଼ିବ। ସରକାର ସହ ସଙ୍ଗଠନର ସମନ୍ୱୟ ବଢ଼ିବ। ପୁରୀ ଏମ୍‌ପି ସମ୍ବିତ ପାତ୍ର କହିଛନ୍ତି, ରାଜ୍ୟରେ ଏବେ ଟ୍ରିପଲ ଏମ୍ ସରକାର ଚାଲିଛି–ମୋଦି, ମୋହନ ଓ ମନମୋହନ ସରକାର। ଦଳ ପାଇଁ ମନମୋହନ ବଡ଼ ବଳିଦାନ ଦେଇଛନ୍ତି ବୋଲି ସମ୍ବିତ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ୨,୩୫୫ ଏକ୍ସ' ଆକାଉଣ୍ଟ...

ପ୍ରେସ୍ ସେନ୍‌ସରଶିପ୍ ଚିନ୍ତା ବଢ଼ିବାରେ ଲାଗିଛି। ତେଣୁ ପ୍ରଭାବିତ ୟୁଜର୍ସଙ୍କୁ କୋର୍ଟ ଜରିଆରେ ଆଇନଗତ ବିକଳ୍ପର ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଗତ ମେ'ରେ 'ଅପରେଶନ ସିନ୍ଦୂର' ବେଳେ ରଏଟର୍ସ ସମେତ ଅନେକ ଶହ ଅନ୍ୟ ଆକାଉଣ୍ଟକୁ ବ୍ଲକ୍ ପାଇଁ ଦାବି ହୋଇଥିଲା। ସେତେବେଳେ କିନ୍ତୁ ଏହାକୁ ବ୍ଲକ୍ କରାଯାଇ ନ ଥିଲା। ବର୍ତ୍ତମାନ ଏହା ଅପ୍ରାସଙ୍ଗିକ ହୋଇଯାଇଥିବାବେଳେ ରବିବାର ଦିନକ ପାଇଁ ଏହାର ଆକାଉଣ୍ଟ ବ୍ଲକ୍ କରାଯିବାର କାରଣ ଜଣାପଡ଼ିନାହିଁ। ଏହା ପୂର୍ବରୁ ମଧ୍ୟ ଏକ୍ସ' ଭାରତ ସରକାରଙ୍କ ବିରୋଧରେ କୋର୍ଟଙ୍କ ଆଶ୍ରୟ ନେଇଥିଲା। ଆଇଟି ଆକ୍ଟର ଧାରା ୭୯(୩) (ବି)କୁ କର୍ନାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା, ଯାହାର ଶୁଣାଣି ଜାରି ରହିଛି। ସେହିପରି ଧାରା ୬୯ଏ ଅନୁଯାୟୀ ଜାରି ହେଉଥିବା ନିର୍ଦ୍ଦେଶନାମାରେ ସ୍ୱଚ୍ଛତା ନ ଥିବା ଏବଂ ଏହା ଅଭିବ୍ୟକ୍ତି ସ୍ୱାଧୀନତାକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ୨୦୨୨ରେ ଏକ୍ସ' ଅଦାଲତଙ୍କ ଆଶ୍ରୟ ନେଇଥିଲା।

## ଶ୍ରୀମନ୍ଦିରକୁ ବିଜେ...

୪୫, ତିନିରଥ ସର୍ବାଙ୍ଗ ୧୨ଟା ୧୦, ମଧ୍ୟାହ୍ନ ଧୂପ ୧ଟା ୪୫, ମଇଲମ ଓ ବେଶ ହୋଇ ସନ୍ଧ୍ୟା ଆଳତି, ସନ୍ଧ୍ୟାଧୂପ ଶେଷ ପରେ ତିନି ରଥର ଘୋଡ଼ାଫିଟା ସହ ଚାରମାଳ ବନ୍ଧାଯାଇଥିଲା। ରଥରେ ମୁଦିରସ୍ତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟଠାରୁ ବିଳମ୍ବରେ ପହଣ୍ଡି ଆରମ୍ଭ ହୋଇଥିଲା। ବିଜେ କାହାଳୀ ବାଜିଥିଲା। ଦାରୁବିଗ୍ରହମାନେ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବିଡ଼ିଆମଣୋହୀ କରିବା ସହ ଆଳତି ବନ୍ଦାପନା କରିଥିଲେ। ପ୍ରଥମେ ରଥରୁ ମଦନମୋହନ, ରାମକୃଷ୍ଣ ଓ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟିପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୋଇଥିଲା। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଶ୍ରୀଜଗନ୍ନାଥ ରଥ ହଂସପଟା ନିକଟକୁ ଆସିବା ପରେ ଲକ୍ଷ୍ମୀଠାକୁରାଣୀଙ୍କୁ ମହାଜନ ସେବକମାନେ ହାତରେ ବିଜେ କରାଇଆଣି ଡମ୍ବରୁ ଉପରେ ବିଜେ କରାଇଥିଲେ। ପତିମହାପାତ୍ର ରଥରେ ମହାପ୍ରଭୁଙ୍କର ଏବଂ ଭେଟମଣ୍ଡପଠାରେ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କ ବନ୍ଦାପନା କରିଥିଲେ। ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥ ଆସିବା ପୂର୍ବରୁ ବନ୍ଦ ରଖାଯାଇଥିବା ସିଂହଦ୍ୱାରକୁ ଖୋଲି ଦିଆଯାଇଥିଲା। ମହାପ୍ରଭୁ ପହଣ୍ଡି ହୋଇ ଜୟବିଜୟ ଦ୍ୱାର ପାଖକୁ ଯାଇଥିଲେ। ବନ୍ଦ ଥିବା ଜୟବିଜୟ ଦ୍ୱାର ନିକଟରେ ବଚନିକା ହୋଇଥିଲା। ଏହାପରେ ଜୟବିଜୟ ଦ୍ୱାର ଖୋଲାଯାଇଥିଲା। ଭଣ୍ଡାରଘରଠାରେ ମହାଲକ୍ଷ୍ମୀଙ୍କ ପାଖରେ ମହାପ୍ରଭୁ ବିଜେ ହୋଇଥିଲେ। ଠାକୁର ଠାକୁରାଣୀଙ୍କ ଗଇଁଠାଳ ଫିଟାଯାଇଥିଲା। ବନ୍ଦାପନା ପରେ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଭୋଗ କରାଯାଇଥିଲା। ମହାପ୍ରଭୁ ଘଷାବିଡ଼ିଆ ମଣୋହୀ ହୋଇ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଅନ୍ୟାନ୍ୟ ନୀତି ସମ୍ପାଦନ ହୋଇଥିଲା।

## ଆଜି ଭାରତ ବନ୍ଦ...

ଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପାରେ। ବନ୍ଦ ଯୋଗୁ ଜନସେବା କ୍ଷେତ୍ର ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଉଥିବାବେଳେ ଶିକ୍ଷାନୁଷ୍ଠାନ ଓ ଘରୋଇ କାର୍ଯ୍ୟାଳୟ ଖୋଲା ରହିବ। ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ନାମରେ କେନ୍ଦ୍ର ସରକାର ଆର୍ଥିକ ନୀତି ଏବଂ ଶ୍ରମ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ଯାଉଛନ୍ତି, ଯାହା ଶ୍ରମିକ କର୍ମଚାରୀଙ୍କ ଅଧିକାରକୁ ଦୁର୍ବଳ କରିବା ସହ ସେମାନଙ୍କ ସାମୂହିକ ମୂଲଚାଲ କ୍ଷମତାକୁ ସଂକୁଚିତ କରିବ ଓ କାର୍ଯ୍ୟକ୍ଷେତ୍ର ଅଧିକ ଖରାପ ହେବ ବୋଲି ୟୁନିୟନଗୁଡ଼ିକ ଅଭିଯୋଗ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ ସେବାର ଘରୋଇକରଣ, ଆଉଟ୍‌ସୋର୍ସିଂ ନୀତି, ଶ୍ରମଶକ୍ତିର ଠିକାଦାରିତା ଆଦି ବିରୋଧରେ ଟ୍ରେଡ୍ ୟୁନିୟନଗୁଡ଼ିକ ଦୀର୍ଘଦିନ ହେଲା ଲଢ଼େଇ କରିଆସୁଛନ୍ତି। ପାର୍ଲାମେଣ୍ଟରେ ଗୃହୀତ ୪ ଲେବର କୋଡ୍ ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଚାପିଦେବା ଓ ପଙ୍ଗୁ କରିଦେବା ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା କାର୍ଯ୍ୟ ସମୟ ବୃଦ୍ଧି ପାଇବ। କର୍ମଚାରୀଙ୍କ ଧର୍ମଘଟ କରିବା ଅଧିକାର ରହିବ ନାହିଁ ଏବଂ ନିଯୁକ୍ତିଦାତାଙ୍କ ଦ୍ୱାରା ଶ୍ରମ ଆଇନର ଉଲ୍ଲଂଘନକୁ ଅପରାଧମୁକ୍ତ କରାଯିବ ବୋଲି ଫୋରମ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ବନ୍ଦ୍‌ରେ ସାମିଲ ହେଉଥିବା ସଂଗଠନ

ବନ୍ଦକୁ ସମର୍ଥନ କରୁଥିବା ଟ୍ରେଡ୍ ୟୁନିୟନଗୁଡ଼ିକ ହେଲେ ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ୍ ୟୁନିୟନ କଂଗ୍ରେସ(ଆଇଏନ୍‌ଟିୟୁସି), ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିୟନ କଂଗ୍ରେସ(ଏଆଇଟିୟୁସି), ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍), ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ (ସିଆଇଟିୟୁ), ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି), ଟ୍ରେଡ୍ ୟୁନିୟନ କୋଅର୍ଡିନେଶନ ସେଣ୍ଟର(ଟିୟୁସିସି), ସେଲ୍ଫ ଏମ୍ପ୍ଲଏଡ୍ ୱିମେନ୍ସ ଆସୋସିଏଶନ (ଏସ୍‌ଇଡବ୍ଲ୍ୟୁଏ), ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ କାଉନ୍‌ସିଲ୍ ଅଫ୍ ଟ୍ରେଡ୍ ୟୁନିୟନ (ଏଆଇସିସିଟିୟୁ), ଲେବର ପ୍ରୋଗ୍ରେସିଭ୍ ଫେଡେରେଶନ (ଏଲ୍‌ପିଏଫ୍) ଏବଂ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ କଂଗ୍ରେସ (ୟୁଟିୟୁସି)। ଏହା ବ୍ୟତୀତ କୃଷକ ଓ ଗ୍ରାମାଞ୍ଚଳ ଶ୍ରମିକ ସଂଗଠନ ମଧ୍ୟ ବନ୍ଦରେ ଯୋଗଦେବେ।

### ବନ୍ଦ ଯୋଗୁ ପ୍ରଭାବିତ ହେବାକୁ ଥିବା ସେକ୍ଟର

ଭାରତ ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା, ପୋଷ୍ଟାଲ ସେବା, କୋଇଲା ଖଣି ଖନନ ଏବଂ ଶିଳ୍ପାଞ୍ଚଳ ଶାଖା, ରାଜ୍ୟ ପରିଚାଳିତ ପରିବହନ ସେବା ପ୍ରଭାବିତ ହେବ। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ), ବିଭିନ୍ନ ସରକାରୀ ବିଭାଗ ଉପରେ ମଧ୍ୟ ବନ୍ଦ୍‌ର ପ୍ରଭାବ ପଡ଼ିବ। ତେବେ ବନ୍ଦ ପାଳନ ବେଳେ ସ୍କୁଲ୍ ଓ କଲେଜ ଖୋଲା ରହିବ। ଘରୋଇ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ କାର୍ଯ୍ୟ କରିବାକୁ ଥିବାବେଳେ ଟ୍ରେନ୍ ଚଳାଚଳ ବିଳମ୍ବିତ ହୋଇପାରେ ବୋଲି କୁହାଯାଇଛି। ରିପୋର୍ଟ ଅନୁଯାୟୀ, ପଣ୍ଡିଚେରି ଏବଂ ତାମିଲନାଡୁରେ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଥିବାରୁ ବସ୍ ସମେତ ସାଧାରଣ ପରିବହନ ସେବା ବାଧାପ୍ରାପ୍ତ ହେବ। ତେଣୁ ସେଠାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି।



ଟ୍ରେନ୍ ଧକ୍କାରେ ଦୁର୍ଘଟଣାଗ୍ରସ୍ତ ସ୍କୁଲ ବସ୍।

## ସ୍କୁଲ୍ ଭ୍ୟାନ୍‌କୁ ଧକ୍କା...

କ୍ରିଷ୍ଣାସ୍ୱାମୀ ବିଦ୍ୟାନିକେତନ ସ୍କୁଲ୍‌ର ଭ୍ୟାନ ସକାଳ ୭ଟା ୪୫ରେ କୁଡ୍ଡାଲୋର ଏବଂ ଆଲାପ୍ପକ୍କମ ମଧ୍ୟବର୍ତ୍ତୀ ୧୭୦ ନମ୍ବର ଲେବଲ କ୍ରସିଂ ଅତିକ୍ରମ କରୁଥିବାବେଳେ ଭିଲୁପୁରମ୍–ମେଇଲାଦୁଥୁରାଇ ପାସେଞ୍ଜର ଟ୍ରେନ୍ (ନଂ. ୫୬୮୧୩) ଏହାକୁ ଧକ୍କା ଦେଇଥିଲା। ସେତେବେଳେ ଟ୍ରେନ୍‌ର ବେଗ ଘଣ୍ଟାପ୍ରତି ୯୫ କିଲୋମିଟର ଥିଲା ବୋଲି ରେଲୱେର ଜଣେ ଅଧିକାରୀ କହିଛନ୍ତି। ମୃତ ପିଲାମାନେ ହେଲେ ସୁବ୍ରମଣିପୁରମ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଟି. ଚରୁମଥି, ଏକାଦଶ ଶ୍ରେଣୀରେ ପଢ଼ୁଥିବା ତାଙ୍କ ସାନଭାଇ ଟି. ଚେଜ୍ଜିଆନ୍ ଏବଂ ଥୋଣ୍ଡାମନାଥମ୍ ଅଞ୍ଚଳର ଷଷ୍ଠ ଶ୍ରେଣୀରେ ପଢ଼ୁଥିବା ଭି. ନିମିଲେଶ। ଚରୁମଥି ଏବଂ ନିମିଲେଶଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଚେଜ୍ଜିଆନ୍ କୁଡ୍ଡାଲୋର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଆଖି ବୁଜିଛନ୍ତି। ଅନ୍ୟ ୬ ଜଣ ଛାତ୍ର ଆହତ ହୋଇଛନ୍ତି। ନିମିଲେଶଙ୍କ ଭାଇ ଭି. ବିଶ୍ୱେଷ (ଏକାଦଶ ଶ୍ରେଣୀ), ଭ୍ୟାନ୍ ଡ୍ରାଇଭର ସି. ଶଙ୍କର(୪୭) ଏବଂ ସହାୟତା ପାଇଁ ଧାଇଁଯାଇଥିବା ସ୍ଥାନୀୟ ବାସିନ୍ଦା ଆନ୍ନାଦୁରାଇ(୫୦) ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଯୋଗୁ ଭୁଶୁଡ଼ି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ ତାର ସଂସ୍ପର୍ଶରେ ଆସି ଆନ୍ନାଦୁରାଇ ଗୁରୁତର ହୋଇଛନ୍ତି। ଟ୍ରେନ୍ ଆସୁଥିବାବେଳେ ଲେବଲ କ୍ରସିଂ ଗେଟ୍ ଖୋଲାଥିଲା ଓ ସେଠାରେ କେହି ଜଗୁଆଳି ସେତେବେଳେ ନ ଥିଲେ। ତେଣୁ ଟ୍ରେନ୍ ଆସୁଥିବା ଜାଣି ନ ପାରି ଭ୍ୟାନ୍ ଲେବଲ କ୍ରସିଂ ଅତିକ୍ରମ କରିବାକୁ ଉଦ୍ୟମ କଲାବେଳେ ଦୁର୍ଘଟଣା ଘଟିଥିଲା ବୋଲି ବର୍ତ୍ତିଯାଇଥିବା ଛାତ୍ର ବିଶ୍ୱେଷ ଏବଂ ଡ୍ରାଇଭର ଶଙ୍କର ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପକ୍ଷରେ ଜଗୁଆଳି ଗେଟ୍ ବନ୍ଦ କରିଥିବାବେଳେ ବିଳମ୍ବ ହେଉଥିବା ଦର୍ଶାଇ ଭ୍ୟାନ୍ ଡ୍ରାଇଭର ଅନୁରୋଧ କରିବାରୁ ସେ ଗେଟ୍ ଖୋଲିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସଦର୍ନ ରେଲୱେ ପକ୍ଷରୁ କୁହାଯାଇଛି। ରେଲୱେର ଉକ୍ତ ଅଭିଯୋଗକୁ ଡ୍ରାଇଭର ଏବଂ ଛାତ୍ର ବିଶ୍ୱେଷ ଖଣ୍ଡନ କରିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଗେଟ୍‌କିପର ପଙ୍କଜ ଶର୍ମାଙ୍କୁ ମାଡ଼ ମାରିଥିଲେ। ପୋଲିସ ପହଞ୍ଚି ତାଙ୍କୁ ସୁରକ୍ଷା ମଧ୍ୟରେ ପଣ୍ଡିଚେରି ମେଡିକାଲ କଲେଜକୁ ନେଇଯାଇଥିଲା।

## ଭୂସ୍ଖଳନରୁ ୬୭...

କୁକୁରର ଭୁକିବା ଶବ୍ଦ ଶୁଣି ନରେନ୍ଦ୍ର ଉଠିଯାଇଥିଲେ ଏବଂ ସେ ଦ୍ୱିତୀୟ ମହଲାକୁ ଯାଇ ଦେଖିବା ବେଳକୁ ତାଙ୍କ ଘରର କାନ୍ଥ ଫାଟିଯାଇଥିଲା ଏବଂ ଉକ୍ତ ଫାଟରୁ ଘର ମଧ୍ୟକୁ ପାଣି ପଶୁଥିଲା। ନରେନ୍ଦ୍ର ତୁରନ୍ତ ବିଚଳିତ ହୋଇ ନିଜ କୁକୁର ସହ ତଳକୁ ଯାଇ ପରିବାରର ଅନ୍ୟମାନଙ୍କୁ ଉଠାଇଥିଲେ। ଏହାପରେ ସେ ପଡ଼ୋଶୀ ଏବଂ ଗ୍ରାମର ଅନ୍ୟ ଲୋକଙ୍କୁ ଉଠାଇ ଲଗାଣ ବର୍ଷା ଯୋଗୁ ଘରଗୁଡ଼ିକର କାନ୍ଥ ଫାଟି ପାଣି ପଶୁଥିବା ନେଇ ସତର୍କ କରାଇଥିଲେ। ଫଳରେ ଭୂସ୍ଖଳନ ଭୟରେ ଗ୍ରାମବାସୀ ତୁରନ୍ତ ସେମାନଙ୍କ ଘରଛାଡ଼ି ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ସିଆଠୀ ଗ୍ରାମରେ ଭୂସ୍ଖଳନ ଘଟିଥିଲା, ଯାହାଫଳରେ ଗ୍ରାମର ଅଧିକାଂଶ ଘର ମାଟିରେ ମିଶିଯାଇଥିଲା।

ଗତ ୭ ଦିନ ଧରି ସିୟାଠୀ ଗ୍ରାମବାସୀମାନେ ନିକଟସ୍ଥ ତ୍ରିୟମ୍ବଲା ଗ୍ରାମର ନୈନାଦେବୀ ମନ୍ଦିରର ମୁଖଶାଳାରେ ସ୍ଥାପନ କରାଯାଇଥିବା ରିଲିଫ୍ ଶିବିରରେ ରହୁଛନ୍ତି। ଭୂସ୍ଖଳନରେ ଗ୍ରାମର ୨୬ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସମୁଦାୟ ୬୭ ଜଣ ପ୍ରଭାବିତ ହୋଇଛନ୍ତି। ସେହିପରି ଗ୍ରାମରେ ଥିବା ୭୬ ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ୨୦ ତାରିଖରେ ହିମାଚଳ ପ୍ରଦେଶରେ ମୌସୁମୀ ପହଞ୍ଚିବା ପରଠାରୁ ବନ୍ୟା ଏବଂ ଭୂସ୍ଖଳନ ପରି ବର୍ଷା ଜନିତ ବିଭିନ୍ନ କାରଣରୁ ବର୍ତ୍ତମାନ ସୁଦ୍ଧା ୭୮ ଜଣଙ୍କର ମୃତ୍ୟୁ ଘଟିସାରିଲାଣି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେ ଦେଶ ଯାଇ**
**ସେ ଫଳ ଖାଇ।**

ଦେଶ ଅନୁସାରେ ଅଚାରଣର ଭିନ୍ନତା। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳନ ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେଉଁ ଦେଶକୁ ଯିବ, ସେ ଦେଶର ନୀତିନିୟମରେ ଚଳିବାକୁ ହେବ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଯା' ନଣନ୍ଦରେ ଘର ମୋହର**
**ଯାହାକୁ କରିବି ଦୂର୍ ଦୂର୍**
**ସେ କରିବ ମତେ ସାତପର।**

ସାଧାରଣତଃ ବହୁ କୁଟୁମ୍ବରେ ରହୁଥିବା ବ୍ୟକ୍ତି ସମସ୍ତଙ୍କ ମନ ନେଇ ଚଳିବାକୁ ପଡ଼ିଥାଏ। ଆପଣାର ଲୋକଙ୍କୁ ଅବଜ୍ଞା କଲେ ବା ଦୂର୍ ଦୂର୍ କଲେ ସମ୍ପର୍କ ହାନି ହେବାର ଯଥେଷ୍ଟ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁ ମତାନ୍ତର, ଧନହାନି ଓ କାମରେ ପ୍ରତିରୋଧର ସମ୍ମୁଖୀନ ହେବେ। ପାରିବାରିକ ସମସ୍ୟା ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ପ୍ରିୟଜନଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମକାର୍ଯ୍ୟରେ ମନ ଦେବେ।

**ବୃଷ** – ଆଜି ରାଶ୍ୟାଧିପତି ସ୍ୱଗୃହରେ ରହିଥିବାରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଭୋଗବିଳାସ ପ୍ରତି ଆକର୍ଷିତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟାକଲେ ସଫଳତା ପାଇବେ। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବ। କର୍ମକ୍ଷେତ୍ରରେ କେହି ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇବେ।

**ମିଥୁନ** – ମୁଖଭାବରେ ବୁଧ ଆପଣଙ୍କ ମନର ଭାବ ଓ ଭାଷାକୁ କଠୋରକରି ସମସ୍ୟା ସୃଷ୍ଟି କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜକରି କାମ ଚଳାଇବାକୁ ବାଧ ହେବେ। ବନ୍ଧୁଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ମଉଳିଯାଇଥିବା ଆଶା କଅଁଳି ଉଠିବ। କର୍ମକ୍ଷେତ୍ରର ବିବାଦୀୟ କଥାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**କର୍କଟ** – ଆଜିର ଚନ୍ଦ୍ର ଷଷ୍ଠଭାବରେ ରହିଥିବାରୁ କୌଣସି ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂରହେବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନାହିଁ।

**ସିଂହ** – ରାଶ୍ୟାଧିପ ଲାଭଭାବରେ ଅବସ୍ଥାନ କରିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଶୀର୍ଷସ୍ଥାନରେ ରହିପାରନ୍ତି। କିନ୍ତୁ ଭୁଲ୍ ବୁଝାମଣା ଯୋଗୁ ବନ୍ଧୁମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟି ବନ୍ଧୁମିଳନ, ମୂଲ୍ୟବାନ୍ ଜିନିଷ କ୍ରୟ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ। ଅତ୍ୟାବଶ୍ୟକ କାର୍ଯ୍ୟ ସକାଶେ ଧାରକରଜ କରିବାକୁ ପଡ଼ିପାରେ।

**କନ୍ୟା** – ଏକାଦଶାଧିପ ଚନ୍ଦ୍ର କେନ୍ଦ୍ର ସ୍ଥାନରେ ଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହୋଇଯିବ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କିନ୍ତୁ ବନ୍ଧୁ ଗହଣରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରତିଯୋଗିତାଦି କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା** – ଭାଗ୍ୟାଧିପ କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ଆପଣଙ୍କ ଚେଷ୍ଟା ନିଷ୍ଫଳ ହେବନାହିଁ। କିନ୍ତୁ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବା ଆଶଙ୍କା ରହିଛି। ବନ୍ଧୁ ତଥା ପରିଜନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା ,ସାହିତ୍ୟ, ସଙ୍ଗୀତ ସାଧନାଦି ମନ୍ଦ ହେବନାହିଁ।

**ବିଛା** – ମୁଖଭାବରେ ଚନ୍ଦ୍ର ରହିଥିବାରୁ ଆପଣଙ୍କ ବ୍ୟବହାର ଲୋକପ୍ରିୟତା ବୃଦ୍ଧିକରିବ। ଯାତ୍ରା, ବାଣିଜ୍ୟ ଓ କାର୍ଯ୍ୟସାଧନ ଦିଗରେ ପ୍ରତିବନ୍ଧକ ରହିବ ନାହିଁ। ସମସ୍ୟା ଲାଗି ରହିଥିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ସଫଳତା ପ୍ରାପ୍ତହେବେ। ସତର୍କତା ରକ୍ଷା ନ କଲେ ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଅପମାନିତ ହୋଇପାରନ୍ତି।

**ଧନୁ** – ଅଷ୍ଟମାଧିପତି ରାଶିରେ ଥିବାରୁ କୌଣସି ସମସ୍ୟା ସମାଧାନ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ। ପଡ଼ୋଶୀଙ୍କ ସାହାଯ୍ୟ ହେତୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର** – ଦୁର୍ବଳ ଚତୁର୍ଥାଧିପଙ୍କ ସହ କେତୁଯୁକ୍ତ ଯୋଗୁ ଉଦ୍ଦେଶ୍ୟ ପୂରଣ କଷ୍ଟସାଧ୍ୟ ହୋଇପାରେ। ଇଚ୍ଛା କଲେ ମଧ୍ୟ କୌଣସି ମନସ୍ଥ ଜିନିଷ କିଣି ନ ପାରି ପସ୍ତେଇବେ। ଆଜିର ଯାତ୍ରା, ବ୍ୟବସାୟ, ପାରିବାରିକ ସ୍ଥିତି ଓ ବନ୍ଧୁସମ୍ପର୍କ ଉତ୍ତମ ରହିବ। ସାମୂହିକ ଆଲୋଚନା, ଧାର୍ମିକ ସଙ୍ଗଠନ, ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ଦୂରହେବ।

**କୁମ୍ଭ** – ଧନ ସ୍ଥାନରେ ଶନି ଆପଣଙ୍କୁ ନିରୁତ୍ସାହ କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ରିସ୍କ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ପ୍ରିୟଜନଙ୍କ ସହ ଆଜିର ପ୍ରାତଃ ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ମୀନ** – ଶୁଭଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ଆକର୍ଷଣୀୟ ଜିନିଷ ପ୍ରାପ୍ତିର ଯୋଗ ରହିଛି। କର୍ମକ୍ଷେତ୍ରରେ ବାରମ୍ବାର ଅସଫଳ ହେବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସନ୍ତାନଙ୍କ କୃତି ଓ କୃତିତ୍ୱଜନିତ ଗୌରବାନ୍ୱିତ ମନେକରିବେ। ସାହିତ୍ୟ, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ, ବୁଧବାର, ଶିବଶୟନ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର–ମୂଳା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭।୫୫ ଗତେ, ଘ.୦୮।୩୪ ମଧ୍ୟେ,୧୦।୧୩ ଗତେ, ଘ. ୧୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୩୦ ମଧ୍ୟେ ରାହୁକାଳ।

# ଶ୍ରମିକ ବିରୋଧୀ ନିଷ୍ପତ୍ତି ଅଗ୍ରହଣୀୟ

**କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ଆଭିମୁଖ୍ୟକୁ ବିରୋଧ କରି ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ସେମାନଙ୍କ ସହଯୋଗୀ ସଂଗଠନ ଜୁଲାଇ ୯ତାରିଖ ବୁଧବାର ଭାରତ ବନ୍ଦ ଡାକରା ଦେଇଛନ୍ତି। ଏଥିରେ ବ୍ୟାକିଙ୍ଗ, ବୀମା, ଡାକସେବାଠାରୁ ଆରମ୍ଭ କରି ବିଭିନ୍ନ ନିର୍ମାଣ କ୍ଷେତ୍ରରେ ନିୟୋଜିତ ପ୍ରାୟ ୨୫କୋଟିରୁ ଊର୍ଦ୍ଧ୍ୱ ଶ୍ରମିକ ଏବଂ କର୍ମଚାରୀ ସାମିଲ ହେବେ ବୋଲି କୁହାଯାଉଛି। କେନ୍ଦ୍ର ସରକାର ପୂର୍ବର ଶ୍ରମ ଆଇନ ପରିବର୍ତ୍ତନ କରି ଆଣିଥିବା ନୂତନ ୪ଟି ଶ୍ରମ କୋର୍ଡ ଲାଗୁ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା କର୍ପୋରେଟ ସପକ୍ଷବାଦୀ ବୋଲି ଶ୍ରମିକ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି। ସରକାରଙ୍କ ଶ୍ରମିକ ବିରୋଧୀ ନୀତି କେବେବି ଗ୍ରହଣୀୟ ନୁହେଁ ବୋଲି ବିଭିନ୍ନ ଶ୍ରମିକ ନେତାମାନେ ମତପ୍ରକାଶ କରିଛନ୍ତି।**



ଜୁଲାଇ ୯ରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମଞ୍ଚ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରରେ ବାହାରିଥିବା ମଶାଲ ଶୋଭାଯାତ୍ରା।

## ସରକାର ଦାବି ନ ମାନିଲେ ଆଗାମୀ ସ୍ଥିତି ଭୟାବହ ହେବ



କେନ୍ଦ୍ର ସରକାର ଶ୍ରମିକମାରଣ ନୀତି ଆପଣାଉଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବନ ଦୁର୍ବିଷହ ହୋଇପଡିଲାଣି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତି ୫ବର୍ଷରେ ଥରେ ମଜୁରି ବୃଦ୍ଧି କରାଯିବା ଦରକାର। ପ୍ରତ୍ୟେକ ବର୍ଷ ଇଣ୍ଡିଆନ୍ ଲେବର କନ୍‌ଫରେନ୍ସ ହେଉଥିଲା। ମାତ୍ର ମୋଦି ସରକାର ଆସିବା ପରେ ୨୦୧୪ ପରଠାରୁ ଏହା ହେଉନାହିଁ। ଶ୍ରମକୋଡ୍ ବାତିଲ, ଆଉଟ୍‌ସୋର୍ସିଂ ବନ୍ଦ, ଦରଦାମ ବୃଦ୍ଧି ବନ୍ଦ, ଜାତୀୟ ସମ୍ପଦର ଘରୋଇକରଣ ବନ୍ଦ, ସ୍କିଲ୍ ୱାର୍କରମାନଙ୍କୁ ଶ୍ରମିକର ମାନ୍ୟତା, ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା କରିବାକୁ ଦାବି ହେଉଛି। ସରକାର ନ ମାନିଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଭୟାବହ ହେବ।

**- ମହେନ୍ଦ୍ର ପରିଡ଼ା, ସଂଯୋଜକ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ**

## ଶ୍ରମିକ ମାରଣ ନୀତି ବନ୍ଦ ହେଉ



କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ୧୭ ଦଫା ଦାବି ନେଇ ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦିଆଯାଇଛି। ଟିୟୁସିସି ନେତୃତ୍ୱରେ ବାଲେଶ୍ୱରରେ ସମସ୍ତ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନରେ ସାମିଲ ହେବେ। ସମସ୍ତ ଗାଡ଼ିମୋଟର, କୋର୍ଟ କଚେରୀ, ସ୍କୁଲ କଲେଜ, ଟ୍ରେନ୍, ସରକାରୀ ଦପ୍ତର, ଶିଳ୍ପାନୁଷ୍ଠାନ, ମାର୍କେଟ୍, ଦୋକାନ ବନ୍ଦ ରହିବ। ଶ୍ରମିକ ବିରୋଧୀ ଶ୍ରମ ଆଇନ୍ ବାତିଲ, ଦରଦାମ ବୃଦ୍ଧି ହ୍ରାସ କରିବା ଆଦି ୧୭ ଦଫା ଦାବି ପୂରଣ ଦିଗରେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

**- ଗୌରାଙ୍ଗ ପାଣିଗ୍ରାହୀ, ଟିୟୁସିସିର ସାଧାରଣ ସମ୍ପାଦକ, ବାଲେଶ୍ୱର**

## ଶ୍ରମିକଙ୍କ ପ୍ରତିବାଦ କରିବାର ଅଧିକାର ରହିବ ନାହିଁ



କେନ୍ଦ୍ର ସରକାର ଶ୍ରମିକମାରଣ ନୀତି ଆପଣାଇ ଶ୍ରମ ଆଇନକୁ ପରିବର୍ତ୍ତନ କରି ଶ୍ରମ କୋଡ୍‌ରେ ପରିଣତ କରିଛନ୍ତି, ଯାହାକି ଶ୍ରମିକଙ୍କ ଅଧିକାରକୁ କ୍ଷୁଣ୍ଣ କରୁଛି। ଏହାଦ୍ୱାରା ଶ୍ରମିକମାନଙ୍କ ଧର୍ମଘଟ କିମ୍ବା ପ୍ରତିବାଦ କରିବାର ଅଧିକାର ରହିବ ନାହିଁ। ସଂଘର ଦାବି ପ୍ରତି କେନ୍ଦ୍ର ସରକାର ବିଚାର କରନ୍ତୁ।

**- ରଘୁନାଥ ପଣ୍ଡା, ସଭାପତି, ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ**

## ଶ୍ରମିକ ବିରୋଧୀ ଆଇନ ରଦ୍ଦ ହେଉ



ସ୍ୱାଧୀନତାର ବହୁ ପୂର୍ବରୁ ଶ୍ରମିକମାନେ ଲଢ଼େଇ କରି ଟ୍ରେଡ୍ ୟୁନିୟନ ଗଠନ କରିବାର ଅଧିକାର, ବୋନସ୍, ପେନ୍‌ସନ ଆଦି ଆଇନଗତ ଅଧିକାର ପାଇଥିଲେ। ଏବେ ସେହି ସମସ୍ତ ୧୫ଟି ଆଇନକୁ ସଂଶୋଧନ କରି କେନ୍ଦ୍ର ସରକାର ଶ୍ରମିକ ବିରୋଧୀ ୪ଟି କୋଡ୍ ଲାଗୁ କରିଛନ୍ତି। ସେହିପରି ଦରଦାମ୍ ଅହେତୁକ ଭାବେ ବଢ଼ୁଛି। ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରଣୟନ କରି ୟୁନିଟ୍ ପିଛା ୯ ଟଙ୍କା କରିବେ ଏବଂ ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରିବେ। ଆଦାନୀ, ଅମ୍ବାନୀ ପରି ଧନୀ ଶ୍ରେଣୀର ଲୋକଙ୍କ ଋଣ ଛାଡ଼ କରାଯାଉଥିବା ବେଳେ ସାଧାରଣ ଲୋକଙ୍କ ନିକଟରୁ ଟ୍ୟାକ୍ସ ଆଦାୟ କରାଯାଉଛି। ବ୍ୟାଙ୍କ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ କର୍ପୋରେଟ୍ କମ୍ପାନୀଙ୍କୁ ସରକାର ହସ୍ତାନ୍ତର କରୁଛନ୍ତି। ତେଣୁ ଏଭଳି ଶ୍ରମିକ ବିରୋଧୀ ଆଇନ ରଦ୍ଦ କରିବା ଦାବିରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି।

**- ଦିବ୍ୟସିଂହ ନାୟକ, ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତିର ଜିଲ୍ଲା ସଭାପତି, ଭଦ୍ରକ**

## ରାଜ୍ୟ, କେନ୍ଦ୍ର ସରକାରଙ୍କ ଅସଫଳତାର ପ୍ରତିବାଦ କରାଯିବ



କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଭାରତ ସରକାରଙ୍କ ଅଧୀନରେ ଥିବା ବନ୍ଦର, ଏୟାରପୋର୍ଟ ଭଳି ବହୁ ଉଦ୍ୟୋଗ ଏବେ ଆଦାନୀ, ଅମ୍ବାନୀ ଭଳି କମ୍ପାନୀ ହାତରେ ରହିଛି। ଦେଶରେ ଗୋଟିଏ ହେଲେ କଳକାରଖାନା ପ୍ରତିଷ୍ଠା ହୋଇନାହିଁ ବରଂ ବନ୍ଦ ହୋଇଛି। ୧୫ ହଜାର ଟଙ୍କା ଲୋକଙ୍କୁ ମିଳିବା ନାହିଁ କିମ୍ବା ନିଯୁକ୍ତି ମିଳିଲା ନାହିଁ। ଯାହା ସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସବୁ ମିଛ ପ୍ରମାଣିତ ହୋଇସାରିଛି। ଶ୍ରମିକଙ୍କ କାର୍ଯ୍ୟ ଅବଧିକୁ ୮ ଘଣ୍ଟାରୁ ବୃଦ୍ଧି କରି ୧୦ ଘଣ୍ଟା କରିବାକୁ ଯାଉଛନ୍ତି। କେନ୍ଦୁଝର ଭଳି ଜିଲ୍ଲାରେ ଓଏମ୍‌ସିର ସଂସ୍ଥାର କର୍ମଚାରୀ ୯ ମାସ ହେଲା ଦରମା ପାଇ ପାରୁ ନ ଥିବା ବେଳେ ଜିଲ୍ଲାରେ ଐତିହ୍ୟସମ୍ପନ୍ନ କଳିଙ୍ଗ ଲୁହା କାରଖାନାର ପୁନରୁଦ୍ଧାର ହୋଇପାରୁ ନାହିଁ। ଏହିସବୁ କାରଣରୁ ଭାରତ ବନ୍ଦ କରାଯାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅସଫଳତାର ପ୍ରତିବାଦ କରାଯିବ।

**- ଭଦ୍ରମଣି ବେହେରା, ସିଆଇଟିୟୁର ରାଜ୍ୟ ଉପସଭାପତି, କେନ୍ଦୁଝର**

## ଶ୍ରମିକଙ୍କ ଅଧିକାରକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚାଲିଛି



ଦରଦାମ୍ ବୃଦ୍ଧି, ତ୍ରୁଟିପୂର୍ଣ୍ଣ ମଜୁରି ନିର୍ଦ୍ଧାରଣ, ସରକାରଙ୍କ ଶ୍ରମିକ ମାରଣ ନୀତି, ଶ୍ରମକୋଡ୍, ଲଗାମଛଡ଼ା ଘରୋଇକରଣ, ଆଖିବୁଜା ଠିକାକରଣ, ଆଉଟସୋର୍ସିଂ ଆଳରେ ଶୋଷଣ, କର୍ପୋରେଟର ସପକ୍ଷବାଦୀ, କୃଷକ ବିରୋଧୀ ନୀତି ଆଦି ପ୍ରତିବାଦରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଶ୍ରମ ଆଇନକୁ ରଦ୍ଦ କରି ତା' ସ୍ଥାନରେ ୪ଟି ଶ୍ରମକୋଡ୍ ପ୍ରସ୍ତୁତ କରି ଲାଗୁ କରି ଶ୍ରମିକମାନଙ୍କ ଅଧିକାରକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚାଲିଛି। ଏହାଦ୍ୱାରା ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ ଓ ଶୋଷଣ ବଢ଼ିବ। ଏଣୁ ରଦ୍ଦ ହେବା ଜରୁରୀ। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ଏକଜୁଟ ହୋଇ ଏହାର ପ୍ରତିବାଦ, ଆନ୍ଦୋଳନ କରିଆସୁଥିବାବେଳେ ଏବେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି।

**- ମହେଶ୍ୱର ରାଉତ, ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି, କେନ୍ଦୁଝର**

## ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମର୍ଥନ ଦିଆଯାଇଛି



କେନ୍ଦ୍ର ସରକାର ଶ୍ରମିକମାନଙ୍କୁ ବାରମ୍ବାର ଶୋଷଣ କରୁଛନ୍ତି। ଏହି ଶ୍ରମିକ ମାରଣ ନୀତି ବିରୋଧରେ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଶ୍ରମିକମାନଙ୍କ ଏକତା ଓ ସ୍ୱାର୍ଥର ସୁରକ୍ଷା ପାଇଁ ଆନ୍ଦୋଳନକୁ ସମର୍ଥନ ଦିଆଯାଇଛି।

**- ଲକ୍ଷ୍ମୀଧର ସାହୁ, ରାଜ୍ୟ ଉପ ସାଧାରଣ ସମ୍ପାଦକ, ହିନ୍ଦ୍ ମଜଦୁର ସଭା, ଢେଙ୍କାନାଳ**

## ଶ୍ରମିକ କୋର୍ଡ ଆଇନ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନୁହେଁ



କେନ୍ଦ୍ର ସରକାର ଯେଉଁ ଶ୍ରମିକ କୋର୍ଡ ଆଇନ ଆଣୁଛନ୍ତି ତାହା ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନୁହେଁ। ଏଥିରୁ ଶ୍ରମିକ ବିବାଦୀୟ ଆଇନ, କାରଖାନା ଆଇନ ଭଳି ୧୫ଟି ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ଆଇନକୁ ବାଦ୍ ଦିଆଯାଇଛି। ଶ୍ରମିକମାନଙ୍କୁ ବୃତ୍ତିଶ୍ରମିକ ଭାବରେ ଖଟାଇବା ପାଇଁ ଏହି ଆଇନ ପ୍ରଣୟନ କରାଯାଉଛି। ଏଥିପାଇଁ ସାରା ଭାରତରେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

**- ଡ. ଉପେନ୍ଦ୍ର କୁମାର ଶର୍ମା, ଅନୁଗୋଳ ଜିଲା ସାଧାରଣ ସମ୍ପାଦକ, ସିଆଇଟିୟୁ**

## ଶ୍ରମଶୋଷଣ କରୁଛନ୍ତି କେନ୍ଦ୍ର ସରକାର



ଶ୍ରମିକମାନଙ୍କ ପକ୍ଷରୁ ୧୩ଟି ଦାବି କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। କିନ୍ତୁ ଶ୍ରମିକମାନଙ୍କୁ ସହଯୋଗ କରିବା, ସେମାନଙ୍କ ଆର୍ଥିକ ବ୍ୟବସ୍ଥାର ଉନ୍ନତି କରିବା ପରିବର୍ତ୍ତେ କେନ୍ଦ୍ର ସରକାର ସେମାନଙ୍କଠାରୁ ଶ୍ରମଶୋଷଣ କରୁଛନ୍ତି। ସରକାର ବିରୋଧି ଦଳର କୌଣସି ପରାମର୍ଶ ନ ନେବା କାରଣରୁ ଏହି ଆଇନର ପରିପକ୍ୱତା ରହୁନାହିଁ। ନୂତନ ଆଇନ ଆସିଲେ ଶ୍ରମିକମାନେ ବୃତ୍ତି ଶ୍ରମିକ ଭାବେ କାର୍ଯ୍ୟ କରିବେ।

**- ବ୍ରଜବନ୍ଧୁ ସାହୁ, ଅନୁଗୋଳ ଜିଲା ସମ୍ପାଦକ, ଏଆଇୟୁଟିୟୁସି**

## ୪ ଶ୍ରମକୋଡ୍‌ର ପ୍ରତ୍ୟାହାର ଜରୁରୀ



କେନ୍ଦ୍ର ସରକାର ଦେଶରେ ଶ୍ରମିକମାନଙ୍କ ଅଧିକାରକୁ ଗୌଣ କରି କର୍ପୋରେଟ ହାଉସ୍ ଓ ପୁଞ୍ଜିପତିମାନଙ୍କୁ ଗୁରୁତ୍ୱ ଦେବାରୁ ସେମାନେ ଲାଭବାନ ହୋଇଚାଲିଛନ୍ତି। ସରକାର ଶ୍ରମିକଙ୍କ ସ୍ୱାର୍ଥ ଲାଗି ପ୍ରଚଳିତ ଥିବା ୪୪ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମକୋଡ୍ ପ୍ରଚଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ଶ୍ରମକୋଡ୍ ଶ୍ରମିକଙ୍କୁ ନିରସ୍ତ୍ର କରିବା ପାଇଁ ଉଦ୍ଦିଷ୍ଟ। ଶ୍ରମିକ ବିରୋଧୀ ଶ୍ରମକୋଡ୍‌କୁ ପ୍ରତ୍ୟାହାର ପାଇଁ ୯ ତାରିଖ ଅର୍ଥାତ୍ ବୁଧବାର ସର୍ବଭାରତୀୟ ଟ୍ରେଡ ୟୁନିୟନ ଧର୍ମଘଟ ଡାକରା ଦେଇଛି। ଧର୍ମଘଟରେ କେବଳ ଶ୍ରମିକ ଓ କର୍ମଚାରୀ ନୁହନ୍ତି କୃଷକମାନେ ମଧ ସାମିଲ ହେଉଛନ୍ତି।

**- ବିଶ୍ୱନାଥ ମହାପାତ୍ର, ବରିଷ୍ଠ ଶ୍ରମିକ ଓ କୃଷକ ନେତା, ନୟାଗଡ଼**

## ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇଛୁ



ବିନା ବିତର୍କରେ ୨୦୨୦ ଲୋକ ସଭାରେ ଏକ ଅଧାଦେଶ ଜରିଆରେ ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି କୋଡ୍‌ରେ ପରିଣତ କରାଗଲା। ଏଥିରେ ଶ୍ରମିକମାନଙ୍କ ବହୁ ଅଧିକାର ସଙ୍କୁଚିତ ହେଲା। ସ୍ୱାସ୍ଥ୍ୟ, ସୁରକ୍ଷା, ଦରମା, ବିବାଦୀୟ ଆଇନ ଇତ୍ୟାଦିର ଗୁରୁତ୍ୱ ହ୍ରାସ ପାଇଲା। ଶିଳ୍ପପତିମାନଙ୍କୁ ଏହି ଆଇନରେ ସଭ୍ୟ କରାଗଲା। ନୂତନ ଶ୍ରମିକ ସଂଘ ଗଠନ ଉପରେ କଟକଣା ଜାରି ହେଲା। ବିନା କାରଣରେ ଶ୍ରମିକଙ୍କୁ ଛଟେଇ କରାଯିବା ସହ କାର୍ଯ୍ୟ ସମୟ ବୃଦ୍ଧି ହେଲା। ଏହା ବିରୋଧରେ ଆମେ ଗତ ୪ ବର୍ଷ ଧରି ଧର୍ମଘଟ କରିଆସିଛୁ। ସେଥିପାଇଁ ବୁଧବାର ଭାରତ ବନ୍ଦ ଡାକରା ଦେଇଛୁ।

**- ବିଦ୍ୟାଧର ମହାନ୍ତି, ଯାଜପୁର ଜିଲା ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ**

## ଶ୍ରମିକ,କୃଷକଙ୍କ ଆର୍ଥିକ ସ୍ଥିତି ଅତି ଦୟନୀୟ



ଦେଶର ୯୦ ପ୍ରତିଶତ ଲୋକ ଏବେ ଆର୍ଥିକ ଅନଟନରେ ଅଛନ୍ତି। ଏଥିରେ ଶ୍ରମଜୀବୀଙ୍କଠାରୁ କୃଷକ ପର୍ଯ୍ୟନ୍ତଙ୍କ ଜୀବନ ଅତି ଦୟନୀୟ ହୋଇପଡ଼ିଛି। କେନ୍ଦ୍ର ସରକାରଙ୍କ କୃଷି ନୀତି ସହ ଅନ୍ୟ କେତେକ ଯୋଜନା ଏଥିପାଇଁ ଦାୟୀ। ଭାରତରେ ଦେଶୀ ଓ ବିଦେଶୀ ସାମ୍ରାଜ୍ୟବାଦୀ ତଥା ପୁଞ୍ଜିପତିମାନେ ନିଜର ପ୍ରଭାବ ବିସ୍ତାର କରି ଗରିବଙ୍କୁ ଶୋଷଣ କରୁଛନ୍ତି। ଶ୍ରମକୋଡ୍ ଲାଗୁ କରି ଶ୍ରମିକମାନଙ୍କ ଅଧିକାର ଛଡ଼ାଇନେବାକୁ କେନ୍ଦ୍ର ସରକାର ସୁଯୋଗ ଖୋଜୁଛନ୍ତି। ଏହାର ପ୍ରତିବାଦରେ ଆମେ ଭାରତ ବନ୍ଦ ଡାକରା ଦେଇଛୁ।

**- ଗୟାଧର ଧଳ, ଶ୍ରମିକ ନେତା, କେନ୍ଦ୍ରାପଡ଼ା**

## ଆଗକୁ ଆନ୍ଦୋଳନ ତୀବ୍ର ହେବ



କେନ୍ଦ୍ର ସରକାରଙ୍କ ଶ୍ରମିକ, ଚାଷୀ ମାରଣ ନୀତି, ଚାରି ଶ୍ରମ କୋଡକୁ ବାତିଲ, ସରକାରୀ ଅନୁଷ୍ଠାନଗୁଡିକୁ ଘରୋଇକରଣ କରିବା, ଅହେତୁକ ଦରଦାମ ବୃଦ୍ଧି, ଆଞ୍ଚଳିକ ସମସ୍ୟା ଏବଂ ଗୋପାଳପୁର ପୋର୍ଟ, ଆଇଆରଇଏଲ, ଟାଟା କମ୍ପାନୀରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁ ନ ଥିବା ପ୍ରତିବାଦରେ ଏହି ସର୍ବଭାରତୀୟ ଧର୍ମଘଟ କରାଯାଉଛି। ସମସ୍ୟା ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ।

**- ଇଜୁ ଆମିନ ଖାନ୍, ଆଇଏନ୍‌ଟିୟୁସି, ଛତ୍ରପୁର**

## ଶ୍ରମିକଙ୍କ ସୁବିଧା ସୁଯୋଗ ପ୍ରତିହତ ହେବ



କୋଭିଡ ସମୟରେ କେନ୍ଦ୍ର ସରକାର ପୂର୍ବ ୪୪ଟି ଶ୍ରମ ଆଇନକୁ ୪ଟି ଶ୍ରମକୋଡ୍‌ରେ ସୀମିତ ରଖିଛନ୍ତି। ଏହାଦ୍ୱାରା ମୁଖ୍ୟତଃ ଇସ୍ପାତ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକ, ଘରୋଇ ସଂସ୍ଥାରେ କାମ କରୁଥିବା ଶ୍ରମିକମାନେ ବିଶେଷ ଭାବେ ପ୍ରଭାବିତ ହେବେ। ଏହି ନୂତନ ଆଇନ ଯୋଗୁ ୧୯୬୫ ମସିହା ବୋନସ ଆଇନ ଉଚ୍ଛେଦ ହେବା ସହ ଶ୍ରମିକମାନେ ଯେଉଁ ସୁବିଧା ସୁଯୋଗକୁ ଆଇନଗତ ଲଢେଇ ଦ୍ୱାରା ହାସଲ କରୁଥିଲେ, ତାହା ପ୍ରତିହତ ହେବ। ଏଣୁ ଏହି ବନ୍ଦ ପାଳନକୁ ରାଉରକେଲା ହିନ୍ଦ୍ ମଜଦୁର ସଭା ପୂର୍ଣ୍ଣ ସମର୍ଥନ କରୁଛି।

**- ଦିଗମ୍ବର ମହାନ୍ତି, ରାଜ୍ୟ ସମ୍ପାଦକ, ହିନ୍ଦ୍ ମଜଦୁର ସଭା**

## କେନ୍ଦ୍ର ସରକାରଙ୍କ ମନମାନିକୁ ବିରୋଧ



ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା, ସମାନ କାର୍ଯ୍ୟକୁ ସମାନ ଦରମା, ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ, ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ସମେତ ୧୭ ଦଫା ଦାବିରେ ବିଭିନ୍ନ ଶ୍ରମ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଲୋକମାନେ ଏହି ଧର୍ମଘଟକୁ ନିଶ୍ଚିତ ସଫଳ କରିବେ। ଧର୍ମଘଟରେ ସୁନ୍ଦରଗଡ଼ ଜିଲାର ସମସ୍ତ ପରିବହନ ଶ୍ରମିକ, ଏଲ୍‌ଆଇସି, ବ୍ୟାଙ୍କ ସମେତ ଶ୍ରମିକ ଓ ଜନସାଧାରଣ ଏକାଠି ହୋଇ କେନ୍ଦ୍ର ସରକାରଙ୍କ ମନମାନି ବିରୋଧରେ ସ୍ୱର ଉତ୍ତୋଳନ କରିବେ।

**- ବିଷ୍ଣୁ ମହାନ୍ତି, ସିଆଇଟିୟୁ ସର୍ବଭାରତୀୟ ଉପାଧକ୍ଷ**

## ଶ୍ରମିକ, କୃଷକଙ୍କ ହକ୍ ପାଇଁ ଆନ୍ଦୋଳନ



କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ଆଭିମୁଖ୍ୟକୁ ନେଇ ଏହି ସାଧାରଣ ଧର୍ମଘଟର ଆହ୍ୱାନ ଦିଆଯାଇଛି। ପୂର୍ବର ଶ୍ରମ ଆଇନ ପରିବର୍ତ୍ତନ କରି ୪ଟି ଶ୍ରମ କୋଡ୍ କରି ପୁଞ୍ଜିପତି ଓ ଏକଚାଟିଆ ମାଲିକମାନଙ୍କ ସପକ୍ଷରେ ଆଇନ ପ୍ରଣୟନ ହୋଇଛି। ଅଙ୍ଗନୱାଡ଼ି, ଆଶାକର୍ମୀଙ୍କ ଭଳି ସ୍କିଲ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ବଦ୍ଧ ସରକାର ଏଥିରେ ପଛଘୁଞ୍ଚା ଦେଇଛି। କୃଷକଙ୍କ ଉତ୍ପାଦିତ ସାମଗ୍ରୀର ଆଇନ ଅନୁମୋଦିତ ମୂଲ୍ୟ ଧାର୍ଯ୍ୟ ହୋଇପାରୁନାହିଁ। ଶ୍ରମିକ ଏବଂ କୃଷକଙ୍କ ହକ୍ ଦାବି ହାସଲ ପାଇଁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି।

**- ଅଶୋକ କୁମାର ଦାଶ, ରାଜ୍ୟ ସଭାପତି, ଏଆଇଟିୟୁସି**

## ପୁଞ୍ଜିପତିଙ୍କୁ ଅନୁକମ୍ପା, ମଧ୍ୟବିତ୍ତଙ୍କୁ ଶୋଷଣ



କେନ୍ଦ୍ର ସରକାର ବାରମ୍ବାର ଶ୍ରମିକଙ୍କୁ ଅଣଦେଖା କରିଚାଲିଛନ୍ତି। ଅନ୍ୟପଟେ ଶ୍ରମିକ ବିରୋଧୀ ଆଇନ ଆଣୁଛନ୍ତି। ଶ୍ରମିକଙ୍କ ମଜୁରୀ ବଢୁନି ହେଲେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରାଯାଉଛି। ଫଳରେ ଶ୍ରମିକମାନେ ନିଜ ସ୍ୱାଧୀନତା ହରାଇ ବସିଛନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ଶ୍ରମିକଙ୍କ ଉପରେ ମାତ୍ରାଧିକ ବୋଝ ଲଦି ଦେଉଛନ୍ତି। ଆଜି ମଧ ଚାଷୀ ନିଜର ହକ୍ ପାଇପାରି ନ ଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟା ଅସମାହିତ ରହିଛି। ଏହାର ପ୍ରତିବାଦରେ ଭାରତ ବନ୍ଦ ଡାକରା ଦିଆଯାଇଛି।

**- ବ୍ରହ୍ମାନନ୍ଦ ମହାକୁଡ଼, ଜିଲା ସଭାପତି, ଆଇଏନ୍‌ଟିୟୁସି, ବରଗଡ଼**

## ବିଏମ୍‌ଏସ୍ ଦେଶ ପ୍ରଗତିରେ ବାଧା ସୃଷ୍ଟି କରେନି



ବିଏମ୍‌ଏସ୍ ଦେଶର ପ୍ରଗତି ଓ ଶ୍ରମିକ ଉନ୍ନତି ନୀତିରେ କଦାପି ବାଧା ସୃଷ୍ଟି କରେନାହିଁ। ବୁଧବାର ଭାରତ ବନ୍ଦ ଡାକରାରେ ବିଏମ୍‌ଏସ୍‌ର କୌଣସି ସମ୍ପୃକ୍ତି ନାହିଁ। ଏହି ବନ୍ଦକୁ ସମର୍ଥନ କରୁଥିବା ଅନ୍ୟ ଶ୍ରମିକ ସଙ୍ଗଠନ ନିଜର ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। କିଛି ଶ୍ରମିକ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ବିପକ୍ଷରେ ଭାରତ ବନ୍ଦ ଡାକରା ଦେଇ ଅଯଥାରେ ଗରିବ ଶ୍ରମିକମାନଙ୍କୁ ଭୂଆଁ ବୁଲାନ୍ତି। ଏହି ବନ୍ଦ ଡାକରା ଦେଶର ଅଗ୍ରଗତି ଓ ଶ୍ରମିକଙ୍କ ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି।

**- ହିମାଂଶୁ ଶେଖର ବଳ, ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ, ବିଏମ୍‌ଏସ୍, ରାଉରକେଲା**

## ୧୧ ବର୍ଷରେ ପ୍ରତିଶ୍ରୁତି ପୂରଣ ହେଲାନି



କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ଯଥା ୨କୋଟି ରୋଜଗାର, ରାଷ୍ଟ୍ରାୟତ୍ତ ଶିଳ୍ପର ସୁରକ୍ଷା, ଚାଷୀଙ୍କ ରୋଜଗାର ଦ୍ୱିଗୁଣା, ମହିଳା ସୁରକ୍ଷା, ଦରଦାମ ନିୟନ୍ତ୍ରଣ ସମେତ ଅନେକ ପ୍ରତିଶ୍ରୁତି ୧୧ ବର୍ଷ ଶାସନ କାଳରେ ପୂରଣ ହୋଇପାରିଲା ନାହିଁ। ଗୁଜରାଟର ପୁଞ୍ଜିପତିଙ୍କୁ ରାଷ୍ଟ୍ରାୟାତ୍ତ ଶିଳ୍ପଗୁଡିକୁ ଟେକିଦିଆଯାଉଛି। ଏହା ବିରୋଧରେ ଛାତ୍ରୀଛାତ୍ର, ଜନସାଧାରଣ, ଚାକିରିଆ ତଥା ଜିଲାବାସୀ ଧର୍ମଘଟକୁ ସଫଳ କରିବେ।

**- ସଦାନନ୍ଦ ସାହୁ, ଜିଲା ସମ୍ପାଦକ, ଏଆଇଟିୟୁସି**

## ଆନ୍ଦୋଳନ କରିବା ଅଧିକାରକୁ ଚାପିଦେବାକୁ ଉଦ୍ୟମ କରାଯାଉଛି



କେନ୍ଦ୍ର ସରକାର ଆଇନ ପରିବର୍ତ୍ତନ କରିବା ଦ୍ୱାରା ସାଧାରଣ ଲୋକ ହଇରାଣ ହେଉଛନ୍ତି। ୪୪ ଶ୍ରମିକ କୋଡ୍‌କୁ ପରିବର୍ତ୍ତନକରି ୪ଟି ଆଇନ କରାଯାଇଛି। ଟ୍ରେଡ୍ ୟୁନିୟନ ଓ ଆନ୍ଦୋଳନ କରିବା ଅଧିକାରକୁ ଚାପିଦେବାକୁ ଉଦ୍ୟମ କରାଯାଉଛି। ଆଉଟ୍ ସୋର୍ସିଂ ଓ ଘରୋଇକରଣ ମାଧମରେ ନିଯୁକ୍ତି ଗ୍ୟାରେଣ୍ଟି ରହିବ ନାହିଁ। ସରକାର ନିଜ ଅଧୀନରେ ରଖି ନିଯୁକ୍ତି ଦିଅନ୍ତୁ। ବେକାରି ସମସ୍ୟା ବଢୁଛି, ବେକାରି ଭତ୍ତା ଓ ନିଯୁକ୍ତି ମଧ ନାହିଁ। ଜଙ୍ଗଲ ଅଧିକାର ଆଇନକୁ ଉଲ୍ଲଂଘନକରି ମାଇନିଂ ନାମରେ ଗଛ କଟା ଚାଲିଛି। ହଜାର ହଜାର ଏକର ଜମି କମ୍ପାନୀଗୁଡ଼ିକୁ ବିକ୍ରିକରି ଦିଆଯାଇଛି। ସାହୁକାର ଓ କମ୍ପାନୀଗୁଡ଼ିକୁ ବହୁ କୋଟି ଟଙ୍କାର ଋଣ ଛାଡ଼ କରାଯାଉଛି।

**- ରାଜେଶ ଜାନି, ନବରଙ୍ଗପୁର ଜିଲା ସମ୍ପାଦକ, ସିଆଇଟିୟୁ**

## ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ



ଭାଜପା ସରକାର ୧୧ ବର୍ଷର ଶାସନ କାଳରେ ଶ୍ରମିକମାନେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଦେଶରେ କର୍ପୋରେଟଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଏକ ପ୍ରକାର ଶ୍ରମିକମାରଣ ନୀତି ଅବଲମ୍ବନ କରୁଛନ୍ତି। ଶ୍ରମିକମାନଙ୍କୁ ସାପ୍ତାହିକ ୭୦ରୁ ୯୦ ଘଣ୍ଟା କାମ କରିବାକୁ ପଡୁଛି, ହେଲେ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ତେଣୁ ଏହି ଭାରତ ବନ୍ଦକୁ ଆମେ ସମର୍ଥନ କରୁଛୁ ଏବଂ ମିଳିତ ଶ୍ରମିକ ମଞ୍ଚ ପକ୍ଷରୁ ଶ୍ରମିକଙ୍କ ପାଇଁ ରହିଥିବା ଦାବିଗୁଡ଼ିକ ପୂରଣ ପାଇଁ ଦାବି କରୁଛୁ।

**- ଭବାନୀ ଶଙ୍କର ଜେନା, ଆଇଏନ୍‌ଟିୟୁସି ଜିଲା ସଭାପତି, ରାୟଗଡ଼ା**

## କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ବିରୋଧ କରାଯିବ



୧୭ ଦଫା ଦାବି ନେଇ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ବୁଧବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏଥିରେ ୨୫ କୋଟି ଶ୍ରମିକ, କର୍ମଚାରୀ ସାମିଲ ହେବେ। ଏହି ଧର୍ମଘଟରେ ବ୍ୟାଙ୍କ ଓ ବୀମା କର୍ମଚାରୀ ସାମିଲ ହେବେ। ବୀମା କ୍ଷେତ୍ରର ଶତ ପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ବିରୋଧ କରାଯାଉଛି। କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ। ଏଥିସହ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ ପ୍ରତିବାଦରେ ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ ଆନ୍ଦୋଳନ କରିବ। ଏଥିପାଇଁ ଝାରସୁଗୁଡ଼ା ଜିଲାର ସମସ୍ତ ବ୍ୟାଙ୍କ, ଦୋକାନ ବଜାର, କମ୍ପାନୀକୁ ବନ୍ଦ କରାଯିବ।

**- ରତ୍ନାକର ପ୍ରଧାନ, ଯୁଗ୍ମ ସମ୍ପାଦକ, ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ, ଝାରସୁଗୁଡ଼ା ଜିଲା**

## ୪୪ ଶ୍ରମ କୋଡ୍ ଆକ୍ଟ ଭାଙ୍ଗିବାକୁ ବିରୋଧ



୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏବଂ ସ୍ୱାଧୀନ ଫେଡେରେଶନ ବ୍ୟାଙ୍କ ଓ ଏଲ୍‌ଆଇସି ଆଦିକୁ ନେଇ ଗଠିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ବ୍ୟାଙ୍କ ଓ ଏଲ୍‌ଆଇସି ଆଦି ସ୍ୱାଧୀନ ଫେଡେରେଶନ ସମର୍ଥନ କରୁଛନ୍ତି। ଏଥିରେ ମୁଖ୍ୟତଃ ମୋଦି ସରକାର ୪୪ଟି ଶ୍ରମ କୋଡ୍ ଆକ୍ଟକୁ ଭାଙ୍ଗି ୪ଟି କୋଡ୍ କରାଯିବାକୁ ବିରୋଧ କରାଯାଉଛି। ୭ ଜଣରେ ଟ୍ରେଡ୍ ୟୁନିୟନ ହେଉଥିଲା, ଏବେ ୩୦୦ରୁ ଅଧିକ ଶ୍ରମିକ ହେଲେ ହେବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ମାଲିକ ମଜୁରି ନ ଦେଲେ ଶ୍ରମିକ ଦାଏର କରୁଥିବା ମାମଲାକୁ ଏବେ ଉଚ୍ଛେଦ କରାଯାଇଛି। କଣ୍ଟ୍ରାକ୍ଟ ଲେବର ଆକ୍ଟ ଅନୁଯାୟୀ ଜଣେ କାମ କଲାବେଳେ କୌଣସି ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାରକୁ କ୍ଷତିପୂରଣ ମିଳୁଥିଲା, ଯାହା ଆଉ ଲାଗୁ ହେବନାହିଁ। ଏହା ମାଲିକଙ୍କ ଇଚ୍ଛାଧୀନ ହୋଇଯାଇଛି।

**- ଲୋଭାକାନ୍ତ ସ୍ୱାଇଁ, ସିଆଇଟିୟୁ ରାଜ୍ୟ ଉପସଭାପତି**

## କେନ୍ଦ୍ର ସରକାର ଶ୍ରମିକ ବିରୋଧୀ



କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନ ଉଚ୍ଛେଦକରି ୪ଟି ଶ୍ରମିକ କୋଡ୍ କରି ଶ୍ରମିକମାନଙ୍କ ସ୍ୱାର୍ଥ ବିରୋଧୀ ବୋଲି ପ୍ରମାଣ ଦେଇଛନ୍ତି, ଯାହା ତୁରନ୍ତ ବାତିଲ ହେବା ଉଚିତ। ମାଲିକ ଓ କମ୍ପାନୀଙ୍କ ସ୍ୱାର୍ଥ ପାଇଁ ସରକାର ଗରିବଙ୍କ ତଣ୍ଟି ଚିପିବାକୁ ଅପଚେଷ୍ଟା କରିଛନ୍ତି। କେବଳ ଏତିକି ନୁହେଁ, ପବ୍ଲିକ ସେକ୍ଟର, କମ୍ପାନୀ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଅନେକ ସଂସ୍ଥାକୁ କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ହାତରେ ଟେକି ଦେଇଛନ୍ତି। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ଉପରେ ଥିବା ଅଙ୍କୁଶ ଉଠାଇ ଦେଇଛନ୍ତି। ଏହିସବୁ ସମସ୍ୟାର ସମାଧାନ ସହ ସ୍କିମ୍ ୱାର୍କରମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା, କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ ସରକାରୀ ମଣ୍ଡି ଓ ଧାନର ଏମ୍‌ଏସ୍‌ପି ଦେଢ଼ଗୁଣ କରିବା ଦାବିରେ ମଞ୍ଚ ଆନ୍ଦୋଳନ ଡାକରା ଦେଇଛି।

**- ପ୍ରଦୀପ୍ତ ରାମ, ଏଆଇୟୁଟିୟୁସି ଜଗତ୍‌ସିଂହପୁର ଜିଲା ସମ୍ପାଦକ**

## ମୋଦି ସରକାରଙ୍କ ନୀତିକୁ ବିରୋଧ କରାଯିବ



କର୍ପୋରେଟ ଶକ୍ତିମାନଙ୍କର ପ୍ରତିନିଧି ଥିବା ମୋଦି ସରକାର ୨୯ ପ୍ରକାରର ଶ୍ରମ ଆଇନକୁ ବଦଳାଇ ୪ଟି ଶ୍ରମ ସଂହିତା ରୂପେ ପରିବର୍ତ୍ତନ କରିଛନ୍ତି। ତାହାକୁ ତୁରନ୍ତ ପ୍ରତ୍ୟାହାର, ଚାଷୀଙ୍କ ଉତ୍ପାଦନର ସର୍ବନିମ୍ନ ଦର ଆଇନ ପ୍ରଣୟନ, ଶ୍ରମିକଙ୍କ ପାଇଁ ରହିଥିବା ୮ ଘଣ୍ଟା କାର୍ଯ୍ୟ ଦିବସ ଆଇନ ବଳବତ୍ତର ରଖିବା, ଜାତୀୟ ସମ୍ପତ୍ତି ବିକ୍ରି ବନ୍ଦ କରିବା ଦାବିରେ ଆନ୍ଦୋଳନ କରାଯିବ। ମୋଦି ସରକାରଙ୍କ ଜନବିରୋଧୀ ନୀତି ଯୋଗୁ ଦେଶରେ ଆବଶ୍ୟକ ଜିନିଷପତ୍ର ଦାମ ନିରନ୍ତର ବଢ଼ି ଲୋକଙ୍କ ଆର୍ଥିକ ସ୍ଥିତିକୁ ଖରାପ କରୁଛି। ଦେଶରେ ଯୁବକ ଯୁବତୀମାନଙ୍କୁ ରୋଜଗାର ଦେବାରେ ମୋଦି ସରକାର ବିଫଳ ହୋଇଛନ୍ତି।

**- ଯୁଧିଷ୍ଠିର ବେହେରା, ଏସଆଇଟିୟୁ ରାଜ୍ୟ ଉପସଭାପତି, ବ୍ରହ୍ମପୁର**

“ କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ– ଅମଙ୍ଗଳ ମଧ୍ୟରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ– ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା– ଏହା ହିଁ ଯଥାର୍ଥ ଧର୍ମ ଓ ନୀତି। –ଶ୍ରୀଅରବିନ୍ଦ

-ଶିବ ଶୟନ
ଚତୁର୍ଦ୍ଦଶୀ ଓ ବେଢ଼ା



# ୮୦ ପ୍ରତିଶତ ଅଣସଙ୍ଗଠିତ

ଖୋର୍ଦ୍ଧା ବାଲିପାଟଣା ବ୍ଲକ୍ ବେଙ୍ଗବତୀ ଗାଁରେ ନିକଟରେ ଶ୍ରମିକମାନେ ଡ୍ରେନ୍ ଖୋଳୁଥିବା ବେଳେ ବେଙ୍ଗବତୀ ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ମୃତାହତ ଶ୍ରମିକ କେନ୍ଦୁଝର ଜିଲାର। ରାସ୍ତା ସମ୍ପ୍ରସାରଣ ହେଉଥିବାରୁ ଠିକାଦାର ଶ୍ରମିକମାନଙ୍କୁ ଡ୍ରେନ୍ ଖୋଳା କାମରେ ଲଗାଇଥିଲେ। ଏଭଳି ଦୁର୍ଘଟଣା ନୂଆ ନୁହେଁ, ସମୟାନ୍ତରେ ଅନ୍ୟ କ୍ଷେତ୍ରରେ ଯଥା ପଥର ଖାଦାନ, କ୍ରଶର, ଖଣି ଖନନ, ନିର୍ମାଣ, ଇଟାଭାଟି, କଳକାରଖାନା ଭଳି ଅଣସଙ୍ଗଠିତ କ୍ଷେତ୍ରରେ ଦୁର୍ଘଟଣା ଘଟି ଶ୍ରମିକମାନେ ମୃତାହତ ହେଉଥିବା ଖବର ପ୍ରକାଶ ପାଇବାରେ ଲାଗିଛି। ଚିନ୍ତାର ବିଷୟ ହେଉଛି, ଏହିସବୁ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ, ଅର୍ଥନୈତିକ ଓ ସୁରକ୍ଷା ସମ୍ପର୍କିତ ସ୍ଥିତି ସାମ୍ନାକୁ ଆସିପାରୁନାହିଁ। କେଉଁ ଶ୍ରମିକ କେଉଁଠି କାମ କରୁଛନ୍ତି, କେତେ ଦାଦନ କେଉଁସବୁ ରାଜ୍ୟକୁ ଯାଉଛନ୍ତି କିମ୍ବା ଯାଇଛନ୍ତି ସେ ସମ୍ପର୍କରେ ତଥ୍ୟ କାହାରି ପାଖରେ ନାହିଁ। ଅବଶ୍ୟ ଏ ସମ୍ବନ୍ଧୀୟ କିଛି ତଥ୍ୟ କୋଭିଡ୍ ସମୟରେ ପଦାକୁ ଆସିଥିଲା। କିନ୍ତୁ ସେହି ତଥ୍ୟକୁ ସଂଗଠିତ ଭାବରେ ରଖାଗଲା ନାହିଁ କିମ୍ବା ପରବର୍ତ୍ତୀ ସମୟରେ ତାକୁ ଟାବୁଲେଟ କରାଗଲା ନାହିଁ, ଯାହା ଫଳରେ ଆଜି ମଧ୍ୟ କର୍ତ୍ତୃପକ୍ଷଙ୍କ ପାଖରେ ଏହିଭଳି ତଥ୍ୟ ମିଳିପାରୁନାହିଁ। ଓଡ଼ିଶାରୁ ଆନ୍ଧ୍ର, ତେଲଙ୍ଗାନା ଆଦି ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକଙ୍କର ସେଠାରେ ଇଟାଭାଟି କିମ୍ବା କୌଣସି କାରଖାନାରେ ମୃତ୍ୟୁ ଘଟିଲେ ଅବା ଆହତ ହେଲେ ସେମାନଙ୍କ ମୃତଦେହ ଅଣାଯାଏ ଓ ସ୍ଥଳବିଶେଷରେ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତି। ସେହି ସମୟରେ ଜଣାପଡ଼େ ସେମାନେ କେଉଁ ଜିଲାର ଆଉ କେଉଁ ଗାଁର। ସରକାର ମଧ୍ୟ କିଛି କ୍ଷତିପୂରଣ ଦେଇଦିଅନ୍ତି, ହେଲେ ତା'ପର ସ୍ଥିତିରେ ସେମାନଙ୍କ ପରିବାର କେମିତି ବଞ୍ଚନ୍ତି, ସେଥିପ୍ରତି କାହାର ଦୃଷ୍ଟି ନ ଥାଏ।

ଦେଖାଯାଏ ଶ୍ରମିକଙ୍କ ମୃତ୍ୟୁ ହେଲେ କିଛି ଦିନ ଧରି ଶ୍ରମ ଆଇନ କିମ୍ବା କାର୍ଯ୍ୟକ୍ଷେତ୍ରର ବୈଧତାକୁ ନେଇ ବିତର୍କ ଚାଲେ। ଦରକାର ପଡ଼ିଲେ ଧର୍ମଘଟ କିମ୍ବା ବନ୍ଦ ଡାକରା ଦିଆଯାଏ। କିନ୍ତୁ ଶ୍ରମିକଙ୍କ ସୁରକ୍ଷା ଦିଗରେ କିଛି ପରିବର୍ତ୍ତନ ହେବା ଦେଖାଯାଉ ନାହିଁ। ଅଳ୍ପକିଛି କ୍ଷତିପୂରଣରେ ସେମାନଙ୍କ ପରିବାରଗୁଡ଼ିକୁ ସନ୍ତୁଷ୍ଟ ହେବାକୁ ପଡ଼େ। ପରବର୍ତ୍ତୀ ସମୟରେ ପରିବାର କିଭଳି ରହେ ତାହାର ଖବର ସମ୍ପୃକ୍ତ ମାଲିକ, କମ୍ପାନୀ କିମ୍ବା ସ୍ଥାନୀୟ ପ୍ରଶାସନ କେହି ରଖନ୍ତି ନାହିଁ। ଖୁବ୍ କମ୍ କ୍ଷେତ୍ରରେ ଅତି ବେଶିରେ ବଡ଼ କମ୍ପାନୀ ପରିବାରରୁ ଜଣକୁ ଥଇଥାନ କରୁଥିବା ଦେଖାଯାଏ। ହେଲେ ଶ୍ରମିକମାନଙ୍କର ସୁରକ୍ଷା ମାନକକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରି ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଛୋଟମୋଟ ସଂସ୍ଥା ଓ ଠିକାଦାରମାନେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ସ୍ଥାୟିତ୍ୱକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଚିନ୍ତାର ବିଷୟ ହେଉଛି ଶ୍ରମିକଙ୍କ ଦୁର୍ଘଟଣା ପରେ ସମ୍ପୃକ୍ତ ସଂସ୍ଥା, ଠିକାଦର, ଇଞ୍ଜିନିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା କ୍ୱଚିତ ଦେଖାଯାଏ। ଏକ ଅଣଲାଭଦାୟକ ସର୍ଭେ ସଂସ୍ଥା ଇଣ୍ଡିଆସ୍ପେଣ୍ଡ୍‌ର ୨୦୨୨ର ତଥ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ଏଥିରେ ଦର୍ଶାଯାଇଥିଲା ଯେ, ୨୦୧୮ରୁ ୨୦୨୦ ମଧ୍ୟରେ ଦେଶରେ କେବଳ କଳକାରଖାନାରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିରେ ସମ୍ପୃକ୍ତ ମାତ୍ର ୧୪ ଜଣଙ୍କ ବିରୋଧରେ ଫ୍ୟାକ୍ଟ୍ରି ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ଫେବୃଆରୀ ୨୦୨୫ରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଦର୍ଶାଇଥିଲେ, ୨୦୧୮ରୁ ୨୦୨୨ ପାଞ୍ଚ ବର୍ଷ ମଧ୍ୟରେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ୧୪,୨୬୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗୋଟିଏ ପଟେ ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ସେମାନଙ୍କ କାର୍ଯ୍ୟକୁଶଳତା କିମ୍ବା କାର୍ଯ୍ୟକ୍ଷେତ୍ରରେ ଶାରୀରିକ ନିରାପତ୍ତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉନାହିଁ। ବିନା ପ୍ରଶିକ୍ଷଣରେ ଶ୍ରମିକମାନେ କାମ କରୁଥିବାରୁ ଦୁର୍ଘଟଣା ବଢ଼ିବା ସ୍ୱାଭାବିକ। ରାଜ୍ୟ ଓ ଜାତୀୟ ସ୍ତରରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ କାରଖାନା ଆଇନ–୧୯୪୮, ଶିଳ୍ପ ସମ୍ବନ୍ଧୀୟ ଆଇନ–୧୯୪୭ ଆଦି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଶ୍ରମ ବିଭାଗ ଏବଂ ଫ୍ୟାକ୍ଟ୍ରି ଇନ୍‌ସପେକ୍ଟରମାନେ ବଡ଼ ଶିଳ୍ପଠାରୁ ଦୂରେଇ ରୁହନ୍ତି। ଯାହାଦ୍ୱାରା ଅଧିକ ବିପଦ ଥିବା କାରଖାନାଗୁଡ଼ିକରେ ନିରାପତ୍ତାର ବ୍ୟବସ୍ଥାକୁ ଅଣଦେଖା କରାଯାଉଛି। ଅନ୍ୟପଟେ ଏହିସବୁ ସଂସ୍ଥାଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା ଉପରେ ଅଧିକ ଚଢ଼ାଉ କରି ନିଜର ସୁବିଧା ଦେଖୁଛନ୍ତି। ଏହା ଫଳରେ ଶ୍ରମିକଙ୍କ ଜୀବନ ଯେଉଁଠାରେ ବିପଦାପନ୍ନ ସେଭଳି ଶିଳ୍ପଗୁଡ଼ିକରେ କୌଣସି ତଦାରଖ କରାଯାଉ ନାହିଁ। 'ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍' ନାମରେ ୪ଟି ଲେବର କୋଡ୍ ଲାଗୁ କରିବାକୁ ହେଉଥିବା ଉଦ୍ୟମକୁ ଏବେ ଶ୍ରମିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଉଛି। ଏପରି କି ୧୦ଟି ଶ୍ରମିକ ସଙ୍ଗଠନ ଓ ସହଯୋଗୀ ସଙ୍ଗଠନ ପକ୍ଷରୁ ୯ ଜୁଲାଇରେ ଭାରତ ବନ୍ଦ ଡାକରା ଦିଆଯାଇଛି। ନୂଆ ଆଇନ ନିଯୁକ୍ତିଦାତା, କର୍ପୋରେଟ ସପକ୍ଷବାଦୀ ହୋଇଥିବା ବେଳେ ଶ୍ରମିକ ବିରୋଧୀ ବୋଲି ସମ୍ପୃକ୍ତ ସଙ୍ଗଠନଗୁଡ଼ିକ ଅଭିଯୋଗ କରୁଛନ୍ତି। ୨୦୧୬ ନଭେମ୍ବରରେ କରାଯାଇଥିବା ବିମୁଦ୍ରୀକରଣରେ ଏହି ଶ୍ରମିକମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ପୁନର୍ବାର କୋଭିଡ୍ ସମୟରେ ହଠାତ୍ ସବୁ ଯାନବାହନ ବନ୍ଦ କରିଦିଆଯିବା ଫଳରେ ଏହି ଶ୍ରେଣୀର ଶ୍ରମିକମାନେ ଅଧିକ ଶିକାର ହୋଇଥିଲେ। ଏହା ସ୍ପଷ୍ଟ ଯେ, ଭାରତର ଶ୍ରମ ଶକ୍ତିର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଣସଙ୍ଗଠିତ କ୍ଷେତ୍ର ସହ ଜଡ଼ିତ। ଅର୍ଥ ବ୍ୟବସ୍ଥାରେ ଅଣସଂଗଠିତ ଶ୍ରମିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ସୁରକ୍ଷାକୁ ଅଣଦେଖା କରାଯିବା ପରିତାପର ବିଷୟ।

# ଇରାନର ସ୍ଥିତି



ଜନାର୍ଦ୍ଦନ ପତି

ପଶ୍ଚିମ ଏସିଆର ଦେଶ ଇରାନର ଜନସଂଖ୍ୟା ପ୍ରାୟ ୯.୫କୋଟି। ଇରାନ ବା ପାରସ୍ୟରେ ଏକ ପୁରାତନ ସଭ୍ୟତା ଗଢ଼ ଉଠିଥିଲା ପ୍ରାୟ ଛଅ ହଜାର ବର୍ଷ ତଳେ। ପାରସ୍ୟର ଲିପି ଓ ଭାଷା ମଧ୍ୟ ଭାରତକୁ ପ୍ରଭାବିତ କରିଥିଲା। ବହୁ ପ୍ରାଚୀନ କାଳରୁ ସିନ୍ଧୁସଭ୍ୟତା ସହିତ ପାରସ୍ୟ ସଭ୍ୟତାର ସଂଯୋଗ ରହିଆସିଛି। ଏହି କ୍ଷୁଦ୍ର ଲେଖାରେ ପାରସ୍ୟର ଦୀର୍ଘ ଅତୀତକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ୭ମ ଶତାବ୍ଦୀରେ ଇରାନରେ ଇସ୍‌ଲାମ ପ୍ରବେଶ କରିବା ପୂର୍ବରୁ ସେଠାରେ ଜୋରାଷ୍ଟ୍ରରିଅନ୍ ଧର୍ମ ପ୍ରଚଳିତ ଥିଲା। ଏହା ପାରସ୍ୟର ପ୍ରାଚୀନଧର୍ମ। ପାରସ୍ୟ ସେତେବେଳକୁ ସାହିତ୍ୟ, ଦର୍ଶନ, କାରିଗରି ବିଦ୍ୟା, ଡାକ୍ତରୀ ଚିକିତ୍ସା, ଔଷଧ, ଧାତବ ଦ୍ରବ୍ୟ ଆଦିର ବ୍ୟବହାର ଜାଣିଥିଲା। ଇସ୍‌ଲାମ ସେ ଦେଶକୁ ଆସିବା ପରେ ପାରସ୍ୟର ବିକାଶ ବଢ଼ି ଯାଇଥିଲା। ବିଶେଷ କରି ବୈଜ୍ଞାନିକ ଗବେଷଣାର ପ୍ରସାର ଘଟିଥିଲା। ୧୬ଶ ଶତାବ୍ଦୀ ବେଳକୁ ପାରସ୍ୟ ଏକ ବିଶ୍ୱଶକ୍ତିରେ ପରିଣତ ହୋଇସାରିଥିଲା। ୧୮ଶ ଶତାବ୍ଦୀରେ ପାରସ୍ୟର ନାଦିର୍ ଶାହା ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିପାରିଥିଲେ।

ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପାରସ୍ୟରେ ବିପ୍ଳବ ଦେଖାଦେଲା ଓ ସାମ୍ବିଧାନିକ ବିପ୍ଳବ ଜରିଆରେ ରେଜା ପାଲଭି ରାଷ୍ଟ୍ରମୁଖ୍ୟ ହେଲେ। ସେ ପାରସ୍ୟର ତୈଳ ସଂପଦକୁ ଜାତୀୟକରଣ କରିବା ପରେ ଆମେରିକା ଓ ଇଂଲଣ୍ଡ ପକ୍ଷରୁ ପ୍ରତିବିପ୍ଳବ ସଂଗଠିତ କରାଗଲା ୧୯୫୩ରେ ଓ ଇରାନରେ ଆମେରିକାର ବୋଲକରା ଶାସନ ପ୍ରତିଷ୍ଠା ହେଲା। ଏହି ସରକାର ବିରୋଧରେ ଇସ୍‌ଲାମିକ୍ ବପ୍ଳବ ହେବାରୁ ୧୯୭୯ରେ ଇରାନର ଶାହା ଦେଶ ଛାଡ଼ି ପଳାଇଲେ। ସେବେଠାରୁ ଇରାନ ଏକ ଇସ୍‌ଲାମିକ୍ ଦେଶ ଭାବେ ଗଢିଉଠିଛି ଓ ମୁଖ୍ୟ ଧର୍ମଗୁରୁ ଆୟାତୋଲ୍ଲା ଖୋମେନେଇ ଦେଶକୁ ନିୟନ୍ତ୍ରଣ କରୁଛନ୍ତି।

ଆୟୋତୋଲ୍ଲା ସେୟେଦ ଅଲ୍ଲୀ ଖୋମେନେଇ ଇରାନର ଶାହାଙ୍କ ଗୁପ୍ତଘାତକ ବାହିନୀ 'ସଭକ' ଦ୍ୱାରା ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତାଙ୍କୁ ଛଅଥର ଗିରଫ କରାଯାଇ ଜେଲର ଯନ୍ତ୍ରଣା କକ୍ଷରେ ନିର୍ଯ୍ୟାତନା ଦିଆଯାଇଥିଲା। ୧୯୫୩ରୁ ୧୯୭୯ ଦୀର୍ଘ ୨୭ବର୍ଷ ଧରି ଇରାନରେ ଆମେରିକାର ବୋଲକରା ଶାହାଙ୍କ ଶାସନ ଚାଲିଥିଲା। ଖୋମେନେଇ ଗୁପ୍ତରେ ଇରାନ ଛାଡ଼ି ତୁର୍କୀ ପଳାଇଲେ। ତା'ପରେ ସେ ଇରାକରେ ରହିଲେ ଲୁକ୍କାୟିତ ଭାବେ। ୧୯୭୮ରେ ସଦ୍ଦାମ ହୁସେନ ତାଙ୍କୁ ଇରାକରୁ ବିତାଡ଼ିତ କରିବା ପରେ ସେ ପ୍ୟାରିସ ପଳାଇଲେ। ଫ୍ରାନ୍ସ ସରକାର ତାଙ୍କୁ ରାଜନୈତିକ ଆଶ୍ରୟ ପ୍ରଦାନ କରିଥିଲା। ୧୯୭୯ରେ ଇରାନରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ସେ



ଇରାନକୁ ଆସି ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିଥିଲେ।

୧୯୭୯ରେ ଇସ୍‌ଲାମିକ ବିପ୍ଳବ ସଫଳ ହେବା ପରେ ୧୯୮୦ରେ ଯୁକ୍ତରାଷ୍ଟ୍ର ଆମେରିକା ଇଙ୍ଗିତରେ ଇରାନ ଉପରେ ଇରାକ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଆଠବର୍ଷ ଚାଲିଲା। ଇରାନକୁ ତଳିତଲାନ୍ତ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ଚାହିଁଥିଲା, କାରଣ ୧୯୭୯ରେ ଆମେରିକାର ବୋଲକରା ଇରାନର ଶାହା ସରକାର, ଇସ୍‌ଲାମିକ ବିପ୍ଳବୀମାନଙ୍କ ଦ୍ୱାରା ପରାଜିତ ହୋଇ ଦେଶଛାଡ଼ି ପଳାୟନ କରିଥିଲା। ଏହାଦ୍ୱାରା ଇରାନର ତୈଳ ଭଣ୍ଡାର ଉପରେ ଆମେରିକାର ଆଧିପତ୍ୟ ଲୋପ ପାଇଥିଲା।

ପଶ୍ଚିମ ଏସିଆରେ ଏକମାତ୍ର ଦେଶ ଇରାନ ୧୯୭୯ଠାରୁ ଆମେରିକାର ବଶ୍ୟତା ସ୍ୱୀକାର କରିନାହିଁ। ଆମେରିକା ୧୯୪୮ଠାରୁ ଇସ୍ରାଏଲକୁ ଅନେକ ହଜାର କୋଟି ଡଲାର ସହିତ ଯୁଦ୍ଧାସ୍ତ୍ର ଏବଂ ଗୁପ୍ତଚର ଟ୍ରେନିଂ ଦେଇଚାଲିଛି; ଯାହା ଯୋଗୁ ଇସ୍ରାଏଲ ସମସ୍ତ ଆରବ ଦେଶକୁ ପରାସ୍ତ କରି ଚାଲିଛି। ଆମେରିକା ସାହାଯ୍ୟରେ ଇସ୍ରାଏଲ ପରମାଣୁ ବୋମାର ଅଧିକାରୀ ହୋଇଛି। ଇସ୍ରାଏଲ କିନ୍ତୁ ଏନ୍.ପି.ଟି. ରେ ଦସ୍ତଖତ କରିନାହିଁ, ଯଦିଓ ଇରାନ ଏନ୍.ପି.ଟି.ରେ ଦସ୍ତଖତ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଭାବରେ ସମସ୍ତ ପାଶ୍ଚାତ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇସ୍ରାଏଲର ଆଣବିକ ଯୁଦ୍ଧାସ୍ତ୍ର ଆହରଣକୁ ବିରୋଧ କରୁନାହାନ୍ତି, ଓଲଟି ଇରାନର ଆଣବିକ ଶକ୍ତି ଉନ୍ନୀକରଣକୁ ତୀବ୍ର ପ୍ରତିରୋଧ କରୁଛନ୍ତି। ଇରାନ ଯେପରି ଆଣବିକ ବୋମାର ଅଧିକାରୀ ନ ହୋଇ ପାରିବ, ସେଥିପାଇଁ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରେ ବାସନ୍ଦ ଲାଗୁ କରିବା ସହିତ ଇସ୍ରାଏଲର ଇରାନ ଉପରେ ଆକ୍ରମଣକୁ ସମର୍ଥନ କରୁଛନ୍ତି।

ଇରାନ ଆଣବିକ ଅସ୍ତ୍ର ଉତ୍ପାଦନ ନ କରିବା ପାଇଁ ଏକ ଚୁକ୍ତି ୨୦୧୫ରେ ହୋଇଥିଲା। ରାଷ୍ଟ୍ରସଂଘର ନିରାପତ୍ତା ପରିଷଦର ପାଞ୍ଚ ସ୍ଥାୟୀ ସଭ୍ୟ ଯଥା– ଆମେରିକା, ରୁଷିଆ, ଚାଇନା, ଇଂଲଣ୍ଡ ଓ ଫ୍ରାନ୍ସ ସହିତ ଜର୍ମାନୀ ମଧ୍ୟ ଇରାନ ସହିତ ଏହି ଚୁକ୍ତି କରିଥିଲେ। ଚୁକ୍ତି ଅନୁସାରେ ଇରାନ ଆଣବିକ ବୋମା ନିର୍ମାଣ କରିବା ଦିଗରେ ଅଗ୍ରସର ହେବ ନାହିଁ ଓ ପାଶ୍ଚାତ୍ୟ ଦେଶମାନେ ଇରାନ ଉପରୁ ବାସନ୍ଦ ପ୍ରତ୍ୟାହାର କରିନେବେ। ମାତ୍ର ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ୨୦୧୮ରେ ଏହି ଚୁକ୍ତିରୁ ଆମେରିକା ଓହରି ଗଲା ଓ ଇରାନ ବିରୋଧରେ ପୁଣି ବାସନ୍ଦ ଲଗାଇଲା।

୨୦୨୫ରେ ଟ୍ରମ୍ପ ପୁନର୍ବାର ରାଷ୍ଟ୍ରପତି ହେବା ପରେ ଆଣବିକ ଶକ୍ତି ଉନ୍ନତୀକରଣ ପ୍ରସ୍ତୁତିକୁ ରୋକିବା ପାଇଁ ଇରାନକୁ ବାଧ୍ୟ କରୁଛନ୍ତି, ଆଉ ଏକ ଚୁକ୍ତିରେ ଦସ୍ତଖତ କରିବା ପାଇଁ। ଏହି ଆଲୋଚନା ଶେଷ ହେବା ପୂର୍ବରୁ ୧୩ ଜୁନ୍, ୨୦୨୫ରେ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକସ୍ମିକ ଆକ୍ରମଣ କରାଯାଇଛି। ଇରାନର ବହୁ ଆଣବିକ ବୈଜ୍ଞାନିକ, ସାମରିକ ଅଫିସରଙ୍କ ମୃତ୍ୟୁ ଘଟିଛି। ଇରାନ ଅବଶ୍ୟ ଏହାର ପାଲଟା ଜବାବ ଦେଇଛି। ୨୦୨୫ ଜୁନ୍ ୨୨ରେ ଆମେରିକା ଅତର୍କିତ ଭାବେ ଇରାନର ତିନୋଟି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଛି। ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନ ପାଇଲେ, ଇସ୍ରାଏଲ ଇରାନ ସହିତ ଯୁଦ୍ଧରେ ବିଜୟୀ ହୋଇପାରିବ ନାହିଁ। ତେଣୁ ଏହି ଯୁଦ୍ଧରେ ଆମେରିକାକୁ ଭାଗୀଦାର ହେବାକୁ ଇସ୍ରାଏଲ ବାଧ୍ୟ କଲା।

୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିଥିଲା। ଏହା ପରଠାରୁ ଇସ୍ରାଏଲ ଗାଜା ଉପରେ ନିରବଚ୍ଛିନ୍ନ ଭାବେ ଗଣହତ୍ୟା କରିଚାଲିଛି। ଏହା ବ୍ୟତୀତ ଲେବାନନ, ୟେମେନ୍, ସିରିଆ ଉପରେ ଇସ୍ରାଏଲ ଆକ୍ରମଣ କରିଆସୁଛି। ସିରିଆର 'ଗୋଲାନ ହାଇଟ' ଅଞ୍ଚଳକୁ ଦଖଲ କରିସାରିଛି। ୨୦୨୪ ଡିସେମ୍ବରରେ ସିରିଆର ରାଷ୍ଟ୍ରପତି ଆସାଦ, ଗୃହଯୁଦ୍ଧରେ ପରାସ୍ତ ହୋଇ ଦେଶ ଛାଡ଼ି ପଳାଇଲା ପରେ ଇସ୍ରାଏଲ ସମଗ୍ର ସିରିଆକୁ ଦଖଲ କରିବାକୁ ଲକ୍ଷ୍ୟ ରଖିଛି।

ଜୁନ୍ ୧୩ ରେ ଇରାନର ରାଜଧାନୀ ତେହେରାନ ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ପକ୍ଷରୁ ପ୍ରତିଆକ୍ରମଣ କରାଯାଇଥିଲା। ଇରାନର ଆକ୍ରମଣରେ ଇସ୍ରାଏଲର ବ୍ୟାପକ କ୍ଷତି ଘଟିଛି। ଇରାନର ପାଲଟା ଜବାବରେ ଭୟଭୀତ ହୋଇଛି ଇସ୍ରାଏଲ। ଆନ୍ତର୍ଜାତିକ ସ୍ତରରେ ସମସ୍ତ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ମିଳିତ ଭାବେ ଇସ୍ରାଏଲକୁ ସମର୍ଥନ ଦେବା ସହିତ ଇରାନକୁ ବିରୋଧ କଲାବେଳେ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ସ୍ପେନ, ଇଟାଲି, ଉତ୍ତରକୋରିଆ ଆଦି ଇରାନ ଉପରେ ଆକ୍ରମଣକୁ ବିରୋଧ କରିଛନ୍ତି। ଏହି ପରିସ୍ଥିତିରେ ଇସ୍ରାଏଲ–ଇରାନ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ହୋଇଛି।

ଇରାନ ଓ ପାଲେଷ୍ଟାଇନ ଉପରେ ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲରେ ଇହୁଦିମାନେ ବଡ଼ବଡ଼ ପଟୁଆର କରୁଛନ୍ତି। ବାସ୍ତବରେ ଏ ଯୁଦ୍ଧ ଫଳରେ ଇସ୍ରାଏଲ ଓ ଆମେରିକା ବିଶ୍ୱ ଜନସମର୍ଥନ ହରାଇଛନ୍ତି। ଦେଖିବାକୁ ଗଲେ ଏ ଯୁଦ୍ଧ ବିରତି କ୍ଷଣସ୍ଥାୟୀ। ତେବେ ଇରାନ ଏବେ ସତର୍କ ହୋଇଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ସଫ୍ଟୱେର, ଜିପିଏସ୍‌କୁ ହଟାଇ ଚାଇନାର ସଫ୍ଟୱେରକୁ ବ୍ୟବହାର କରୁଛି ଓ ଏନ୍.ପି.ଟି.ରୁ ଓହରି ଯିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ଇରାନ ଏବଂ ଇସ୍ରାଏଲର ଭବିଷ୍ୟତ ଯୁଦ୍ଧ କି ଧରଣର ହେବ, ତାହା ଏବେଠୁ କହିବା ସମ୍ଭବ ନୁହେଁ।

ମୋ: ୯୪୩୭୦୦୭୭୭୦

## ଏଇ ଭାରତରେ

ବୟସ ୮୪। ତଥାପି ଚଳଚଞ୍ଚଳ କଲିମୁଲ୍ଲା ଖାଁ। ଗୋଟିଏ ଗଛରେ ସେ ୩୫୦ କିସମର ଆମ୍ବ ଫଳାଉଛନ୍ତି। ଏହା ଜାଣି ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ ଏହା ସମ୍ଭବ ହୋଇଛି ଉତ୍ତରପ୍ରଦେଶସ୍ଥିତ ମଲିହାବାଦ୍ ଫାର୍ମରେ, ତାଙ୍କ ଉଦ୍ୟମରେ। ୨୨ ଏକରରେ ଏହି ଫାର୍ମ ବ୍ୟାପିଛି। କଲିମୁଲ୍ଲା ୭ମ ପାସ୍ କରିନାହାନ୍ତି। ଉଦ୍ୟାନ କୃଷି ସମ୍ପର୍କରେ ମଧ୍ୟ କୌଣସି ପ୍ରଶିକ୍ଷଣ ପାଇନାହାନ୍ତି। ହେଲେ କଲମି ପଦ୍ଧତିରେ ଗୋଟିଏ ଗଛରେ ୩୫୦ କିସମର ଆମ୍ବ ଫଳାଇବାରେ ସେ ସକ୍ଷମ ହୋଇଛନ୍ତି। ତେଣୁ ତାଙ୍କୁ ଦେଶର ମ୍ୟାଙ୍ଗୋମ୍ୟାନ୍ ବା ଆମ୍ବ ମଣିଷ ଭାବେ ପରିଗଣିତ କରାଯାଏ। ତାଙ୍କର ଏହି ସଫଳତା ଲିମ୍‌କା ରେକର୍ଡ ଅଫ୍ ବୁକ୍ସରେ ସ୍ଥାନ ପାଇଛି। ଅଜାଙ୍କ ମୃତ୍ୟୁ ପରେ ସେ ପାଠଛାଡ଼ି ତାଙ୍କ ଆମ୍ବବଗିଚାର ଯତ୍ନ ନେଇଥିଲେ। ୧୯୫୭ରେ ସେ ପ୍ରଥମେ ସତପ୍ରକାର ଆମ୍ବ ଫଳିବା ଭଳି ଗଛଟିଏ ଲଗାଇଥିଲେ କିନ୍ତୁ ତାହା ବନ୍ୟାରେ ନଷ୍ଟ ହୋଇଗଲା। ପରେ ୧୯୮୭ରେ ତାଙ୍କ ଫାର୍ମର ୧୨୫ ବର୍ଷ ପୁରୁଣା ଏକ ଗଛରେ କଲମି ବନ୍ଧତି ଉପରେ ପରୀକ୍ଷା ଆରମ୍ଭ କରିଥିଲେ। ଏବେ ସେହି ଗଛରେ ଫଳୁଥିବା ବିଭିନ୍ନ ପ୍ରକାର ଆମ୍ବର ନିର୍ଦ୍ଦିଷ୍ଟ ରଙ୍ଗ, ସ୍ୱାଦ ଓ ବାସ୍ନା ରହିଛି।

# ଅସ୍ଥିରତା ଅନ୍ତରାଳେ



ପ୍ର. ଫକୀର ମୋହନ ସାହୁ


ଅସ୍ଥିରତା ଏକ ଅବାଞ୍ଛିତ ମାନସିକ ଅବସ୍ଥା। ଅନେକ ଲୋକଙ୍କର ଧାରଣା ହୋଇପାରେ ଯେ ଏହା କେବଳ ପିଲାମାନଙ୍କ ମଧ୍ୟରେ ସୀମିତ। ଅସ୍ଥିର ପିଲା ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ଅଙ୍କକଷି ପାରେନାହ, ମନଯୋଗ ଦେଇ କୌଣସି କାମକୁ ସମ୍ପୂର୍ଣ୍ଣ କରିପାରେ ନାହିଁ। ଅଯଥାରେ ରାଗେ ଏବଂ ଅନାବଶ୍ୟକ ଭାବେ ଗୋଡ଼ହାତ ଛାଟି କାନ୍ଦିଥାଏ। ପିଲାମାନଙ୍କ ଏପରି ଅସ୍ଥିରତାର ଚିତ୍ର ଆମ ଆଖିରେ ବେଶି ଧରାପଡ଼ିଲେ ମଧ୍ୟ କିଶୋରୀକିଶୋର ଏବଂ ଯୁବତୀଯୁବକ ଅସ୍ଥିରତାରୁ ମୁକ୍ତ ନୁହନ୍ତି। ଆଜିକାଲି ବଡ଼ ବଡ଼ କର୍ମସଂସ୍ଥାରେ କାର୍ଯ୍ୟକରୁଥିବା ଏବଂ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିମାନେ ଅସ୍ଥିରତାର ଶରବ୍ୟ ହୁଅନ୍ତି।

ବୟସ ନିର୍ବିଶେଷରେ ଅସ୍ଥିରତା ଆମର ସାମାଜିକ ଏବଂ ବୃତ୍ତିଗତ ଜୀବନର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବାରୁ ଏହାର କାରଣ ଓ ନିରାକରଣ ବୁଝିବାର ଆବଶ୍ୟକତା ରହିଛି। ମୋଟାମୋଟି ଭାବରେ ଲୋକମାନେ ଏହାକୁ ଷ୍ଟ୍ରେସ୍ ବା ମାନସିକ ଚାପ କହିଦେଇ ବସିଯାଆନ୍ତି। କିନ୍ତୁ ଏହା ସମସ୍ୟାର ସମାଧାନ ନୁହେଁ। ଅସ୍ଥିରତାର ଅନ୍ତଃସ୍ଥଳକୁ ଯିବାକୁ ପଡ଼ିବ। ଏହାର ଅନ୍ତରାଳରେ କେଉଁ କେଉଁ ଉପାଦାନ ସକ୍ରିୟ ରହିଛି, ତାହାକୁ ଚିହ୍ନଟ କରିପାରିଲେ ସ୍ଥିର ଓ ଶାନ୍ତ ଜୀବନଶୈଳୀରେ ସଫଳତା ମିଳିବ।

ଅବଶ୍ୟ ଏହା ସତ୍ୟ ଯେ ଅସ୍ଥିରତା କ୍ଷେତ୍ରରେ ଅଳ୍ପ ପରିମାଣର ବଂଶାନୁଗତି କାରଣ ସଂଶ୍ଲିଷ୍ଟ ରହିଛି। ପିତାମାତାଙ୍କର ଅସ୍ଥିରତା କିଛି ପରିମାଣରେ ପୁତ୍ରକନ୍ୟାଙ୍କ ଅସ୍ଥିରତା ବଢ଼ାଇଥାଏ। ଆମେ ଏ ଦିଗରେ ବିଶେଷ କିଛି କରି ନ ପାରିଲେ ମଧ୍ୟ ମାନସିକ କାରଣଗୁଡ଼ିକ ଦିଗରେ ପଦକ୍ଷେପ ନେଇପାରିବୁ। ସୁତରାଂ ଏ ସମ୍ପର୍କରେ ଧ୍ୟାନଶୀଳ ହେବା ବିଶେଷ ପ୍ରୟୋଜନ।

ଆମେ ସମସ୍ତେ ଏପରି ଏକ ପରିବେଶ ଚାହୁଁ, ଯେଉଁ ପରିବେଶରେ ଆମେ ପ୍ରତ୍ୟାଶା କରୁଥିବା ଘଟଣାସବୁ ଘଟିବ। ଭଲ ହେଉ ବା ମନ୍ଦ, ଆମର ଆଶା ଅନୁଯାୟୀ ଅବସ୍ଥା ସଂଘଟିତ ହେବ। ଆମେ ଆଗାମୀ କାଲି ପାଇଁ ଯେପରି ପାଗର ପ୍ରତ୍ୟାଶା ରଖିଛୁ, ପାଗ ସେହିପରି ହେବ। ଆମ ପିଲାଙ୍କର ପରୀକ୍ଷାଫଳ ଯେପରି ଆଶାକରୁଛୁ, ସେପରି ରହିବ। ମାତ୍ର ଏପରି ସବୁ ପ୍ରତ୍ୟାଶା ସବୁ ସମୟରେ ସଫଳ ହୁଏ କି? କେତେକ ସମୟରେ ହୁଏ, ପୁଣି କେତେକ ସମୟରେ ହୁଏ ନାହିଁ। ବାହ୍ୟ ପରିବେଶରେ କିଛି ପରିମାଣରେ ଅନିଶ୍ଚିତତା ରହିବ। କିନ୍ତୁ ଆମ ଜୀବନର ସୁସ୍ଥତା ଦୃଷ୍ଟିରୁ ଏପରି ଅନିଶ୍ଚିତତାକୁ ସହ୍ୟ କରିବାକୁ ହେବ। ଏହା ଏକ ମନୋବୈଜ୍ଞାନିକ ସତ୍ୟ ଯେ ଅନିଶ୍ଚିତତା ପାଇଁ ସହନଶୀଳତାର ମାତ୍ରା ଯେତେ କମ୍ ରହିବ, ଅସ୍ଥିରତାର ମାତ୍ରା ସେହି ଅନୁପାତରେ ଅଧିକ ରହିବ।

ଅନିଶ୍ଚିତତାକୁ ସହ୍ୟକରି ନ ପାରିବାର ମାନସିକତାକୁ ଅନ୍ୟ ଏକ ପ୍ରକାରେ ପ୍ରକାଶ କରାଯାଇପାରେ। ତାହା ହେଉଛି ଆମର ପୂର୍ବାନୁମାନ, ବିଫଳତାକୁ ସହ୍ୟ ନ କରିବାର ମନୋଭାବ। ଆଗାମୀ କାଲିର ଘଟଣାକୁ ପୂର୍ବାନୁମାନ କରାଯାଇପାରେ। ମାତ୍ର ଏହି ଅନୁଯାୟୀ ଘଟଣା ନ ଘଟିଲେ କେତେଜଣ ଲୋକ ଖୁବ୍ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି।



ଏହା ମାନସିକ ଅସ୍ଥିରତାର କାରଣ ହୁଏ।

ପ୍ରଶ୍ନ ଉଠିପାରେ, ସହନଶୀଳତାର ଅଭାବ ଘଟିବାର ମୂଳ କାରଣ କ'ଣ? ଗୋଟିଏ ହେଉଛି ବାପାମା'ଙ୍କର ତ୍ରୁଟିପୂର୍ଣ୍ଣ ଶିଶୁ ପରିପାଳନ ଭଙ୍ଗୀ। କେତେଜଣ ମା' କିମ୍ବା ବାପା ଅଯଥା ମାତ୍ରାଧିକ ନିୟନ୍ତ୍ରଣଶୀଳ ହୋଇଉଠନ୍ତି। ଏଇଟା କର, ସେଇଟା କର– ଅନାବଶ୍ୟକ ଭାବେ ଏହିପରି ଆଜ୍ଞା ଦେଇ ଶିଶୁକୁ ଅଣନିଃଶ୍ୱାସୀ କରିଦିଅନ୍ତି। ଏସବୁ ବ୍ୟତୀତ ପିତାମାତାଙ୍କ ରାଗ ଓ ଅନ୍ୟ ସବୁ ପ୍ରତିକୂଳ ଭାବାବେଗ ପ୍ରକାଶରେ କୌଣସି କୂଳକିନାରା ନ ଥାଏ। ଯେତେବେଳେ ସେତେବେଳେ ନିଜର ରାଗପ୍ରକାଶ କରନ୍ତି। ଏପରି ଘଟିଲେ ସେପରି ପିଲାମାନେ ବଡ଼ ହେଲେ ବାହାରର ଅନିଶ୍ଚିତତା ସହ୍ୟ କରିବାର ସାମର୍ଥ୍ୟ ହରାଇବସନ୍ତି।

ସେହିପରି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଉପରିସ୍ଥ ଅଫିସରଙ୍କ ବିଶୃଙ୍ଖଳିତ ମିଜାସ ସମସ୍ୟା ସୃଷ୍ଟିକରେ। କର୍ତ୍ତୃପକ୍ଷ କେତେବେଳେ ଭଲ ମିଜାସରେ ଥାଆନ୍ତି ଏବଂ କେତେବେଳେ ଖରାପ ମିଜାସ ଦର୍ଶାନ୍ତି, ତାହା ଜଣାପଡ଼େ ନାହିଁ। ଏପରି ବାତାବରଣ ମଧ୍ୟରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କର ଏକ ବ୍ୟକ୍ତିଗତ ଦୁର୍ବଳତା ଗଠିତ ହୁଏ। ସେ ଦୁର୍ବଳତା ହେଉଛି ଅନିଶ୍ଚିତ ଅବସ୍ଥାକୁ ସହ୍ୟ କରିବାର ଅସାମର୍ଥ୍ୟ।

ଏଠାରେ ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ଲକ୍ଷ୍ୟ କରିବାର କଥା। ପରିବାରରେ ପିଲାମାନଙ୍କ ପାଇଁ ହେଉ କିମ୍ବା କର୍ମସଂସ୍ଥାର କର୍ମଚାରୀମାନଙ୍କ ପାଇଁ ହେଉ, ଗୋଟିଏ ଉପାଦାନ ଅନିଶ୍ଚିତତାକୁ ସହ୍ୟ କରିବାରେ ସହାୟକ ହୁଏ। ପିତାମାତାଙ୍କର କିମ୍ବା କର୍ମସଂସ୍ଥାର କର୍ତ୍ତୃପକ୍ଷଙ୍କ ଆବେଗର କିଛିଟା ପୂର୍ବାଭାସ କେତେକ ଦୃଷ୍ଟିରୁ ସହାୟକ ହୋଇଥାଏ। ଧରାଯାଉ ମା' ରୋଷେଇଘର ଭିତରୁ ବାହାରିବା ସମୟରେ ରାଗୁଛନ୍ତି କିମ୍ବା ବାପା ଅଫିସ୍‌ରୁ ଫେରିଆସି କିଛି ସମୟ ପାଇଁ ଖରାପ ମିଜାସ ଦର୍ଶାଉଛନ୍ତି। ସେହିପରି ହୁଏତ କର୍ମସଂସ୍ଥାର ଉଚ୍ଚପଦସ୍ଥ କର୍ମଚାରୀ ଜଣକ କାର୍ଯ୍ୟସଂସ୍ଥାର ଆରମ୍ଭ ଦିନରେ (ସୋମବାର) ଖରାପ ମିଜାସ ଦର୍ଶାଉଛନ୍ତି। ଏପରିସ୍ଥଳେ ବିଶେଷ କ୍ଷତି ନ ହୋଇପାରେ। ପରିବାରରେ ପିଲାମାନେ ଜାଣିବେ ଯେ ଏପରି ବିଶେଷ ମୁହୂର୍ତ୍ତକୁ ବାଦ୍‌ଦେଲେ ବାପାମା'ଙ୍କ ମିଜାସର ପୂର୍ବାନୁମାନ କରାଯାଇପାରିବ। ସେହିପରି ସଂସ୍ଥାରେ କର୍ମଚାରୀମାନେ ଜାଣିବେ ଯେ ମାଲିକଙ୍କର ଅନ୍ୟ ଦିନଗୁଡ଼ିକରେ (ମଙ୍ଗଳବାରରୁ ଶନିବାର ପର୍ଯ୍ୟନ୍ତ) ମିଜାସର ପୂର୍ବାନୁମାନ ସମ୍ଭବ। ଏପରି ପୂର୍ବ ସଙ୍କେତ ବହୁ ପରିମାଣରେ ଅସ୍ଥିରତା ଦୂରକରିବାରେ ସାହାଯ୍ୟ କରିବ।

ପରିଶେଷରେ କୁହାଯିବ, ଆପଣଙ୍କ ଧ୍ୟାନ ସକାରାତ୍ମକ ଦିଗକୁ ଯାଉଛି କି ନକାରାତ୍ମକ ଦିଗକୁ ଯାଉଛି ତାହା ଅସ୍ଥିରତା ନିର୍ଦ୍ଧାରଣ କରିବ। ଧରାଯାଉ ଆପଣଙ୍କୁ କୁହାଗଲା, ଡାକ୍ତର ଜଣେ ଲୋକଙ୍କ ଗାଲ ପାଖରେ ଗୋଟିଏ ଆବୁ ଦେଖିଲେ। ସେ ଭାବିଲେ ଯେ...। ଏହି ଶୂନ୍ୟ ସ୍ଥାନ ଆପଣ କିପରି ପୂରଣ କରିବେ? ସେହିପରି ଜଣେ ଲୋକ ଅନ୍ଧାର ରାସ୍ତାରେ ଯାଉ ଯାଉ ବାଟ ଭୁଲିଗଲେ। ସେ ଦେଖିଲେ ଯେ...। ଏଠାରେ ମଧ୍ୟ ଆପଣ କିପରି ସ୍ଥାନ ପୂରଣ କରିବେ? ଉପର ଦୁଇଟି ଉଦାହରଣରେ ଆପଣଙ୍କ ମନରେ ଦୁର୍ଭାବନା (ଯଥା– କ୍ୟାନ୍‌ସର ଏବଂ ସାପ) ଆସୁଥିଲେ ଆପଣ ଅସ୍ଥିରତାର ଶରବ୍ୟ ହେବା ଅଧିକ ସମ୍ଭାବନା ରହିଛି।

ମୋ: ୯୪୩୭୧୨୧୨୭୯

## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 6 | 3 | | 1 | | | | |
| 5 | | | | | | | | |
| | | 1 | | 2 | 7 | | | |
| | 4 | | 6 | 3 | 1 | | | |
| 8 | | | | | | | | 3 |
| | | 7 | | 9 | | | | |
| | 1 | | 7 | | | | | 2 |
| 4 | | | | | 3 | 5 | | |
| | | | 2 | | | | 6 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 7 | 9 | 4 | 8 | 2 | 3 |
| 7 | 8 | 3 | 6 | 5 | 2 | 9 | 1 | 4 |
| 9 | 2 | 4 | 3 | 1 | 8 | 5 | 7 | 6 |
| 8 | 7 | 9 | 1 | 2 | 6 | 3 | 4 | 5 |
| 6 | 1 | 2 | 5 | 4 | 3 | 7 | 8 | 9 |
| 4 | 3 | 5 | 8 | 7 | 9 | 1 | 6 | 2 |
| 2 | 4 | 8 | 9 | 3 | 1 | 6 | 5 | 7 |
| 1 | 9 | 7 | 2 | 6 | 5 | 4 | 3 | 8 |
| 3 | 5 | 6 | 4 | 8 | 7 | 2 | 9 | 1 |

ଗତକାଲିର ଉତ୍ତର

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୭୬

- ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ୧୨ ହଜାର ଶିକ୍ଷାନୁଷ୍ଠାନକୁ କାରିଗରି ଶିକ୍ଷା ଦେବା ନିମନ୍ତେ ରେଲ୍‌ୱେ ପକ୍ଷରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।
- ଦେଶର ଆଭ୍ୟନ୍ତରୀଣ ବଜାରରେ ଆଳୁ ମୂଲ୍ୟ ହ୍ରାସ ଯୋଗୁ ସରକାର ବିଦେଶକୁ ଆଳୁ ରପ୍ତାନୀ ନିଷିଦ୍ଧ କରିଛନ୍ତି।

## ଚିରନ୍ତନୀ

ତୋ ତୀରେ ସେ କେଉଁ ପକ୍ଷୀ ଗାଏ ଲୋ ପ୍ରଭାତୀ,
କି ଆଲୋକେ ଲାଜେ ତୋର ଛନ ଛନ ଛାତି ?
ମୋହରି ସେହି ବିହଙ୍ଗ
ଚିର ସଙ୍ଗୀତର ସଙ୍ଗ,
ମୋହରି ଆଲୋକ ସେ ତ ମନଭୁଲା ଜାତି ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଡାଇରିଆ ଡରାଣ

ମହାଶୟ,
ଓଡ଼ିଆରେ ବାଡ଼ି (ହଇଜା) ଭଳି ଶବ୍ଦ ଅଥବା ମାଇପି ଗାଳି ମନରେ ଭୀତି ସଞ୍ଚାରକରେ। କାରଣ ଅତୀତରେ ଏଥିପାଇଁ ଗୋଟିଏ ଗୋଟିଏ ଗାଁ ମଣିଷ ଶୂନ୍ୟ ହୋଇଯାଉଥିଲା। କୋକେଇ ବାନ୍ଧିବାକୁ ମଧ୍ୟ ଲୋକ ଅଭାବ ପଡୁଥିଲେ। ସମ୍ପ୍ରତି ଓଡ଼ିଶାରେ ହଇଜା ମହାମାରୀ କାୟାବିସ୍ତାର କରିଚାଲିଥିବା ବେଳେ ଏହା ପାଣ୍ଡେମିକ୍ ନୁହେଁ ଏଣ୍ଡାମିକ୍ ବୋଲି ସରକାରୀ ବିବୃତି କେବଳ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ। ରୋମ ନଗରୀ ଜଳି ଯାଉଥିବା ବେଳେ ସମ୍ରାଟ ନୀରୋଙ୍କ ବଂଶୀ ବାଦନ ଭାବି ହଇଜା ଆକ୍ରାନ୍ତ ଓଡ଼ିଶାରେ ଏବେ ଜାକଜମକରେ ୧ବର୍ଷ ପୂର୍ତ୍ତି ପାଳନ ସରକାରଙ୍କ ପ୍ରମୁଖ କାମ ହୋଇଛି। ବୃଥା ପ୍ରଚାରରେ ବ୍ୟସ୍ତ ନ ରହି ଲୋକଙ୍କ ପାଇଁ କିଛି କରିବାକୁ ସରକାର ଆଗେଇ ଆସନ୍ତୁ।

–ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପାଣି ପମ୍ପ ଚୋରି ଅଭିଯୋଗ**

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବଡ଼ଦାଦର ଗ୍ରାମର ସୁଜିତ କୁମାର ବିଶ୍ୱାଳଙ୍କ ଆମ୍ବ ବଗିଚାରୁ ଏକ ପାଣି ପମ୍ପ ଚୋରି ହୋଇଥିବା ସୁଜିତ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୯୨/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ତାଙ୍କ ନଳକୂଅରେ ଲାଗିଥିବା ପାଣି ପମ୍ପଟିକୁ କେହି ଚୋରି କରି ନେଇଯାଇଛନ୍ତି।

# ବିଦ୍ୟାଳୟ ସମସ୍ୟା ପ୍ରତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ




ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍ମରଣିକା ଉନ୍ମୋଚନ କରାଯାଉଛି।

**ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ**

ଓଡ଼ାପଡ଼ା,୮।୭(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ମୁଖ୍ୟବକ୍ତା ଭାବେ ଜିଏମ୍ଆର୍ କାରଖାନା ମୁଖ୍ୟ ପରିଚାଳକ ମନୋଜ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଏମ୍ଆର୍ କାରଖାନା ପାରିପାର୍ଶ୍ୱିକ ଅଧିକାରୀ ଦିଲୀପ କୁମାର କର, ସମାଜିକ କର୍ମୀ ଲକ୍ଷ୍ମୀଧର ରାଉତ, ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ, ସମିତି ସଭ୍ୟା ଅନିତା ପଟ୍ଟନାୟକ ଓ ବିଧାୟିକାଙ୍କ ପ୍ରତିନିଧି ସନ୍ତୋଷ ନାଏକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନୀତା ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିଦ୍ୟାଳୟ ସ୍ମରଣିକା ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ପାଣି ବିଦ୍ୟାଳୟର ଅଭାବ ଅସୁବିଧା ପ୍ରତି ମନ୍ତ୍ରୀ ଓ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ଉନ୍ନତି ଦିଗରେ କାର୍ଯ୍ୟ କରିଥିବା ସମାଜିକ କର୍ମୀଙ୍କ ପରଲୋକ ହୋଇଯାଇଥିବାରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପୁଷ୍ପରାଜ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ରୀଛାତ୍ର ଓ ଯୁବକ ଗୋଷ୍ଠୀ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ୭ଦଫା ଦାବି ନେଇ ଆନ୍ଦୋଳନ

ପବିତ୍ରନଗର,୮।୭(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଡ୍ରାଇଭର ମହାସଂଘର ଆନ୍ଦୋଳନର ପ୍ରଭାବ ଦେଖିବାକୁ ମିଳିଛି। କଣିହାଁ ବ୍ଲକରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ଯାତ୍ରୀମାନେ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କଣିହାଁ ବ୍ଲକର ଡ୍ରାଇଭରମାନେ ଏନଟିପିସି ଏମଜିଆର ଠାରେ ଏକତ୍ରିତ ହୋଇ ଧାରଣାରେ ବସିଛନ୍ତି। ଧାରଣା ସ୍ଥଳରେ ଜିଲା ଡ୍ରାଇଭର ମହାସଂଘ ସଭାପତି ଲକ୍ଷ୍ମୀଧର କବି, କଣିହାଁ ବ୍ଲକ ମହାସଂଘ ସଭାପତି ବିପିନି ବିହାରୀ ପ୍ରଧାନ, ଉପସଭାପତି ହୃଷୀକେଶ ସାହୁ, ସମ୍ପାଦକ ଧୀରେନ୍ଦ୍ର ବିଶାଳ, ସହ ସମ୍ପାଦକ ବିଷ୍ଣୁ ଚରଣ ବିଲାସ, କୋଷାଧ୍ୟକ୍ଷ କ୍ଷେତ୍ରବାସୀ ନାୟକ ପ୍ରମୁଖ ପସ୍ଥିତ ରହି ଆନ୍ଦୋଳନ ଚଳାଇଛନ୍ତି।

# ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ



ବନ ମହୋତ୍ସବ ଅବସରରେ ଚାରାରୋପଣ କରାଯାଉଛି।

ଓଡ଼ାପଡ଼ା, ୮।୭(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ଅବସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଳରାମପ୍ରସାଦଠାରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ତନୟ କୁମାର ପଟ୍ଟନାୟକ, ଏଫ୍ଏସ୍‌ର ସଦସ୍ୟ ଜଗନ୍ନାଥ ନାୟକ, ଗୋପାଳ ଜେନା, ଖଗେଶ୍ୱର ରାଉତ, ରବିନାରାୟଣ ବେହେରା ଏବଂ ବନ ବିଭାଗ କର୍ମଚାରୀ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ମୋହନ ପ୍ରଧାନ ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ନିମନ୍ତେ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ ହୋଇଥିଲା। ସେହିପରି ଓଡ଼ାପଡ଼ା ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ପ୍ରମୋଦ ରଞ୍ଜନ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ, ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସଭାପତି ନୃସିଂହ ଚରଣ ନାୟକ, ଏଫ୍ଏସ୍ ସଦସ୍ୟ ଜଗନ୍ନାଥ ନାୟକ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଗ୍ରାମବାସୀଙ୍କୁ ସୁରକ୍ଷା ଦେବାକୁ ପରାମର୍ଶ

ସନ୍ତ୍ରୀଛକ, ୮।୭(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଲଙ୍ଗୁଲିଆବେଢ଼ାଠାରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ରଜବନ୍ଧୁ ସାହୁଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ସୋମବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଯୋଗଦେଇଥିଲେ। ବ୍ରଜବନ୍ଧୁଙ୍କ ପୁତ୍ର ବିକାଶ ସାହୁ ଭାଜପା ବିଧାନସଭା ଓବିସି ମୋର୍ଚ୍ଚାର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା। ଏମ୍‌ପି ପାଣି ଓ ବିଧାୟକ ପ୍ରଧାନ ବ୍ରଜବନ୍ଧୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଏମ୍‌ପି ଏବଂ ବିଧାୟକ ହାତୀ ଆକ୍ରମଣ ସ୍ଥାନ ବୁଲି ଦେଖିବା ସହ ବନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ଗ୍ରାମବାସୀଙ୍କୁ କିପରି ହାତୀ ତଥା ବନ୍ୟପ୍ରାଣୀଙ୍କ ଦାଉରୁ ସୁରକ୍ଷାଦେଇ ହେବ ସେ ଦିଗରେ ଯଥେଷ୍ଟ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ବନ୍ୟଜନ୍ତୁ ଘଉଡ଼ାଇବା କାର୍ଯ୍ୟରେ ଅଧିକ ବନ କର୍ମଚାରୀ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ଏବଂ ବିଧାୟକଙ୍କ ସହ ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ସରୋଜ ଜେନା, ଦୀପକ ବେହେରା, ଜଗନ୍ନାଥ ଗଡ଼ନାୟକ, ସରୋଜ ସାହୁ, ରଞ୍ଜନ ବିଷୋୟୀ, ଅଶୋକ ଧୀର ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଭି ଜଗନ୍ନାଥ କ୍ଷେତ୍ର ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ



କୃତୀ ଛାତ୍ରୀଙ୍କୁ ମଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି।

ତାଳଚେର,୮।୭ (ମନୋଜ ନନ୍ଦ)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ୭୬ ତମ ବନ ମହୋତ୍ସବ ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରଠାରେ ରାଜ୍ୟର କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ତାଳଚେର ଡିଏଭି ଜଗନ୍ନାଥ କ୍ଷେତ୍ରର ଛାତ୍ରୀ ପି. ଶୁଭଶ୍ରୀ ବକ୍ତୃତା ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରି ବିଦ୍ୟାଳୟର ଗୌରବ ମଣ୍ଡନ କରିଥିଲେ। ପରେ ଭୁବନେଶ୍ୱରସ୍ଥିତ ମଧୁସୁଦନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରୀ ପି. ଶୁଭଶ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟ ଅଧକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ସାଧୁବାଦ ଜଣାଇଛନ୍ତି।

## ଉପାନ୍ତରେ ମ୍ୟାଲେରିଆ ଆତଙ୍କ

ପାଲଲହଡ଼ା,୮।୭ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ଉପାନ୍ତ ପାଉଡି ଭୂଇଁୟା ଅଞ୍ଚଳରେ ମ୍ୟାଲେରିଆ ଆତଙ୍କ ଦେଖାଦେଇଛି। ନଗିରା ପଞ୍ଚାୟତର ସିବିଡା ଶିକ୍ଷାନିକେତନ ଜନଜାତି ହଷ୍ଟେଲରୁ ୧୦ ଜଣ ଏବଂ ଜମର କନ୍ୟାଶ୍ରମରୁ ୪ ଜଣ ଛାତ୍ରୀଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ, ଉପାନ୍ତ ଅଞ୍ଚଳରେ ଥିବା ଶିବିଡା ଶିକ୍ଷା ନିକେତନର ୧୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୨ ଦିନ ହେଲା ଜ୍ୱରରେ ଆକ୍ରାନ୍ତ ହୋଇ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ସେଥିମଧ୍ୟରୁ ୫ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡଛି। ତୁରନ୍ତ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଶିବିଡା ଶିକ୍ଷା ନିକେତନ ଏବଂ ବନ୍ଧାଭୂଇଁ କନ୍ୟାଶ୍ରମରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷାରେ ଶିବିଡା ଶିକ୍ଷା ନିକେତନର ୧୦ ଜଣ ଏବଂ ବନ୍ଧାଭୂଇଁ କନ୍ୟାଶ୍ରମର ୪ ଜଣ ଛାତ୍ରୀଛାତ୍ରଙ୍କ ମ୍ୟାଲେରିଆ ପଜିଟିଭ ଥିବା ଜଣାପଡିବାରୁ ମଙ୍ଗଳବାର ସେମାନଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଛେଣ୍ଡିପଦା,୮।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ପକ୍ଷରୁ ରାସ୍ତା ନିର୍ମାଣରେ ବାଧକ ହେଉଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, ପାଟକମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ଚାଉଁରିଆପାଳ ଗ୍ରାମରେ ଜବରଦଖଲ ଯୋଗୁ ରାସ୍ତା ଅଣଓସାରିଆ ହୋଇପଡ଼ିଥିଲା। ଫଳରେ ଯାତାୟାତ ସହ ପକ୍କା ରାସ୍ତା ନିର୍ମାଣରେ ବାଧା ଉପୁଜିଥିଲା। ଏ ନେଇ ଜବରଦଖଲ ଉଚ୍ଛେଦ ପାଇଁ ଛେଣ୍ଡିପଦା ବ୍ଲକ ପକ୍ଷରୁ ଅଭିଯୋଗ ହୋଇଥିଲା। ତହସିଲଦାର ମାନସ ରାୟ ଜବରଦଖଲ ଉଚ୍ଛେଦ ପାଇଁ ୬ ଜୁଲାଇରେ ନଂ. ୩୫୫୮ରେ ରେଭନ୍ୟୁ ସୁପରଭାଇଜର ପ୍ରଭାକର ଦେହୁରୀ, ରାଜସ୍ୱ ନିରୀକ୍ଷକ ଅରବିନ୍ଦ ରଣଭଇଁସା ଓ ପାଟକମୁଣ୍ଡା ରାଜସ୍ୱ ନିରୀକ୍ଷକ ସ୍ନେହାଞ୍ଜଳି ପରିଡାଙ୍କୁ ଚିଠି କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପ୍ରକାଶ ନାୟକ ଓ ବଗଡ଼ିଆ ଥାନା ଅଧିକାରୀ ବିପ୍ଳବ ସାହୁଙ୍କ ସମେତ ପୋଲିସ ଓ ରାଜସ୍ୱ କର୍ମଚାରୀମାନେ ଚାଉଁରିଆପାଳ ଗ୍ରାମରେ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଥିଲେ।

# ବନମହୋତ୍ସବ ପାଳନ ଅବସରରେ ଚାରା ରୋପଣ

ଆଠମଲ୍ଲିକ,୮।୭(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ତରଫରୁ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ସ୍ଥାନରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଦୀପେଶ କୁମାର ବାରିକ, ଶିକ୍ଷକ ସରୋଜ କୁମାର ପ୍ରଧାନ, ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ, ବନପାଳ ସୁବ୍ରତ କୁମାର ଶତପଥୀ, ବନରକ୍ଷୀ ବିକାଶ କୁମାର ମହାନ୍ତି, କାର୍ଯ୍ୟକ୍ରମ ସଂଯୋଜକ ଦେବାନନ୍ଦ ନାୟକ, ବନ କର୍ମଚାରୀ ରେବତୀକାନ୍ତ ମିଶ୍ର, ବିଶ୍ୱ ଯୁବକେନ୍ଦ୍ର ଦଳପତି ବସନ୍ତ କୁମାର ସାହୁ, ବିକାଶ ଅଧିକାରୀ ନିଲମ କୁମାର ପ୍ରଧାନ, ପ୍ରତି ପରମାଣିକ ଓ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ରହି ଚାରା ରୋପଣ କରିଥିଲେ।



ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଛି।

# ହାଇସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ




ବଇଣ୍ଡା, ୮।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ଠିକ୍ ରଖିବାକୁ ବ୍ୟାପକମାତ୍ରାରେ ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଫରେଷ୍ଟର ଶୁଭେନ୍ଦୁ ମୋହନ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ପା, ଭବାନୀ ଶଙ୍କର ପ୍ରଧାନ, ରଶ୍ମି ବେହେରା, କଳ୍ପନା ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ବିଶିକେଶନ ସେଠୀ ଯୋଗ ଦେଇଥିଲେ। ଏଥିରେ ୧୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା।

# ବିଦ୍ୟାଳୟ ପରିସରରେ ଚାରାରୋପଣ




ବଅଁରପାଳ,୮।୭ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ପଞ୍ଚଗଡ଼ ବିଜୟ କୁମାର ବିଦ୍ୟାଳୟ ପରିସରରେ ମଙ୍ଗଳବାର ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଅଁରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ ଓ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି ଫରେଷ୍ଟର କୁଶଧ୍ୱଜ ନାୟକ, ଶିକ୍ଷକ ସଂଗ୍ରାମ କେଶରୀ ମହାନ୍ତି ଯୋଗଦେଇ ଚାରା ରୋପଣ କରିବା ସହ ସମସ୍ତ ଛାତ୍ରୀଛାତ୍ର ଧଙ୍କୁ ଗୋଟିଏ ଲେଖାଏ ଚାରା ଲଗାଇବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ।


**ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୧୨ ଓ ୧୩ ତାରିଖ: ୦୮।୦୭।୨୦୨୫

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । • କ୍ର.ସଂ.; ବର୍ଗ; କାଟାଲଗ୍ ନଂ.; ଇ-ନିଲାମ ତାରିଖ; ନିଲାମ ଆରମ୍ଭ ସମୟ; ନିଲାମ ସମାପ୍ତି ସମୟ: • (୧); ପାର୍ସଲ, ଲିଜ୍-କେଜିପି-୨୫-୧୨; ୧୭।୦୭।୨୦୨୫; ୧୨.୦୦ ଘଟିକା; ୧୩.୪୦ ଘଟିକା । • (୨); ପାର୍ସଲ, ଲିଜ୍-କେଜିପି-୨୫-୧୩; ୨୪।୦୭।୨୦୨୫; ୧୧.୦୦ ଘଟିକା; ୧୬.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-372) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. ELOP-T-06-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଅନୁଗୁଳ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।

ବିଜ୍ଞାପିତ ମୂଲ୍ୟ : ₹1,49,76,774.36, EMD : ₹2,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹5,900/-, ଶେଷ ହେବା ଅବଧି : 730 ଦିନ ।

(2) ଟେଣ୍ଡର ସଂ. ELOP-T-07-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ପାରାଦ୍ୱୀପ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।

ବିଜ୍ଞାପିତ ମୂଲ୍ୟ : ₹3,06,70,684.98, EMD : ₹3,03,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹11,800/-, ଶେଷ ହେବା ଅବଧି : 730 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.07.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.07.2025ରିଖ 1600 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-332/Q/25-26



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK-IN-INTERVIEW**
Candidates having minimum 55% mark in P.G. can attain interview for Lecturer in Odia (one post) on dt.14.07.2025 (Monday) from 11 A.M. onwards. Ph.D. qualification will preferable. Candidates will come with all testimonials.
Sd./- Principal-cum-Secretary
S.B.H.S. School, Bentapur, Khordha

**WANTED**
LADIES OFFICE ASST.
At Near Phulnakhara, Cuttack
Khaiba Free / Rahiba Free
Salary - 10000 + Bonus
MOB : 7809525452

**WANTED**
SALES & MARKETING EXECUTIVE
AK Plywood - Bhubaneswar
Opp Hotel Sapphire, Laxmisagar
• Experience preferred but not mandatory
Mob : 083277 43931

**URGENTLY REQUIRED**
4 Nos DTP and Xerox operator, 2 Nos shop Sales Men urgently required for my 2 shop, 1 Nos Private secretary Com Body guard. (Age limit 21 to 35 years, only male for all posts) Contact: New Plus Point, CDA Market Complex, College Square Cuttack.
Mob: 7991052444

**WANTED**
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs.6.0 - 7.2 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BALASORE, CUTTACK, BHADRAK & RAYAGADA
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (୧୮୩୯୮)
ସା: ମହାନଦୀ ଭବନ, କଚେରୀ ରୋଡ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ପ୍ରଥମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୭.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ
ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୯.୦୭.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ମେସର୍ସ ଏସ୍ ମହାରଣା, ସତ୍ତ୍ୱାଧିକାରୀ: ଶ୍ରୀ ସନାତନ ମହାରଣା, ବାଲିଝୁଡି ଆଇଡ଼ିଏଲ୍ ରୋଡ୍, ସ୍ୱପ୍ନେଶ୍ୱର ମନ୍ଦିର ସାମ୍ନା, ଜିଲ୍ଲା: ସୁନ୍ଦରଗଡ଼, ପିନ୍-୭୬୯୦୧୬ / ଆକାଉଣ୍ଟ ନଂ.: ୩୯୬୩୩୪୩୬୮୪୬, ୪୦୨୫୫୬୦୫୫୩୨, ୪୦୨୫୫୬୦୭୪୩୭ ଏବଂ ୩୮୪୮୮୪୧୧୬୫୧ | ଶ୍ରୀ ସନାତନ ମହାରଣାଙ୍କ ନାମରେ ଥିବା ଅନୁସୂଚିତ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଟାୟୁ ନଂ.-୪୮, ବଡ଼ ସୁନାପର୍ବତ, ଥାନା: ଟାଙ୍ଗରପାଲି, ଖାତା ନଂ.: ୭୯/୩୧୬, ପ୍ଲଟ୍ ନଂ.: ୨୫୯/୧୧୭୫, କ୍ଷେତ୍ର: ଏକର୦.୨୦୦ ଡିସିମିଲି | ୦୮.୦୭.୨୦୨୫ ପର୍ଯ୍ୟନ୍ତ ସୁଧ ସହିତ ଟ.୭୭,୩୯,୮୧୪.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି | ଟ.୫୦,୦୦,୦୦୦/- / ଟ.୫,୦୦,୦୦୦/- / ଟ.୫୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮ ଏବଂ ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦

ତାରିଖ: ୦୮.୦୭.୨୦୨୫, ସ୍ଥାନ: ସମ୍ବଲପୁର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର



**राँची समाहरणालय,राँची**
(सामाजिक सुरक्षा कोषांग)
(जिला बाल संरक्षण इकाई)

**गुमशुदा बालक की सूचना**
(बाल कल्याण समिति, रांची के आदेशानुसार)

. नाम– आदित्य (काल्पनिक नाम)
. लिंग– बालक
. पिता का नाम– अज्ञात
. माता का नाम– अज्ञात
. पता– अज्ञात
. उम्र – 03 वर्ष (लगभग)
. रंग – सांवला



एतद् द्वारा सर्वसाधारण को सूचित किया जाता है कि बाल कल्याण समिति, राँची के आदेशानुसार एक बालक आदित्य (काल्पनिक नाम) को करूणा एन०एम०ओ०, राँची में आवासित किया गया है। जिसके जैविक एवं विधिक संरक्षक का पता लगाने हेतु राज्य स्तरीय एवं स्थानीय अखबार में विज्ञापन प्रकाशित की गयी है। उक्त बालक के जैविक एवं विधिक संरक्षक का विज्ञापन प्रकाशन के 120 दिनों (चार माह) तक कोई दावा प्रस्तुत नहीं होने पर दत्तक ग्रहण मार्गदर्शिका 2017 के नियम, 6 के उपनियम, 13 के अन्तर्गत बालक को दत्तक ग्रहण हेतु बाल कल्याण समिति, राँची द्वारा कानुनी रूप से मुक्त किया जा सकेगा।

दावा प्रस्तुत करने का पता एवं संपर्क नम्बर–
1. बाल कल्याण समिति, राँची
राँची समाहरणालय, राँची, भवन–ब्लॉक बी, कमरा संख्या–110
2. जिला बाल संरक्षण इकाई, राँची।
राँची समाहरणालय, राँची, भवन–ब्लॉक बी, कमरा संख्या–111

जिला बाल संरक्षण पदाधिकारी, राँची। — सहायक निदेशक, सामाजिक सुरक्षा, राँची।

PR 356766 (Social Welfare,Women and Child Development) 25-26 (D)



**इंजीनियर्स इंडिया लिमिटेड** (भारत सरकार का उपक्रम)
**ENGINEERS INDIA LIMITED** (A Govt. of India Undertaking)

**ଭୁବନେଶ୍ୱର, ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ**

ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାୟ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରୁଛି:

| ବର୍ଣ୍ଣନା | ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଓ ସମୟ |
|---|---|---|
| କାର୍ଯ୍ୟର ନାମ: ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ଲ୍ୟାଣ୍ଡସ୍କେପିଂ ଏବଂ ହର୍ଟିକଲ୍ଚରର କାର୍ଯ୍ୟ ବିଡିଂ ଦସ୍ତାବିଜ ନଂ.: କେପି/ବି୫୭୧-୦୦୧-ପିକେ-ଟି-୮୨୦୪/୧୦୦୭ | ୦୯।୦୭।୨୦୨୫ ରୁ ୨୯।୦୭।୨୦୨୫ | ୨୯।୦୭।୨୦୨୫ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ । ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ୱେବ୍‌ସାଇଟ୍‌ରେ ଅପଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ ।

ଡିଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

# ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ

**ମ**ଲ୍ଲୀ ଗଛରେ ଅଧିକ ତଥା- ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକ ୬୦ସେ.ମି ଲମ୍ବ,୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା ରୁ ୧୦କି.ଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ। କଟା କଲମି ପାଇଁ ୧୫ରୁ ୨୦ସେ.ମି ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମିଗୁଡ଼ିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ।



# ସବୁଜ ଗୋଖାଦ୍ୟ ଫସଲ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# କୁକୁଡ଼ା ଫାର୍ମରେ ଜଳ ପରିଚାଳନା



ଡା. ବୀର କିଶୋର ପରିଡ଼ା

**ଜ**ଳ ପୃଥିବୀର ସମସ୍ତ ଜୀବଜଗତର ଜୀବନଧାରଣ ପାଇଁ ସବୁଠାରୁ ମୂଲ୍ୟବାନ୍ ଓ ଶସ୍ତା ଖାଦ୍ୟସାର ବା ପୋଷକ ରୂପେ ପରିଗଣିତ ହୁଏ । ସାଧାରଣତଃ କୁକୁଡ଼ାଙ୍କ ଶରୀରରେ ସମୁଦାୟ ଜଳ ଅଂଶ ୫୫-୮୫ ପ୍ରତିଶତ ମଧ୍ୟରେ ସୀମିତ ଥାଏ । କମ୍ ବୟସ୍କ କୁକୁଡ଼ାଙ୍କ ଶରୀରରେ ଜଳ ସଂରକ୍ଷଣ ଶକ୍ତି ବୟସ୍କ କୁକୁଡ଼ାଙ୍କ ଅପେକ୍ଷା ବେଶି ଥାଏ । କାରଣ ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଚର୍ବି ଅଂଶ ସମାନୁପାତିକ ଶରୀରର ଜଳ ରୂପକ ଭାବେ ଯତ୍ନ ନେଇଥାଏ। ତେଣୁ ମୋଟ ଉପରେ କହିବାକୁ ଗଲେ, କୁକୁଡ଼ାଙ୍କ ସମୁଦାୟ ଶରୀର ଓଜନର ତିନି ଚତୁର୍ଥାଂଶ ହେଉଛି ଜଳ। ଏତଦ୍ ବ୍ୟତୀତ, ଶରୀରରେ ବଳକା ଜଳ ଅଂଶ ପରିସ୍ରା, ମଳ, ଫୁସ୍‌ଫୁସ୍‌ର ବାଷ୍ପୀକରଣ ପ୍ରକ୍ରିୟା ଏବଂ ଜୀବକୋଷ ଗଠନ ମାଧ୍ୟମରେ ନିର୍ଗତ ହୋଇଥାଏ। କୁକୁଡ଼ାମାନେ ପ୍ରତ୍ୟକ୍ଷ ଭାବେ ଜଳ ପିଇବା ମାଧ୍ୟମରେ ଏବଂ ଆଂଶିକ ଭାବେ ଖାଦ୍ୟ ପଦାର୍ଥରୁ ସେମାନଙ୍କର ଜଳର ଚାହିଦା ମେଣ୍ଟାଇଥାନ୍ତି ।

**କୁକୁଡ଼ାଙ୍କ ଶରୀରରେ ଜଳର ଆବଶ୍ୟକତା**

- ରକ୍ତର ମୁଖ୍ୟ ଅଂଶ ହେଉଛି ଜଳ ବା ଜଳୀୟ ପଦାର୍ଥ ଏବଂ ଶରୀରର ଜୀବକୋଷଗୁଡ଼ିକର ଭିତର ଓ ବାହାର ଜଳୀୟ ପଦାର୍ଥ ରୂପେ ଅନ୍ତର୍ନିହିତ କରିଥାଏ। ତେଣୁ ଏହା ଶରୀରର ବିଭିନ୍ନ ଖାଦ୍ୟସାର ଏବଂ ଶରୀରରୁ ଉତ୍ପନ୍ନ ବିଭିନ୍ନ ଦୂଷିତ ବିଷାକ୍ତ ପଦାର୍ଥ ନିଷ୍କାସନ କରିବାର ବାହକ ରୂପେ କାର୍ଯ୍ୟ କରିଥାଏ ।
- ଏହାର ଶରୀରରେ ଉତ୍ତାପ ନିୟନ୍ତ୍ରଣର ଏଜେଣ୍ଟ ରୂପେ ସହାୟକ ହୋଇଥାଏ ।
- ଏହା ଶରୀରରେ କ୍ଷାରୀୟ ଅମ୍ଳତା ଭାରସାମ୍ୟ ସହ ପରାସାରଣୀ ଚାପ ଓ ଧାତବ ଲବଣର ଭାରସାମ୍ୟ ରକ୍ଷା କରିଥାଏ ।
- ଏହା ଶରୀରର ବିଭିନ୍ନ ତରଳ ରାସାୟନିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥାଏ ।
- ଏହା ରକ୍ତରୁ ସାରାଂଶ ଗ୍ରହଣ ରୂପକ ଦୈହିକ କ୍ରିୟାର ଜଳୀୟ ପଦାର୍ଥ ବା ମେଟାବୋଲିକ୍ ଜଳ ଉତ୍ପନ୍ନ କରିବାରେ ସହାୟକ ହୋଇ କୁକୁଡ଼ାଙ୍କ ଶରୀରର ବିଭିନ୍ନ ଶାରୀରିକ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ।

ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦ ପ୍ରତିଶତରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ। ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ । ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ଅଣ୍ଡାର ଆକାର, ଅଣ୍ଡାର ଖୋଳ ଝିଲ୍ଲୀ, କୁକୁଡ଼ା ମାଂସର କ୍ୱାଲିଟି ଏବଂ କୁକୁଡ଼ା ଘରର ଲିଟର ଅବସ୍ଥା ଇତ୍ୟାଦି। କୁକୁଡ଼ାଙ୍କ ଜଳ ପିଇବା ଉପରେ ହିଁ ମଳର ଗଠନ ନିର୍ଭର କରିଥାଏ । ବାହ୍ୟ ଜଳବାୟୁର ଉତ୍ତାପ ବୃଦ୍ଧିରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବାର ଚାହିଦା ବଢ଼ିଥାଏ। କୁକୁଡ଼ାଙ୍କ ଜଳ ପିଇବା ବିଶେଷକରି ଜଳବାୟୁର ଆପେକ୍ଷିକ ଆର୍ଦ୍ରତା ଉପରେ ନିର୍ଭରକରେ ।



"ସାଧାରଣତଃ କୁକୁଡ଼ାଙ୍କ ଖାଦ୍ୟରେ ୧୦ ପ୍ରତିଶତରୁ ଅଧିକ ଜଳୀୟ ଅଂଶ ନ ଥାଏ । ତେଣୁ କୁକୁଡ଼ାଙ୍କୁ ଯଥେଷ୍ଟ ପରିମାଣରେ ପରିଷ୍କାର ଥଣ୍ଡା ଜଳ ଯୋଗାଇବା ଏକାନ୍ତ ଅପରିହାର୍ଯ୍ୟ। ଜଳବାୟୁର ଉତ୍ତାପ ଏବଂ ଦାନାର ଉପାଦାନଗୁଡ଼ିକ ଉପରେ କୁକୁଡ଼ାଙ୍କ ଜଳର ଆବଶ୍ୟକତା ନିର୍ଭର କରିଥାଏ। ଏହି ଜଳ ପରିଚାଳନା ଉପରେ ହିଁ କୁକୁଡ଼ା ଫାର୍ମର କେତେକ ଆର୍ଥିକ କାରକ ନିର୍ଭର କରିଥାଏ ।"

କୁକୁଡ଼ା ଚିଆଁଠାରୁ ଆରମ୍ଭକରି ଅଣ୍ଡାଦେବା ପର୍ଯ୍ୟନ୍ତ ସେମାନଙ୍କର ପାଣି ପିଇବାର ଚାହିଦା ବଢ଼ି ବଢ଼ି ଯାଇଥାଏ। ବଡ଼ ଉନ୍ନତ ଧରଣର କୁକୁଡ଼ା ଅଧିକ ପାଣି ପିଇଥାନ୍ତି । କୁକୁଡ଼ାଙ୍କ ଯୌନାଙ୍ଗ ବୟୋପ୍ରାପ୍ତ ହେବା ପରେ ପରେ ମଧ୍ୟ ଅଧିକ ପାଣି ପିଇଥାନ୍ତି । ଫାର୍ମରେ ଅଣ୍ଡା ଉତ୍ପାଦନର ହାର ମଧ୍ୟ କୁକୁଡ଼ାଙ୍କ ପାଣି ପିଇବା ଉପରେ ପ୍ରଭାବ ପକାଇଥାଏ ।

ଜଳର ଗଠନ ବା ଉପାଦାନରେ ମଧ୍ୟ କୁକୁଡ଼ାଙ୍କ ଜଳ ପିଇବା ନିର୍ଭର କରେ । ଉଦାହରଣ- ଯଦି ପାଣିରେ ବିଭିନ୍ନ ଲବଣ ଯୌଗିକ ପଦାର୍ଥ ଥାଏ ଯଥା - ସୋଡିୟମ୍ କ୍ଲୋରାଇଡ୍, ସୋଡିୟମ୍ ସଲ୍‌ଫେଟ୍ ଆଦି ନିହିତ ଥାଏ, ତେବେ କୁକୁଡ଼ାଙ୍କ ପାଣି ପିଇବା ଦକ୍ଷତା ହ୍ରାସ ପାଇଥାଏ ।

କୁକୁଡ଼ାଙ୍କ ପିଇବା ପାଣିର କ୍ଷାରୀୟ ଅମ୍ଳତା ଅନୁପାତ ୬-୭ରେ ରହିବା ଦରକାର। ଔଷଧ ବ୍ୟବହୃତ ପାଣିର ପି.ଏଚ୍. ୮ ମଧ୍ୟରେ ସୀମିତ ରହିବା ଉଚିତ । ପିଇବା ପାଣିରେ ଯଦି କୁକୁଡ଼ାଙ୍କ ମଳ ମିଶେ, ତେବେ ସେହି ପାଣିରେ ନାଇଟ୍ରେଟ୍ ଏବଂ ଆମୋନିଆ ଅଂଶ ବୃଦ୍ଧି ପାଇ ଶରୀରରେ ପ୍ରଭୂତ କ୍ଷତି ଘଟାଇଥାଏ। ପିଇବା ପାଣିରେ ବିଭିନ୍ନ ନିର୍ଜୀବ ମୌଳିକ ପଦାର୍ଥ ଯଥା - ସୋଡିୟମ୍, ପୋଟାସିୟମ୍ ଏବଂ କ୍ଲୋରିନ୍ ଉପସ୍ଥିତିକୁ ପରୀକ୍ଷା କରିବା ଦରକାର । ଏହି ଧାତବ ଲବଣ କୁକୁଡ଼ାଙ୍କ ପାଣି ପିଇବା ଶକ୍ତି ବଢ଼ାଇଥାଏ । ଫଳରେ କୁକୁଡ଼ାମାନେ ତରଳ ଝାଡ଼ା କରନ୍ତି । ଏହା ଲିଟରକୁ ଓଦା ଅବସ୍ଥା ସୃଷ୍ଟି କରିଥାଏ । ଏହା ଫଳରେ କୁକୁଡ଼ାଘରର ଲିଟର ସନ୍ତସନ୍ତିଆ ରୁହେ ଏବଂ ବିଭିନ୍ନ ରୋଗ ଯଥା - ରକ୍ତଝାଡ଼ା, କୃମି, ନିମୋନିଆ ଇତ୍ୟାଦି ସୃଷ୍ଟି କରିବା ସହ କେତେକ କ୍ଷତିକାରକ ଜୀବାଣୁ ବୃଦ୍ଧି ଘଟାଇବାରେ ସହାୟକ ହୋଇଥାଏ । ଲିଟରରେ ଆମୋନିଆ ଗ୍ୟାସ୍ ସଂଗଠିତ ହେବାରୁ କୁକୁଡ଼ାଙ୍କ ବିଭିନ୍ନ ଶ୍ୱାସରୋଗ ଯଥା - ଫାଉଲ୍ କରିଜା, ଇନ୍‌ଫେକ୍ସିଅସ୍ ବ୍ରୋଙ୍କାଇଟିସ୍ ବା ସିଆର୍‌ଡି ଇତ୍ୟାଦି ସୃଷ୍ଟି ହୋଇଥାଏ । ଅଣ୍ଡାଗୁଡ଼ିକ ତରଳ ମଳରେ ଲାଗି ଅପରିଷ୍କାର ଦିଶେ । ଡ୍ରେନ୍‌ର ଯଦି ଦୂଷିତ ପାଣି ପିଇବା ପାଣି ପାଇପରେ ମିଶେ, ତେବେ ଅଧିକାଂଶ କୁକୁଡ଼ାଙ୍କର ଇସ୍‌ଚେରେ ଜିଆ କୋଲାଇ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ନ୍ତି ।

ପକ୍ଷୀମାନେ ଅନାହାର ହୁଏତ ସମ୍ଭାଳି ପାରିବେ, କିନ୍ତୁ ପିଇବାପାଣି ଅଭାବରେ ସେମାନଙ୍କ ପକ୍ଷେ ବଞ୍ଚିବା କଷ୍ଟକର ହୋଇପଡ଼େ । ଅନ୍ତପୁଟର ଖାଦ୍ୟ ପରିବହନରେ ବିଳମ୍ବ ଘଟିଲେ କୁକୁଡ଼ାଙ୍କ ଖାଦ୍ୟ ବିନିଯୋଗ ଦକ୍ଷତା କମିଯାଏ । ଅନ୍ତପୁଟରୁ ପେଷଣାକୁ ଖାଦ୍ୟପଦାର୍ଥ ପରିବହନ ଶରୀର ଜଳୀୟ ପଦାର୍ଥଦ୍ୱାରା ନିୟନ୍ତ୍ରିତ ହୋଇଥାଏ । କୁକୁଡ଼ାଙ୍କ ଅଧିକ ସମୟ ଅନାହାର ବା ଖାଦ୍ୟ ପଦାର୍ଥରୁ ବଞ୍ଚିତ ହେବା ଓ ରୁଗ୍‌ଣ ଶରୀରରେ ଜଳଶୁଷ୍କତା ଭାବ ପ୍ରକାଶ ପାଇଥାଏ। ପ୍ରାପ୍ତବୟସ୍କ କୁକୁଡ଼ାଙ୍କର ଅଣ୍ଡାଶୟ ଜୀବକୋଷ ନଷ୍ଟ ହେବା, ଗ୍ରନ୍ଥିଳ ଜଠର ଏବଂ କିଡ୍‌ନୀରେ ପ୍ରଦାହ ସୃଷ୍ଟି ହେବା ସହିତ କୁକୁଡ଼ାଙ୍କ ଅଣ୍ଡା ଉତ୍ପାଦନ ଶକ୍ତି କମିଯାଇଥାଏ। (କ୍ରମଶଃ..)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ମୋ : ୯୪୩୭୬୦୭୩୧୨

# ଡିପ ଜମିରେ ଡାଲି ଜାତୀୟ ଫସଲ ଚାଷ




**ଡା**ଲି ଫସଲ ପାଇଁ ଜମି ପ୍ରସ୍ତୁତ କରି ନିଗିଡ଼ା ଡିପ ଜମିମାନଙ୍କରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

# ପନିପରିବା ଚାଷ



**ବା**ଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ । ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରିବେ। ଏଥିପାଇଁ ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟିନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ । ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡ ଖତ ଦେଇ ମାଟିରେ ମିଶାନ୍ତୁ। ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ । ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକରେ (ଟେବୁକୋନାଜୋଲ୍ ଏସ.ଡି.ସି. ୨ ଗ୍ରାମ୍x ୧ କି.ଗ୍ରା. ମଞ୍ଜି ପ୍ରତି) ବିଶୋଧନ କରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ । ତଳିପଟି ଚାରିପଟେ କ୍ଲୋରପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି । ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ତଳି ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ। ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ପାଇଁ ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।

# ଚିନାବାଦାମ ଚାଷରେ ଜଳ ପରିଚାଳନା



**ଚି**ନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟୀକାରୋଗ ପାଇଁ ମାଙ୍କୋଜେବ୍ ୭୫% ଡବ୍ଲୁ.ପି. (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳସଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ୮% ଡବ୍ଲୁ.ପି. ସହ ମାଙ୍କୋଜେବ୍‌କୁ ୬୪% ଡବ୍ଲୁ.ପି. ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜି ପାରିବ ।

# ପ୍ରାଣୀଙ୍କ ଯତ୍ନ

- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ।




ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

- ବର୍ଷା ଦିନେ ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରରୁ ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖୁଆନ୍ତୁ ।

# ତଳିଘରା ପ୍ରସ୍ତୁତ କରୁଥିଲେ...

**ଅ**ନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ। ଏକ ହେକ୍ଟର ଜମି ପାଇଁ ୨୫ ଡେସିମିଲ ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲ ଭାବରେ ଚାଷ କରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ। ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷା ହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ୍ୟ କରିହେବ। ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ିକରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ। ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନକରି ପଟାଳିରେ ବୁଣନ୍ତୁ । ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦-୪୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଚଳିତ ମାସ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ। ଜମି କାଦୁଅ ପାଇଁ ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରବେ। ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ। ସଘନ ଧାନ ଚାଷ (ଶ୍ରୀପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।



# ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଏକପ୍ରକାର ଠପ୍


ଅନୁଗୋଳ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।


ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ଶତାଧିକ ବସ୍ ଠିଆ ହୋଇରହିଛି।

## ୭ ଦଫା ଦାବି ନେଇ ଷ୍ଟିଅରିଂ ଛାଡ଼ ଆନ୍ଦୋଳନର ପ୍ରଭାବ

ଅନୁଗୋଳ,୮।୭ (ମାନସ ବିଶ୍ୱାଳ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ବଇଣ୍ଡା (ପରିକ୍ଷିତ ସାହୁ)/ଛେଣ୍ଡିପଦା (ଅଜିତ ଧଳ)/ ବନ୍ତଲା (ସୁଶିତ ସାହୁ)/ ସନ୍ତ୍ରିଛକ (ସନ୍ତୋଷ ପରିଡ଼ା)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)

ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନର ପ୍ରଭାବ ମଙ୍ଗଳବାର ଅନୁଗୋଳ ସହରରେ ଦେଖିବାକୁ ମିଳିଛି। ଜିଲା ମଧ୍ୟଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। କେବଳ ଜରୁରୀ ସେବାରେ ନିୟୋଜିତ ଗାଡ଼ି ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟ ସମସ୍ୟାଗୁଡିକୁ ନେଇ ସଂଘ ବିଗତ ଦିନରୁ ସରକାରଙ୍କୁ ଜଣାଇ ଆସିଥିବା ବେଳେ କିଛି ପୂରଣ ହୋଇଥିଲା। କିନ୍ତୁ ତାହା ଯଥେଷ୍ଟ ନୁହଁ ବୋଲି ସଂଘ କହିଛି। ମୁଖ୍ୟ ଦାବିଗୁଡ଼ିକ ପ୍ରତି ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ଅନୁଗୋଳ ଡ୍ରାଇଭର ସଂଘ ସଭାପତି ରବୀନ୍ଦ୍ର କୁମାର ସାହୁ ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘ ସମ୍ପାଦକ ଲଳତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ରୋହିତ ବେହେରା, ଉପଦେଷ୍ଟା ବଳରାମ ସାହୁ ପ୍ରକାଶ କରିଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ଡ୍ରାଇଭର ସଂଘ ସଭାପତି ସୁଶାନ୍ତ ଷଣ୍ଢ, ନଗର ସଭାପତି ଅବନୀ କୁମାର ମେଣ୍ଢୁଲିଙ୍କ ନେତୃତ୍ୱରେ ସଭ୍ୟମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ଫଳରେ ଆଠମଲ୍ଲିକ ବସ୍‌ଷ୍ଟାଣ୍ଡରେ ଯାତ୍ରୀବାହୀ ବସ୍ ଅଟକି ରହିଥିବା ବେଳେ କୌଣସି ମାଲବାହୀ ଯାନ ଆଠମଲ୍ଲିକ ଆସିବାର ଦେଖାଯାଇ ନ ଥିଲା। କିନ୍ତୁ ସଂଘର ନିଷ୍ପତ୍ତି ଅନୁଯାୟୀ ଜରୁରୀ ସେବାକୁ ଆନ୍ଦୋଳନରୁ ବାଦ୍ ଦିଆଯାଇଥିଲା। ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଗାଡ଼ି ଚଳାଚଳ ବନ୍ଦ ଯୋଗୁ ସହର, ବଜାର ଅଞ୍ଚଳ ଶୂନଶାନ ଅନୁଭୂତ ହେଉଥିଲା। ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ସେହିପରି କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଁଠାରେ କିଶୋରନଗର ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ବ୍ଲକ ସଭାପତି ମନୋରଞ୍ଜନ ମାଝୀଙ୍କ ନେତୃତ୍ୱରେ ସମ୍ପାଦକ ସୁଶାନ୍ତ ନାୟକ, କାହ୍ନୁ ଚରଣ ବେହେରା, ବ୍ରଜକାନ୍ତ ବେହେରା, ଶଙ୍କର ଦାସ, ଦୁଷ୍ମନ୍ତ ପ୍ରଧାନ, ମାନସ ବାଘଙ୍କ ସମେତ ୨୩ ପଞ୍ଚାୟତର ଡ୍ରାଇଭର ମହାସଂଘର ସଦସ୍ୟ ଯୋଗ ଦେଇଥିଲେ। ଆଗକୁ ପୂରା ଅଖଚକ ବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଛେଣ୍ଡିପଦା ବ୍ଲକ ଡ୍ରାଇଭର ମହାସଂଘ ସଭାପତି ରିତେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଡ୍ରାଇଭରମାନେ ଧାରଣାରେ ବସିଛନ୍ତି। ମହାସଂଘ ସମ୍ପାଦକ ନୀଳମଣି ବେହେରା, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା, ଉପ ସଭାପତି ସୁରଥ କୁମାର ସାହୁ, ସହସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଛେଣ୍ଡିପଦା ଡ୍ରାଇଭର ସଂଘ ସଭାପତି ବାବୁଲା ଦେହୁରୀ, ନୀଳକଣ୍ଠ ସାହୁ, ସୁକାନ୍ତ କୁମାର ସାହୁଙ୍କ ସମେତ ୩୪ଟି ପଞ୍ଚାୟତର ପ୍ରାୟ ୧ ହଜାରରୁ ଅଧିକ ଡ୍ରାଇଭର ସାମିଲ ହୋଇଥିଲେ। ଆଗାମୀ ଦିନରେ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ରିତେଶ କୁମାର ସାହୁ ଚେତାବନୀ ଦେଇଛନ୍ତି। ସେହିପରି ଅନୁଗୋଳ ବ୍ଲକ ବଡ଼କେରା ଛକଠାରେ ବ୍ଲକ ଡ୍ରାଇଭର ମହାସଂଘ ସଭାପତି ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଧାରଣା ଦିଆଯାଇଛି। ମହାସଂଘ ସମ୍ପାଦକ ରୋହିତ ବେହେରା, କୋଷାଧ୍ୟକ୍ଷ ଲଳିତ ପ୍ରଧାନ, ଉପସଭାପତି ବିକାଶ ମହାରଥିଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଡ୍ରାଇଭର ଯୋଗ ଦେଇଥିଲେ। ସେହିପରି ବଣ୍ଡରପାଳ ବ୍ଲକ ନୂଆହତା ଜୋରାଗାଡିଆ ଛକଠାରେ ବଣ୍ଡରପାଳ ବ୍ଲକ ଗାଡ଼ିଚାଳକ ମହାସଂଘ ସଭାପତି ସୁଧୀର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଷ୍ଟିଅରିଂ ଛାଡ ଆନ୍ଦୋଳନ କରାଯାଇଛି। ମହାସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ସାଗର ମହାପାତ୍ର, ରଞ୍ଜିତ ଦଳବେହେରା, ଲିଟୁ ରାଉତ, ଶଙ୍କର ଆଇଚ, ଦୁଷ୍ମନ୍ତ ବେହେରା, ସନ୍ତୋଷ ଦଳବେହେରା, ତ୍ରିନାଥ ସାମଲ, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ଡ୍ରାଇଭର ସଂଘ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଛି। ପୂର୍ବତନ ସଭାପତି ଖଗେଶ୍ୱର ମହାରଣା ଓ ଉପସଭାପତି ସୁଶାନ୍ତ କୁମାର ପଲାଇଙ୍କ ନେତୃତ୍ୱରେ ସକାଳ ୭ ଘଟିକାରେ ଶତାଧିକା ଡ୍ରାଇଭର ଏକତ୍ରିତ ହୋଇ ୪୯ ନମ୍ବର ଜାତୀୟ ରାଜପଥ କାଉଁସିରିପାଲି ଛକ ନିକଟରେ ଆନ୍ଦୋଳନ କରିଥିଲେ।

## ଆକ୍ରମଣ ଅଭିଯୋଗରେ ୨ ଗିରଫ

ଛେଣ୍ଡିପଦା,୮।୭ (ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଜାମୁଣ୍ଡା ଜଙ୍ଗଲ ଗାଁରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନକୁଳ ବେହେରା ଓ ସହଦେବ ବେହେରାଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗତ ୧ ତାରିଖରେ ଜାମୁଣ୍ଡା ଜଙ୍ଗଲ ଗାଁର ନକୁଳ ଓ ସହଦେବଙ୍କ ମଧ୍ୟରେ ବଚସା ହେଉଥିଲା। ଏହି ସମୟରେ ରାଜ ବେହେରା ସେଠାରେ ପହଞ୍ଚିବାରୁ ୨ ଭାଇ ରାଜଙ୍କୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରାଜଙ୍କୁ ପ୍ରଥମେ ଅନୁଗୋଳ ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ରାଜଙ୍କ ପୁଅ ରଞ୍ଜିତ ବେହେରା ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୨୦୦/୨୫ରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଶ୍ମଶାନ ଗୃହ, ଆଶ୍ରୟସ୍ଥଳ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ବଣ୍ଡରପାଳ,୮।୭ (ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକ କାଣ୍ଡସର ଗ୍ରାମ ଭଣ୍ଡାରିପୋଖରୀ ନିକଟ ଶ୍ମଶାନ ଭୂଇଁରେ ସୋମବାର ନାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରେ ନିର୍ମିତ ଏକ ଶ୍ମଶାନ ଗୃହ ଓ ଆଶ୍ରୟସ୍ଥଳ ଗୃହର ଉଦ୍‌ଘାଟନ ହୋଇଯାଇଛି। ସରପଞ୍ଚ ଓ ଗ୍ରାମ୍ୟ କମିଟିର ଏକ ପ୍ରତିନିଧି ଦଳ ନାଲ୍‌କୋ ପ୍ରଶାସନକୁ ଶ୍ମଶାନରେ ଥିବା ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ନାଲ୍‌କୋ ପ୍ରଶାସନ ପକ୍ଷରୁ ହରିଶ ଚନ୍ଦ୍ର ଗୃହ (ବିଶ୍ରାମ ଆଶ୍ରୟସ୍ଥଳ) ଓ ବୈକୁଣ୍ଠ ଦ୍ୱାର (ଶ୍ମଶାନ) ନିର୍ମାଣ ସାଙ୍ଗକୁ ପାଚେରି ଦ୍ୱାରା ଆବଦ୍ଧ କରାଯାଇଥିଲା। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ପ୍ରଶାସନିକ ଅଧିକାରୀ ଜିଜିଏମ୍ ଶୁଭେନ୍ଦୁ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସବିତା ମହାଳିକ, ସମିତି ସଭ୍ୟା ପ୍ରମିତା ବେହେରା, କାଣ୍ଡସର ଗ୍ରାମ୍ୟ କମିଟି ସଭାପତି ବଂଶୀଧର ପ୍ରଧାନ, ସାମାଜିକ କର୍ମୀ ଅନନ୍ତ ବାରିକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଗୃହ ୨ଟିକୁ ଉଦ୍‌ଘାଟନ କରିଥିଲେ।

## କୋଶଳା ଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



ଛେଣ୍ଡିପଦା,୮।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀଙ୍କ ପ୍ରସିଦ୍ଧ ଯାତ୍ରା ତଥା ବାର୍ଷିକ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମା'ଙ୍କ ପୀଠସ୍ଥଳରେ ପ୍ରଥମ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଅଗଷ୍ଟ ୧୧ ତାରିଖରେ ଏହି ପୂଜା ଅନୁଷ୍ଠିତ ହେବାକୁଥିବା ବେଳେ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମା'ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀଙ୍କ ସଭାପତିତ୍ୱରେ ଏହି ବୈଠକରେ ଟ୍ରଷ୍ଟ ବୋର୍ଡ ସଦସ୍ୟ, ଗ୍ରାମ ଦଳପତି ବୃନ୍ଦ, ଭଦ୍ରବ୍ୟକ୍ତି, କ୍ଲବ ସଦସ୍ୟ, ରାମଚଣ୍ଡୀ ସେବାସଂଘ ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ରହି ଆଲୋଚନା କରିଥିଲେ। ସମସ୍ତ ପ୍ରକାର ଶାନ୍ତିଶୃଙ୍ଖଳା ନିମନ୍ତେ ପ୍ରଶାସନଙ୍କୁ ଅବଗତ କରାଇବା, ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଦୋକାନୀମାନଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଦିନରେ ଦ୍ୱିତୀୟ ବୈଠକରେ କମିଟିମାନ ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ତଥା କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ ଓ ଟ୍ରଷ୍ଟ ବୋର୍ଡ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ବୈଠକ ପରିଚାଳନା କରିଥିବାବେଳେ ପ୍ରାୟ ଶତାଧିକ କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ।

## ୯ ଜୁଲାଇ ଧର୍ମଘଟ ସଫଳ ପାଇଁ ଶୋଭାଯାତ୍ରା

ଅନୁଗୋଳ,୮।୭(ମାନସ ବିଶ୍ୱାଳ)




ଜୁଲାଇ ୯ ଧର୍ମଘଟକୁ ସଫଳ କରିବା ପାଇଁ ମଙ୍ଗଳବାର ଅପରାହ୍ନରେ ଅନୁଗୋଳ ସହରରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ପ୍ରଣୟନ କରାଯାଇଥିବା ଶ୍ରମିକ ବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ୪ଟି ଶ୍ରମକୋଡ ବାତିଲ କରିବା, ନାଲ୍‌କୋ, ଏନଟିପିସି, ଏମସିଏଲ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସଂସ୍ଥାଗୁଡିକର ଘରୋଇକରଣ ବନ୍ଦ କରିବା ଆଦି ଦାବି ନେଇ ଧର୍ମଘଟ ଡାକରା ଦିଆଯାଇଛି ବୋଲି କୁହାଯାଇଥିଲା। ଏହି ଶୋଭାଯାତ୍ରାରେ ଆଇଏନଟିୟୁସି ନେତା ବିମ୍ବାଧର ସାମଲ, ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲା ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର କୁମାର ଶର୍ମା, ପ୍ରଶାନ୍ତ କିଶୋର ବରାଳ, ରଞ୍ଜନ କୁମାର ନନ୍ଦ, ସତ୍ୟରଞ୍ଜନ ତ୍ରିପାଠୀ, ସାଗର ସଂଗ୍ରାମ ମହାପାତ୍ର, କ୍ରିଷ୍ଣା ଚାଉଡା, ମନୋଜ ଆଚାର୍ଯ୍ୟ, ପ୍ରହ୍ଲାଦ ରଥ, ଏଚ୍ଏମ୍ଏସ୍ ଜିଲା ନେତା ପବିତ୍ର କୁମାର ବିଶ୍ୱାଳ, ଏଆଇୟୁଟିୟୁସି ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ, ସୁକାନ୍ତ ସାହୁ, ଏଆଇସିସିଟିୟୁ ଜିଲ୍ଲା ସଙ୍ଗଠକ ତପନ କୁମାର ମହାନ୍ତି, ଏଆଇକେକେଏମଏସ ଜିଲା ସଭାପତି ସୁବାସ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, କୁମର ସାହୁ, ଗୋକୁଳାନନ୍ଦ ସାହୁ, ଏଆଇଡିୱାଇଓ ଜିଲା ସଭାପତି ନିରଞ୍ଜନ ନାୟକ, ସଙ୍ଗଠକ ଦୁଃଖବନ୍ଧୁ ବେହେରା, ସଂଗ୍ରାମ ସାହୁ, ଏଆଇଡିଏସଓ ଜିଲା ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ସାମିଲ ରହି ୯ ଜୁଲାଇ ଭାରତ ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରିଥିଲେ।

## ଅନ୍ତର୍ଜାତୀୟ କୋଚ୍ ହେଲେ ସୁଶାନ୍ତ



ଅନୁଗୋଳ,୮।୭(ମାନସ ବିଶ୍ୱାଳ): ଅନୁଗୋଳ ଉସୁ ଆସୋସିଏଶନ ସମ୍ପାଦକ ସୁଶାନ୍ତ ନାୟକ ଅନ୍ତର୍ଜାତୀୟ କୋଚ୍ ଭାବରେ ମର୍ଯ୍ୟାଦା ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଜିଲା ଉସୁ ଆସୋସିଏଶନ ଅଫ୍ ଅନୁଗୋଳ ତରଫରୁ ଜିଲା ଆସୋସିଏଶନ ସମ୍ପାଦକ ସୁଶାନ୍ତ ନାୟକ ଚାଇନାରେ ଆୟୋଜିତ ହୋଇଥିବା ଏସିଆନ ଉସୁ ଜର୍ଜ ଆଣ୍ଡ କୋଚ କୋରସ ୨୦୨୫ରେ ଯୋଗଦେଇ ଅନ୍ତର୍ଜାତୀୟ କୋଚ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଯାହା ଦେଶ, ରାଜ୍ୟ ଓ ଅନୁଗୋଳ ଲାଗି ସୁନାମ ଆଣିଛି। ତାଙ୍କ ପ୍ରତ୍ୟାବର୍ତ୍ତନ ପରେ ମଙ୍ଗଳବାର ଜିଲା ପ୍ରଶାସନ, ଜିଲା କ୍ରୀଡ଼ା ଅଧିକାରୀ ଓ ରାଜ୍ୟ ଉଶୁ ସଂଘର ଚେୟାରମ୍ୟାନ ଏବଂ ରାଜ୍ୟର ମୁଖ୍ୟ ପ୍ରତିଷ୍ଠାତା ଏସ୍ଏସ୍ ହରିଚନ୍ଦନଙ୍କ ସହିତ ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା ଶୁଭେଚ୍ଛା ଜଣାଇଛନ୍ତି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ୱର୍କିଂ ସଭାପତି ଦିନେଶ ପ୍ରଧାନ, ଆସୋସିଏଶନର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳକୁ ୬ ପଦକ

ଅନୁଗୋଳ, ୮।୭(ମାନସ ବିଶ୍ୱାଳ)


ପଦକ ହାସଲ କରିଥିବା ଅନୁଗୋଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜୁନ ୨୭ରୁ ଜୁଲାଇ ୧ ତାରିଖ ଯାଏ ଉତ୍ତରାଖଣ୍ଡରେ ଅନୁଷ୍ଠିତ ୪୨ ତମ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳ ଜିଲାକୁ ୬ ପଦକ ମିଳିଛି। ଅନୁଗୋଳ ଜିଲାରୁ ୪ ଜଣ ଖେଳାଳି ଯୋଗଦେଇ ଏହି ସଫଳତା ପାଇଛନ୍ତି। କ୍ୟୋରୋଗି ଓ ପୁମସେରେ ବାଳିକା ବିଭାଗର କାବ୍ୟା ଦାଶ ଗୋଟିଏ ରୌପ୍ୟ, ଗୋଟାଏ କାଂସ୍ୟ ପଦକ ପାଇଥିବାବେଳେ ବାଳକ ବିଭାଗରେ ଶ୍ରୀୟାଂଶ ସାହୁ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। କେବଳ କ୍ୟୋରେଗିରେ ଦେବଂଶ ମହାନ୍ତି ରୌପ୍ୟ ପଦକ ହାସଲ କରିଥିବା ବେଳେ ତେଜେଶ ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ଉକ୍ତ ଖେଳାଳିମାନଙ୍କୁ ଅନୁଗୋଳ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଜାତୀୟ ଖେଳାଳି ଯସ୍ମିନ ସାହୁ, ଶ୍ରୀୟାଶ୍ରୀ ପ୍ରଧାନ, ସଂଘ ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେବତା ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ପୃକ୍ତ ଖେଳାଳିମାନଙ୍କୁ ଅନୁଗୋଳ ଟାଏକୋଣ୍ଡୋ ସଂଘ ଅନୁଗୋଳ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ମା' ବାସନ୍ତୀ ଦୁର୍ଗା ଖେଳ ପଡ଼ିଆରେ ପ୍ରଶିକ୍ଷଣ ଦେଉଛନ୍ତି।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପାଲଲହଡ଼ା,୮।୭ (ଦିବ୍ୟଜ୍ୟୋତି ଦାଶ)

ଭାରତୀୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଗତ ୩ ରୁ ୧୭ ତାରିଖ ପର୍ଯ୍ୟନ୍ତ ଦେଶରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପାଲଲହଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ ପରିସରରେ ସୋମବାରଠାରୁ ବୁଥସ୍ତରୀୟ ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀଙ୍କୁ କିପରି ନିର୍ଭୁଲ୍, ଶୃଙ୍ଖଳିତ, ନିରପେକ୍ଷ ନିର୍ବାଚନ ପରିଚାଳନା ସହିତ ଭୋଟର ତାଲିକା ପ୍ରସ୍ତୁତ କରାଯିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯିବ ବୋଲି ସ୍ଥାନୀୟ ନିର୍ବାଚନ ଅଧିକାରୀ ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ପ୍ରକାଶ କରିଛନ୍ତି। ଏହି ଶିବିର ଆସନ୍ତା ୧୧ ତାରିଖ ଯାଏ ଜାରି ରହିବ। ଏହି ପ୍ରଶିକ୍ଷଣ ଶିବିରରେ ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଶୁଭଶ୍ରୀ ଟୁଡୁ, ତହସିଲଦାର ଆକାଂକ୍ଷା ମହାପାତ୍ର, ସହକାରୀ ଜିଲାପାଳ ଗିରିଶ ଚନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଛନ୍ତି।


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ।

# ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ତାଳଚେର,୮।୭ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଗଣପର୍ବ ପ୍ରସିଦ୍ଧ ଗଣେଶ ପୂଜାର ପ୍ରସ୍ତୁତି ବୈଠକ ସୋମବାର ସ୍ଥାନୀୟ ଦେଉଳବେଡ଼ାସ୍ଥିତ ଡିସିଆଇ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲାପାଳ ସମୀର କୁମାର ଜେନା (ଆଇଏଏସ୍)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତିକ୍ରମେ ନିଆଯାଇଥିବା ପ୍ରସ୍ତାବ ଗୁଡ଼ିକ ଗୃହୀତ ହୋଇଥିଲା। ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ଆସନ୍ତା ଅଗଷ୍ଟ ୨୭ ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୭ ତାରିଖ ଭସାଣି ଯାଏ ଅନୁଷ୍ଠିତ ହେବ। ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଡିଜେ ସାଉଣ୍ଡ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଭସାଣି ପୂର୍ବଦିନ ହେଉଥିବା ଲଡୁ ନିଲାମକୁ ଚଳିତବର୍ଷ ଆକର୍ଷଣୀୟ କରିବା ପାଇଁ ଆହୁରି ଅଧିକ ଓଜନ ବିଶିଷ୍ଟ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ତଥା କେନ୍ଦ୍ରୀୟ ପୂଜା କମିଟି କାର୍ଯ୍ୟକାରୀ ସଭାପତି ଭରତଚନ୍ଦ୍ର ସାହୁ ତାଳଚେରରେ ଅନୁପସ୍ଥିତ ଥିବା କାରଣରୁ ଦାୟିତ୍ୱରେ ଥିବା ତାଳଚେର ଟାଉନ ଥାନା ଆଇଆଇସି ଦିଗ୍‌ବିଜୟ ବିଶାଳ ଓ କୋଲିୟରି ଥାନା ଅଧିକାରୀ ହରିକୃଷ୍ଣ ପ୍ରଧାନ ଶୃଙ୍ଖଳା ରକ୍ଷା ଉପରେ ସୂଚନା ଦେଇଥିଲେ। ଉପଜିଲାପାଳ ତଥା କେନ୍ଦ୍ରୀୟ ପୂଜା କମିଟି ସଭାପତି ବିଭିନ୍ନ ବିଭାଗ ସହ ଆଲୋଚନା କରି ସରସ ସୁନ୍ଦର ପୂଜା ପାଳନ କରାଯିବ ବୋଲି କହିଥିଲେ। ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି କାଉନସିଲର ସାଧୀନ ଥମ୍ବ ପ୍ରମୁଖ ଚଳିତବର୍ଷ ଗଣେଶ ପୂଜାକୁ ଆକର୍ଷଣୀୟ କରାଯିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ବୈଠକରେ କେନ୍ଦ୍ରୀୟ ଗଣେଶପୂଜା କମିଟି ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ଅନ୍ୟତମ ଉପସଭାପତି ପ୍ରକାଶ ମହାରଣା, ସାଧାରଣ ସମ୍ପାଦକ ଦିଲୀପ କୁମାର ପାଣି, ସମୀକ୍ଷକ ଅଶୋକ ଶତପଥୀ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବେହେରା, ଜୟନ୍ତ ଭୂତିଆ, ତପନ କୁମାର ମହାରଣା, କାଳିୟରୀ ଥାନା ଆଇଆଇସି ହରିକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଓ ପୋଲିସ ଅଧିକାରୀମାନଙ୍କ ସହ ଅନ୍ୟମାନେ।

## ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଇଣ୍ଡା, ୮।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୁଣ୍ଡୁରୀଖଲି ଗ୍ରାମରେ ଥିବା ୬୩ କେଭି ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ସୋମବାର ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ଅରୁଣ କୁମାର ସାହୁ, ବିଶ୍ୱଜିତ ପ୍ରଧାନ, ମଳୟ ପେଣ୍ଡଇ, ସତ୍ୟବ୍ରତ ସାହୁଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଗ୍ରାମରେ ଏକ ୬୩ କେଭିର ଟ୍ରାନ୍ସଫର୍ମର ଲଗାଯାଇଛି। ଏହି ଟ୍ରାନ୍ସଫର୍ମର ଗାଁ ମଝିରେ ଥିବାବେଳେ ବିପଦସଂକୁଳ ଅବସ୍ଥାରେ ରହିଛି। ବିଶେଷକରି ଏହା ଅଙ୍ଗନୱାଡ଼ି ନିକଟରେ ଥିବାବେଳେ ପାଖରେ ଘର ସହ କୋଠଘର ରହିଛି। କିଛି ମାସ ତଳେ ଏହି ଟ୍ରାନ୍ସଫର୍ମରରେ ଏକ ଗୋରୁ ଲାଗି ଆହତ ହୋଇଥିଲା। ଏହି ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ୨୦୨୪ ନଭେମ୍ବର ୧ରେ ଜିଲାପାଳଙ୍କ ଠାରେ ଅଭିଯୋଗ କରାଯାଇଥିଲା। ୨୦୨୫ ଜୁନ ୩୦ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରାଯାଇଥିଲା। ଗ୍ରାମର ଏକ ଜାଗାରେ ଗ୍ରାମବାସୀ ୨୫ ହଜାର ଟଙ୍କା ଗ୍ରାମ ପାଣ୍ଠିରୁ ଖର୍ଚ୍ଚକରି ଟ୍ରାନ୍ସଫର୍ମର ସେଠାକୁ ସ୍ଥାନାନ୍ତର ପାଇଁ ଏକ ପିଣ୍ଡି ମଧ୍ୟ ନିର୍ମାଣ କରିଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଠିକା ସଂସ୍ଥା ପକ୍ଷରୁ ଏହି ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟୟ ଅଟକଳ କରାଯାଇଥିଲେ ମଧ୍ୟ ଏହାକୁ ମଞ୍ଜୁର କରାଯାଉ ନ ଥିବା ଯୋଗୁ ସ୍ଥାନାନ୍ତର କରାଯାଉ ନାହିଁ। ତୁରନ୍ତ ଏହି ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ନିଶ୍ଚିନ୍ତା ପାହାଡ଼ ଲୁଟ୍ ପାଇଁ ଷଡ଼ଯନ୍ତ୍ର ଅଭିଯୋଗ

ଢେଙ୍କାନାଳ,୮।୭(ରତନ ନାୟାର)

ଗତ କିଛି ମାସ ଧରି ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲପ୍ରସାଦ ଥାନା ଅଂଚଳରେ ଥିବା ନିଶ୍ଚାନ୍ତା ପାହାଡକୁ ସ୍ପଷ୍ଟ ଦିବାଲୋକରେ ଲୁଟ୍ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଏହି ପାହାଡଟି ଏକ ସଂରକ୍ଷିତ ଜଙ୍ଗଲ ହୋଇଥିବା ଦୃଷ୍ଟିରୁ ରାଜ୍ୟ ସରକାର ଏଠାରେ ଥିବା ନିହଲପ୍ରସାଦ ରୋଡ ମେଟାଲ ଖଣିକୁ ଗତ ୨୦୧୬ରୁ ଏହାର ନିଲାମ ପ୍ରକ୍ରିୟା ବନ୍ଦ କରିଛନ୍ତି । ୨୦୨୪ ମସିହା ଠାରୁ କିଛି ଆନ୍ତଃଜିଲା ପଥର ବ୍ୟବସାୟୀ ଓ କ୍ରସର ୟୁନିଟ ଏହି ପାହାଡରୁ ପଥର ଚାରାଚାଲାଣ ଅଭିଯୋଗ ହେବାପରେ ଜିଲା ପ୍ରଶାସନ ପକ୍ଷରୁ ସେଠାରେ ୧୬୩ ଧାରା ଲାଗୁ ହୋଇଥିଲା। ଏଥିସହିତ ଜାତୀୟ ଗ୍ରୀନ ଟ୍ରିବୁନାଲରେ ମଧ୍ୟ ଏକ ସାମାଜିକ ସଂଗଠନ ପକ୍ଷରୁ ଏକ ମାମଲା ଚାଲୁ ରହିଛି । ୨୦୨୪ ଡିସେମ୍ବର ୩୦ ତାରିଖ ରାତିରେ ଜିଲାପାଳଙ୍କ ନେତୃତ୍ୱର ଏକ ବଡଧରଣର ଚଢାଉ ହୋଇ ୨୧ଟି ଟ୍ରକକୁ ଜବତ କରାଯାଇଥିଲା । ଏହାପରେ ମଧ୍ୟ ଉକ୍ତ ଖଣିରୁ ବେଆଇନ ଭାବେ ଲୁଟ ଜାରି ରହିଛି । ଉକ୍ତ ଖଣିରୁ ବେଆଇନ ଭାବରେ ପଥର ଚୋରା ଚାଲଣ ରୋକିବା ସହିତ ସବୁଜିମା ପରିବେଶକୁ ସୁରକ୍ଷା ଦେବା ନିମନ୍ତେ ପୂର୍ବତନ ବିଧାୟକ ନବୀନ ନନ୍ଦ ବହୁବାର ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଖଣି ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । ଏହାପରେ ମଧ୍ୟ ଉକ୍ତ ଖଣିରୁ ବେଆଇନ ଭାବରେ ଲୁଟ୍ ବଢିବା ପରେ ପୂର୍ବତନ ବିଧାୟକ କଲିକତାସ୍ଥିତ ପୂର୍ବାଂଚଳ ଜୋନ ଗ୍ରୀନ ଟ୍ରିବୁନାଲର ଦ୍ୱାରସ୍ଥ ହୋଇଛନ୍ତି। ଜାତୀୟ ଗ୍ରୀନ ଟ୍ରିବୁନାଲ ନିକଟରେ ତାଙ୍କର ଅପିଲ ନଂ-୫/୨୦୨୫ ରହିଛି। ସେ ଅଭିଯୋଗ କରି କୁହନ୍ତି ଯେ, ଉକ୍ତ ଅଂଚଳରେ ଥିବା ୫।୬ଟି କ୍ରସର ଖଣି ଲୁଟ୍‌ରେ ପ୍ରତ୍ୟେକ୍ଷ ଭାବେ ହାତ ରହୁଥିଲେ ମଧ୍ୟ ଅଭିଯୋଗ ସତ୍ତ୍ୱେ ସେମାନଙ୍କ ବିରୁଦ୍ଧର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ । କିଛିଦିନ ତଳେ ଜତୀୟ ଗ୍ରୀନ ଟ୍ରିବୁନାଲ ପକ୍ଷରୁ ଆଉ କୌଣସି ନୂତନ କ୍ରସର ୟୁନିଟକୁ ଖଣି ବିଭାଗ ଅନୁମତି ନଦେବା ପାଇଁ କୁହାଯାଇଥିବା ବେଳେ ଚଞ୍ଚକତା କରି ରାଜ୍ୟ ବାହାରର ଏକ କମ୍ପାନୀକୁ ନିଶ୍ଚିତା ପାହାଡର ୧୦୦ ମିଟର ଦୂରରେ ଥିବା ଏକ ଘରୋଇ ଜମି ଉପରେ କାହା ସ୍ୱାର୍ଥରେ ଅନୁମତି ପ୍ରଦାନ କରାଗଲା, ଏହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ଖଣି ବିଭାଗ, ପୋଲିସ, ଜଙ୍ଗଲ ଓ ରାଜସ୍ୱ ବିଭାଗ ଏହି ଖଣି ଚୋରୀକୁ ରୋକିପାରୁ ନଥିବା ବେଳେ ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଯଦି ନିଶ୍ଚିନ୍ତା ପାହାଡକୁ ଖଣି ଖନନ ପାଇଁ ଅନୁମତି ଦିଆଯାଏ, ତେବେ ଆଉ ଚୋରୀ ରୋକିବା ସମ୍ଭବପର ହେବ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏପରିକି ରାଜ୍ୟ ବାହାରର ଏକ କମ୍ପାନୀକୁ ଅନୁମତି ଦେବାବେଳେ ସ୍ଥାନିୟ ପଂଚାୟତର ଏନ୍‌ଓସି ନିଆଯାଇନାହିଁ । ଗଁଦିଆ ତହସିଲ କାର୍ଯ୍ୟାଳୟରେ ଭିଡିରିଆ ଜନ ଶୁଣାଣୀ କରାଯାଇ ସ୍ଥାନିୟ ଲୋକମାନେ ଦେଇଥିବା ଅଭିଯୋଗକୁ ବିଚାରକୁ ମଧ୍ୟ ନିଆଯାଇନାହିଁ । ଏପରିକି କୌଣସି ସରକାରୀ ନିତିନିୟମକୁ ଅନୁଶୀଳନ କରାଯାଇନାହିଁ ବୋଲି ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି । ଏହି ପ୍ରସ୍ତବିତ ଖଣି କାର୍ଯ୍ୟକାରୀ ହେଲେ ସ୍ଥାନିୟ ଜନଜୀବନ ପ୍ରଭାବିତ ହେବା ସହିତ ନିକଟରେ ଥିବା ଧାନବରଖୋଲ ଜଳଅମଳ ପ୍ରକଳ୍ପଟି କ୍ଷତିଗ୍ରସ୍ତ ହୋଇ ବହୁ ଏକର ଉର୍ବର ଚାଷଜମୀ ଉଜୁଡି ଯିବାର ସମ୍ଭାବନା ରହିଛି । ଏକ ଉର୍ବର ଶାରଦ-୩ କିସମ ଜମି ଉପରେ କିପରି ଖଣି ଖନନ ପାଇଁ ଦିଆଗଲା ସେ ପ୍ରଶ୍ନ ଉଠାଇଛନ୍ତି । ଏହି ଅନୁମତି ପ୍ରତ୍ୟାହାର ପାଇଁ ସେ ରାଜ୍ୟ ସରକାରଙ୍କ ପଦୂଷଣ ବୋର୍ଡକୁ ସେ ଜଣାଇଛନ୍ତି । ଜାତୀୟ ଗ୍ରୀନ ଟ୍ରିବୁନାଲର ଦ୍ୱାରସ୍ଥ ହେବା ପରେ ଉକ୍ତ ଖଣି ଅଞ୍ଚଳର ସ୍ଥିତି, ଅଭିଯୋଗ ପରେ ଗ୍ରହଣ ହୋଇଥିବା କାର୍ଯ୍ୟାନୁଷ୍ଠାନ ଆଦି ସମ୍ପର୍କରେ ଜାତୀୟ ଗ୍ରୀନ ଟ୍ରିବୁନାଲର ପକ୍ଷରୁ ଖଣି ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲାପାଳଙ୍କୁ ରିପାର୍ଟ ମଗାଯାଇଥିବା ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚର ସଭାପତି ନବୀନ ନନ୍ଦ ଜଣାଇଛନ୍ତି


ନିହଲପ୍ରସାଦର ଖଣି ଅଞ୍ଚଳ।

### ପୂର୍ବତନ ବିଧାୟକ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ

# ନଦୀ ମଝିକୁଦରେ ଫସିଛନ୍ତି ୨୦ ହାତୀ

ପରଜଙ୍ଗ, ୮।୭
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପାଳସାହି ଗାଁ ପାଖ ବ୍ରାହ୍ମଣୀ ନଦୀ ମଝିରେ ଥିବା କୁଦରେ ଫସିରହିଛନ୍ତି ୨୦ରୁ ଉର୍ଦ୍ଧ୍ୱ ହାତୀ। ପରଜଙ୍ଗ ଅଞ୍ଚଳରୁ ନଦୀ ପାର ହୋଇ ଖଡ଼ଗ ପ୍ରସାଦ ଅଞ୍ଚଳକୁ ଯାଉଥିବା ବେଳେ ବ୍ରାହାଣୀ ନଦୀରେ ବନ୍ୟାଜଳ ସହ ରେଙ୍ଗାଳି ଗେଟ ଖୋଲିଥିବାରୁ ନଦୀରେ ଜଳସ୍ତର ବୃଦ୍ଧି ହୋଇଯିବାରୁ ନଦୀ ମଝିରେ ଥିବା କୁଦରେ ହାତୀ ପଲ ରହିଯାଇଛନ୍ତି । ତେବେ ଦୀର୍ଘ ତିନି ଦିନ ଧରି ନଦୀ ଭିତରେ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଏ ନେଇ ରାତି ଦିନ ତମାମ ବନ ବିଭାଗ ଟିମକୁ ନାକେଦମ ହେବାକୁ ପଡୁଛି। ତେବେ ଟାପୁ ମଧ୍ୟରେ ବାଉଁଶ ଗଛ ଥିବାରୁ ବର୍ତ୍ତମାନ ହାତୀପଲ ଏହାକୁ ଖାଉଛନ୍ତି । ହାତୀ ପଲରେ ଛୁଆ ହାତୀ ଥିବାବେଳେ ଜଳସ୍ତର ଅଧିକ ରହିଛି। ତେଣୁ ହାତୀପଲ ସେଠାରୁ ବାହାରୁ ନଥିବା ଡିହଡୋଳ ଫରେଷ୍ଟର ଚନ୍ଦ୍ର ଶେଖର ବେହେରା ସୂଚନା ଦେଇଛନ୍ତି ।

# ୭ଦଫା ଦାବିନେଇ ଡ୍ରାଇଭର ମହାସଂଘର ଆନ୍ଦୋଳନ



୭ଦଫା ଦାବିନେଇ ଡ୍ରାଇଭର ମହାସଂଘର ଆନ୍ଦୋଳନ।

ଢେଙ୍କାନାଳ,୮।୭(ରତନ ନାୟାର)

ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ମହିଷାପାଟ ଛକ ନିକଟରେ ମଙ୍ଗଳବାର ୭ଦଫା ଦାବୀ ନେଇ ଡ୍ରାଇଭର ମହସଂଘର ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ଆନ୍ଦୋଳନର ଜିଲାର ୮ଟି ଯାକ ବ୍ଲକର ଡ୍ରାଇଭର ଆନ୍ଦୋଳନର ସାମିଲ ହୋଇଛନ୍ତି । ଡ୍ରାଇଭର ମାନଙ୍କ ସୁରକ୍ଷା ଓ ସମ୍ମାନ ଦାବୀରେ ପ୍ରାୟ ୫ବର୍ଷ ହେଲା ଆନ୍ଦୋଳନ କରାଯାଉଥିବା ବେଳେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସରକାରଙ୍କ ନିକଟରେ ଦାବୀ ଜଣାଇବା ପାଇଁ ଡ୍ରାଇଭର ମାନେ କେତେବେଳେ ଦଣ୍ଡବତ ଯାତ୍ରା ତ ଆଉ କେତେବେଳେ ଧାରଣା ଓ ପଦଯାତ୍ରା କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ଦାବୀ ପୂରଣ କରାଯାଇନାହିଁ ବୋଲି ଢେଙ୍କାନାଳ ସଦର ବ୍ଲକ ଡ୍ରାଇଭର ମହାସଂଘର ଉପଦେଷ୍ଟା ପ୍ରକାଶ ହୋତା ଓ ସମ୍ପାଦକ ତ୍ରିନାଥ ମହାନ୍ତି କୁହନ୍ତି । ଅଟୋ ଡାଇଭର ମାନଙ୍କୁ ଡ୍‌ଇଭର ୱେଲଫେୟାରରେ ସାମିଲ କରିବା, ରାଜରାସ୍ତାର ପ୍ରତି ୧୦୦ କିଲୋମିଟରରେ ପାର୍କିଂ ବ୍ୟବସ୍ଥା, ୬୦ବର୍ଷ ପରେ ସ୍ୱତନ୍ତ୍ର ଭତା ପ୍ରଦାନ ଓ ଡ୍ରାଇଭର ମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ଭଳି ୭ଦଫା ଦାବି କରାଯାଇଛି । ତୁରନ୍ତ ଏହାର ସମାଧାନ କରାନଗଲେ ଆନ୍ଦୋଳନକୁ ତିବ୍ରତର କରାଯିବ ବୋଲି ଡ୍ରାଇଭର ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ନବ ନିର୍ବାଚିତ ରାଜ୍ୟ ସଭାପତିଙ୍କୁ ଢେଙ୍କାନାଳ ଭାଜପାର ଅଭିନନ୍ଦନ

ଢେଙ୍କାନାଳ,୮।୭(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ନବ ନିର୍ବାଚିତ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । ଭାଜପା ପକ୍ଷରୁ ଏମ୍‌ପି ରୁଦ୍ର ନାରାୟଣ ପାଣି, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ସଭାପତି ରାସ ବିହାରୀ ବେହେରା, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ପୂର୍ବତନ ନଗରପାଳ ସୁନିଲ୍ ଶର୍ମା, ଜିଲା ଉପସଭାପତି ପବିତ୍ର କୁମାର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃ ପ୍ରସାଦ ନନ୍ଦ, ଶିବପ୍ରସାଦ ସାହୁ, ସନାତନ ବେହେରା, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଜିଲା ସାଧାରଣ ସଂପାଦକ ରତିକାନ୍ତ ସାହୁ, ଜିଲା ଯୁବ ମୋର୍ଚ୍ଚା ମହାଦୀପ ଯଶୋବନ୍ତ ମହିମା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଜିଲା ବୁଦ୍ଧିଜୀବ ସେଲ୍ ଆବାହକ ପ୍ରମୋଦ ନନ୍ଦ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସହଦେବ ପୃଷ୍ଟି, ଜିଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ ପ୍ରମୁଖ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ଏକ ପ୍ରେସ ବିଜ୍ଞପ୍ତିରେ ଜଣଇଛନ୍ତି।

# ଗଁଦିଆରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ


ଷ୍ଟିଅରିଙ୍ଗ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ।

ଗଁଦିଆ,୮।୭(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକରେ ଓଡିଶା ଡ୍ରାଇଭର ମହାସଂଘ ଡାକରାରେ ଷ୍ଟିଅରିଙ୍ଗ ଛାଡ ଆନ୍ଦୋଳନର ପ୍ରଭାବ ସୋମବାର ଦେଖିବାକୁ ମିଳିଛି । ଗଁଦିଆ ବ୍ଲକ ଡ୍ରାଇଭର ସଙ୍ଘ ସଭାପତି ବାଦଲ ମଲ୍ଲିକଙ୍କ ନେତୃତ୍ୱରେ ୭ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନର ଡାକରା ଦେଇଛନ୍ତି । ବ୍ଲକର ମଠତେନ୍ତୁଳିଆ, ଦେଓଗାଁ, ଯୋରନ୍ଦା, ପିଙ୍ଗୁଆ ଓ ଷଡଙ୍ଗୀ ଛକ ନିକଟରେ ଡ୍ରାଇଭର ମାନେ ଆନ୍ଦୋଳନ ଜାରି କରିଛନ୍ତି। ତେବେ ଜରୁରୀକାଳୀନ ସେବା ଜାରି ରହିଥିବା ବେଳେ ବ୍ଲକରେ ବିଭିନ୍ନ ସ୍ଥାନକୁ ଯେଉଁ ଗାଡି ରାସ୍ତାରେ ଯିବା ଆସିବା କରୁଛି, ଡ୍ରାଇଭର ମାନେ ଗାଡିକୁ ଅଟକାଇ ଡ୍ରାଇଭର ମାନଙ୍କୁ ବୁଝାଇ ଗାଡିକୁ ଛାଡୁଥିବା ଦେଖାଯାଇଥିଲା । ସ୍ଥିତି ନିୟନ୍ତ୍ରଣ ପାଇଁ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ପୋଲିସ ମୃତୟନ କରାଯାଇଛି। ତେବେ ଏହାର ପ୍ରଭାବରେ ଯୋରନ୍ଦା ହାଟ ଓ ଷଡଙ୍ଗୀ ହାଟରେ ପରିବା ଦର ଆକାଶ ଛୁଆଁ ଦେଖିବାକୁ ମିଳିଥିଲା ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ସ୍ୱେଚ୍ଛାକୃତ ରକ୍ତଦାନ ଶିବିର।

ଢେଙ୍କାନାଳ,୮।୭(ରତନ ନାୟାର)

ଢେଙ୍କାନାଳ ଜିଲାର ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେଶନ ଓ ଛାୟା ଟ୍ରେଡର୍ସ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓଡାପଡା ବ୍ଲକ୍ ଅନ୍ତର୍ଗତ ନରେନ୍ଦ୍ରପୁର ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୭୦ ୟୁନିଟି ରକ୍ତ ସଂଗ୍ରହ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ପ୍ରଭାତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କୁସୁପଙ୍ଗା ସରପଂଚ ଅନିତା ନାୟକ, କଂଟାବଣିଆ ଥାନା ଅଧିକାରୀ ତୁଳସୀ ଭୂୟାଁ ଓ ଉପ ନିରୀକ୍ଷକ ଏନ୍. ଖାନ୍, ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍‌ର ମୁଖ୍ୟ ସୌରଭ କୁମାର, ଧର୍ମାନନ୍ଦ ସେନାପତି, ପର୍ବତାରୋହିଣୀ ବିଭାରାଣୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସୂର୍ଯ୍ୟାଲୋକ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଦୀପକ କୁମାର ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡଙ୍ଗୀ ଓ ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡା ଏବଂ ଛାୟା ଟ୍ରେଡର୍ସର ମୁଖ୍ୟ ଚିତରଞ୍ଜନ ନାଥ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତିରଞ୍ଜନ ନାଥ, ରାଜେଶ ପଣ୍ଡା, ଅକ୍ଷୟ ନାୟକ, ନିଶିକାନ୍ତ ମାଝୀ, ଅନିଲ୍ ଦାସ, ବିଜୟ ବରାଳ, ପ୍ରମୋଦ କୁମାର ନାୟକ ଓ ମାନସ ନାୟକ ପ୍ରମୁଖ ସହଯୋଗ କରିଥିଲେ । ରକ୍ତ ଭଣ୍ଡାର ତରଫରୁ ଡା. ସ୍ୱରୂପ ରଞ୍ଜନ ସାହୁ, ବିନୋଦିନୀ ଯୋଗାଣିଆ, କାର୍ତ୍ତିକ ପଣ୍ଡା, ତପନ୍ ଜେନା ଓ ଅଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

# କୁଟୁଣିଆ ପୁଷ୍କରିଣୀରେ ମାଛ ଯାଆଁଳ ଛଡ଼ାଗଲା



ଢେଙ୍କାନାଳ,୮।୭(ରତନ ନାୟାର)

ଢେଙ୍କାନାଳ ଜିଲା ମତ୍ସ୍ୟ ବିଭାଗର ଜିଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କରଙ୍କ ସହଯୋଗରେ କୁଟୁଣିଆ ପୁଷ୍କରିଣୀରେ ରୋହି, ମିରିକାଳି ଓ ଭାକୁର ଆଦି ଆଙ୍ଗୁଳିକା ମାଛ ଯାଆଁଳ ସୋମବାର ଝିପି ଝିପି ବର୍ଷା ମଧ୍ୟରେ ଛଡାଯାଇଛି । ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ, ଶିକ୍ଷକ ସରୋଜ ସାମଲ, କର୍ମଚାରୀ ଚନ୍ଦ୍ରକାନ୍ତ ପଣ୍ଡା, ପ୍ରକାଶ ପାଣିଗ୍ରାହୀ, ରାଜ ପରିଡା ଓ ଆଲୋକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଯାଆଁଳ ଛାଡିବାରେ ସହଯୋଗ କରିଥିଲେ । ଚଳିତବର୍ଷ ପ୍ରାୟ ୧୦ହଜାର ଟଙ୍କା ବ୍ୟୟରେ ଏହି ପୁଷ୍କରିଣୀର ଚତୁଃପାର୍ଶ୍ୱ ହୁଡା ଦିଆଯାଇଥିଲା । ୯ନଂ ୱାର୍ଡରେ ଅବସ୍ଥିତ ଏହି ପୁଷ୍କରିଣୀର ସହର ବିକାଶ ଯୋଜନାରେ ଉନ୍ନତିକରଣ କରାଯିବ ବୋଲି ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରକାଶ କରିଛନ୍ତି।

# ବିଜ୍ଞାନ କ୍ଷେତ୍ରରେ ମ୍ୟାଡାମ କ୍ୟୁରୀଙ୍କ ଅବଦାନ ଚିରସ୍ମରଣୀୟ

### ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ଆଲୋଚନାଚକ୍ର



ବିଜ୍ଞାନ ଚେତନା ମଂଚ ପକ୍ଷରୁ ଆଲୋଚନା ଚକ୍ର।

ଢେଙ୍କାନାଳ,୮।୭(ରତନ ନାୟାର)

ବିଜ୍ଞାନ ସଂଗଠନ ବ୍ରେକ୍‌ଥ୍ରୁ ସାଇନ୍ସ ସୋସାଇଟି ଦ୍ୱାରା ଅନୁବନ୍ଧିତ ବିଜ୍ଞାନ ଚେତନା ମଂଚ ଢେଙ୍କାନାଳ ଜିଲା ପକ୍ଷରୁ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ମୁଖ୍ୟ ଡ.ରଣସିଂହ ନିର୍ମଳେନ୍ଦୁ ରାୟ, ଜିଲାଶିକ୍ଷା ଅଧିକାରୀ ବିନୀତା ସେନାପତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇ, ବରିଷ୍ଠ ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର କୁମାର ଦାଶ ଓ ବରିଷ୍ଠ ଶିକ୍ଷକ ଦୁଃଶାସନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ପୃଷ୍ଟି, ବିଜ୍ଞାନ ସଂଗଠକ ବିନୋଦ କୁମାର ସେଠୀ ଓ ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର ଆବାହକ ବୃନ୍ଦଙ୍କ ମିଳିତ ଆବାହକତ୍ୱରେ ମହାନ୍ ବୈଜ୍ଞାନିକ ମାଡ଼ାମ୍ କ୍ୟୁରୀଙ୍କ ୯୧ତମ ମୃତ୍ୟୁ ଶତବାର୍ଷିକୀ ବର୍ଷ ପାଳନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଓ ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଟି ବିଜ୍ଞାନ ଆଲୋଚନା ଚକ୍ର ହୋଇଥିଲା। ଆଲୋଚନାଚକ୍ରରର ବିଷୟ ବସ୍ତୁ ଥିଲା- 'ବୈଜ୍ଞାନିକ ଗବେଷଣାରେ ନାରୀମାନଙ୍କର ଭୂମିକା ଓ ମହାନ୍ ବୈଜ୍ଞାନିକ ମାଡ଼ାମ୍ କ୍ୟୁରୀ'। ରେଭେନ୍ସା ବିଶ୍ୱ ବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରାଧାପକ ଡ.ସିଦ୍ଧାର୍ଥ ଭରଦ୍ୱାଜ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ.ଦେବାଶିଷ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଜ୍ଞାନ କ୍ଷେତ୍ରରେ ମାଡାମ କ୍ୟୁରୀଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଆବାହକ ଡ଼ା.ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜ୍ଞାନ ସଂଗଠକ ବିନୋଦ କୁମାର ସେଠୀ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ପୃଷ୍ଟିଙ୍କ ସମେତ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ ।

# ୪ଫୁଟର ନାଗ ଉଦ୍ଧାର



ଗଁଦିଆ,୮।୭(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଚଣ୍ଡିଆ ଗ୍ରାମ ରାଏସିଂହପ୍ରସାଦ ଉଚ୍ଚ ବିଦ୍ୟାଳୟ ପରିସରରୁ ମଙ୍ଗଳବର ଏକ ନାଗ ସାପକୁ ଉଦ୍ଧାର କରାଯାଇଛି । ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ବୁଲୁଥିବା ବେଳେ ଏକ ୪ଫୁଟର ନାଗ ସାପକୁ ଦେଖିବାକୁ ପାଇଥିଲେ। ଫଳରେ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନେ ଭୟଭୀତ ହୋଇ ସ୍ନେକ୍ ହେଲ୍ପ ଲାଇନକୁ ଫୋନ କରିଥିଲେ । ଖବରପାଇ ସାପ ଉଦ୍ଧାରକାରୀ ସଦସ୍ୟ ସତ୍ୟସୁନ୍ଦର ସ୍ୱାଇଁ ପହଁଚି ସାପଟିକୁ ଉଦ୍ଧାର କରି ନିକଟରେ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡିଛି ।

# ବାହୁଡ଼ା ଯାତ୍ରା ଭଜନ ସମାରୋହ ଉଦ୍‌ଯାପିତ






ଢେଙ୍କାନାଳ,୮।୭(ରତନ ନାୟାର)

ଢଙ୍କାନାଳ ବାହୁଡ଼ା ଯାତ୍ରା ଭଜନ ସମାରୋହ କମିଟି ପକ୍ଷରୁ ୩୬ତମ ଭଜନ ସମାରୋହ ସ୍ଥାନୀୟ ରଥଗଡ଼ା ଠାରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂବର୍ତନ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଅହଂକାର ଓ ଗର୍ବ ଛାଡି ମହାପ୍ରଭୁ ଜଗନ୍ନାଥ ପ୍ରତି ସମର୍ପିତ ହେଲେ ଏହି ମାନବ ଜୀବନ ସାର୍ଥକ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପୌରସଂସ୍ଥା ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଓ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଜଶ୍ରୀ ଶତପଥି ସଭାପତିତ୍ୱ କରିଥିଲେ। ଉପସଭାପତି ଦେବାଶିଷ ମିଶ୍ର ସ୍ୱାଗତ ଭାଷଣ ଓ ସଂପାଦକ ବିଶ୍ୱନାଥ ବେହେରା ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ସୁକାନ୍ତ କୁମାର ମିଶ୍ର ମଂଚାସିନ ଥିଲେ। କଣ୍ଠଶିଳ୍ପୀ ଦିପ୍ତିମୟୀଙ୍କ କଣ୍ଠରେ ମୋ ଜଗାରେ ସିଂହଦ୍ୱାରକୁ ତୁ ଖୋଲା ରଖିଛୁ ଭଜନ ଶ୍ରୋତାଙ୍କୁ ବିଭୋର କରିଥିଲା। କଣ୍ଠ ଶିଳ୍ପୀ ଗଗନ ଜେନା, କୁମାର ଜାନୁ, କୁମାର ସତ୍ୟସ୍ୱରୂପ, ବିରେନ ଭଜନ ପରିବେଷଣ କରିଥିଲେ। ଲକ୍ଷ୍ମୀକାନ୍ତ ସାହୁ ଭଜନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ କି ପ୍ୟାଡ୍ ବାଦକ ପରମାନନ୍ଦ ମିଶ୍ରଙ୍କୁ ବିଶିଷ୍ଟ ତାବଲା ବାଦକ ତଥା ସଂଗୀତ ନିର୍ଦ୍ଦେଶକ ଗୁରୁ ସ୍ୱର୍ଗତ ରାଧାକାନ୍ତ ନନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅରବିନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କୁନି ପ୍ରବଚକ ଜୟ ଗୋପିନାଥ ଦାସ ପ୍ରବଚନ ପ୍ରଦାନ କରିଥିଲେ। ବିନୋଦ ମହାନ୍ତି, ଅଥୟ ସାହୁ, ଦେବେନ ବେହେରା, ଶ୍ରୀନିବାସ ଦାସ, ବାବୁଲି ଦାସ, ନୃସିଂହ ବେହେରା, ସରୋଜକାନ୍ତ ଦେହୁରୀ, ଗଙ୍ଗାଧର ରାଉତ, ଦିଲିପ ସାହୁଙ୍କ ସମେତ କର୍ମକର୍ତା ମାନେ ସହଯୋଗ କରିଥିଲେ।

# ଯାତ୍ରୀଙ୍କୁ ଶୋଷୁଛନ୍ତି ଘରୋଇ ବସ୍

## ଚୁପ୍ ବସିଛି ଏସ୍‌ଟିଏ, କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର, ୮।୭
(ସତ୍ୟଜିତ୍ ରାଉତ)

ରାଜ୍ୟରେ ଚଳାଚଳ କରୁଥିବା ଅନେକ ଘରୋଇ ବସ୍ ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଅର୍ଥ ନେଉଥିବା ଦେଖିବାକୁ ମିଳୁଛି। ଏନେଇ ଯାତ୍ରୀମାନେ ପ୍ରତିବାଦ କଲେ କଣ୍ଡକ୍ଟର ମନମାନି କରୁଛନ୍ତି। ବସ୍‌ର ଡ୍ରାଇଭର ସିଟ୍ ପାଖରେ ଭଡ଼ା ରେଟ୍ ଚାର୍ଟ ଲଗାଇବାକୁ କଡ଼ା ନିର୍ଦ୍ଦେଶନାମା ଥିବାବେଳେ କେତେକ ଏହାକୁ ମାନୁ ନ ଥିବା ଅଭିଯୋଗ ହେଉଛି। ଏପରିକି କେତେକ ବସ୍ କଣ୍ଡକ୍ଟର ଯାତ୍ରୀଙ୍କଠାରୁ ଭଡ଼ା ନେବା ପରେ ଟିକେଟ ମଧ ଦେଉନାହାନ୍ତି। ଏନେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ପକ୍ଷରୁ କୌଣସି ଯାଞ୍ଚ ହେଉନାହିଁ। ଏପରିକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାର ଧାର୍ଯ୍ୟ ବସ୍ ଭଡ଼ା ଚାର୍ଟ ନିର୍ଦ୍ଧାରିତ କରିଛନ୍ତି। ସାଧାରଣ ବସ୍ କିମି ପିଛା ୮୮ ପଇସା, ଦ୍ରୁତଗାମୀ ବସ୍ ୯୨ ପଇସା, ଡିଲକ୍ସ ବସ୍ ୧ ଟଙ୍କା ୨୭ ପଇସା, ଏସି ଡିଲକ୍ସ ବସ୍ ୧ ଟଙ୍କା ୫୫ ପଇସା ଓ ସୁପର ପ୍ରିମିୟମ ବସ୍ କିମି ପିଛା ୨.୪୧ ଦର ସ୍ଥିର ହୋଇଛି। ଏପରି କି ଧାର୍ଯ୍ୟ ମୂଲ୍ୟଠାରୁ କୌଣସି କଣ୍ଡକ୍ଟର ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଆଦାୟ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଟିଏ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଚେତାବନୀ ଦିଆଯାଇଛି। ହେଲେ ଏହା କେବଳ ସୋସିଆଲ୍ ମିଡିଆ ପୋଷ୍ଟରେ ରହିଯାଉଛି। ରବିବାର କଟକ ମହାନଦୀ ବିହାରର ରଶ୍ମିରଞ୍ଜନ ମହାପାତ୍ର ଏକ ଘରୋଇ ବସ୍‌ରେ ଯାଜପୁର ଜିଲା ହରିପୁରରୁ କଟକ ଓଏମ୍‌ପି ଆସିଥିଲେ। ରୁଟର ଦୂରତା ୭୧ କି.ମି. ହୋଇଥିବାବେଳେ ସାଧାରଣ ବସ୍‌ର ଧାର୍ଯ୍ୟ ଭଡ଼ା ଅନୁଯାୟୀ ୫୩ ଟଙ୍କା ୬୮ ପଇସା ହେଉଛି। ହେଲେ ତାଙ୍କଠାରୁ ଉକ୍ତ ବସ୍‌ର କଣ୍ଡକ୍ଟର ୮୦ ଟଙ୍କା ନେଇଥିଲେ। ଏନେଇ ରଶ୍ମିରଞ୍ଜନ କହିଛନ୍ତି, ଏଭଳି ଅଧିକ ଭଡ଼ା ନେବା ଠିକ୍ ନୁହେଁ। ଏସ୍‌ଟିଏ ଏନେଇ ନଜର ଦେଉ ବୋଲି ସେ କହିଛନ୍ତି। ସେହିପରି ଧରିତ୍ରୀ ପ୍ରତିନିଧି ଉକ୍ତ ବସ୍‌ରେ ଯାଜପୁର ଟାଉନରୁ କଟକ ଓଏମ୍‌ପି ଛକ ପର୍ଯ୍ୟନ୍ତ ଆସିଥିଲେ। ଏଥିପାଇଁ ଧାର୍ଯ୍ୟ ଦର ଅନୁସାରେ ୭୫ଟଙ୍କା ଭଡ଼ା ହେଉଥିବାବେଳେ କଣ୍ଡକ୍ଟର ତାଙ୍କୁ ୧୦୦ ଟଙ୍କା ଦାବି କରିଥିଲେ। କାହିଁକି ଅଧିକ ଭଡ଼ା ନେଉଛ ବୋଲି ପଚାରିବାରୁ କଣ୍ଡକ୍ଟର ନାଲି ଆଖି ଦେଖାଇ ଯୁକ୍ତି କରିଥିଲେ। ଶେଷରେ ସେ ୭୦ ଟଙ୍କା ନେଇଥିବା ବେଳେ ଆଉ ତାଙ୍କ ବସ୍‌ରେ ନ ଆସିବାକୁ ଧମକ ଦେଇ ଚେତାବନୀ ଦେଇଥିଲେ। ଏନେଇ ଉକ୍ତ ବସ୍ ମାଲିକଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛୁ ବୋଲି କଣ୍ଡକ୍ଟରଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା ସେ କିଛି ଶୁଣି ନ ଥିଲେ। ଏ ଘଟଣା ଗୋଟିଏ ନୁହେଁ, ବରଂ ବସ୍‌ଗୁଡ଼ିକରେ ନିୟମିତ ଯାତ୍ରୀଙ୍କୁ ଏଭଳି ଅଧିକ ଟଙ୍କା ଦାବି କରାଯାଉଛି। ଏନେଇ ବିଭିନ୍ନ ଲୋକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏସ୍‌ଟିଏ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଦୃଷ୍ଟି ଆକର୍ଷଣ କରୁଛନ୍ତି। କିଛିଦିନ ତଳେ ବାଲେଶ୍ୱର ଅଞ୍ଚଳର ମନୀଷ ଜେନା ଏକ ଟୁଇଟ୍ କରିଥିଲେ। ସେଥିରେ ସେ ଭୋଗରାଇ ବଜାରରୁ ବାଲେଶ୍ୱର ଆସୁଥିବା ନୂରାନି ନାମକ ଏକ ବସ୍‌ର କଣ୍ଡକ୍ଟର ଧାର୍ଯ୍ୟ ଭଡ଼ା ଠାରୁ ତାଙ୍କୁ ଅଧିକ ଦାବି କରିଥିଲେ ବୋଲି ଉଲ୍ଲେଖ କରିବା ସହ ଏସ୍‌ଟିଏର ଦୃଷ୍ଟି ଆକର୍ଷଣ କରିଥିଲେ। ଅପରପକ୍ଷରେ କେତେକ ବସ୍‌ରେ ଷ୍ଟାଣ୍ଡିଂ କାପାସିଟିଠାରୁ ଅଧିକ ଯାତ୍ରୀଙ୍କୁ ନେଇ ବିପଦ ସୃଷ୍ଟି କରୁଛନ୍ତି। ଫିଟ୍‌ନେସ ଓ ଇନ୍‌ସ୍ୟୁରାନ୍ସ ଅବଧି ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଭଦ୍ରକର ଉତ୍କଳ କେଶରୀ ସାମଲ କହିଛନ୍ତି, ସେ କେନ୍ଦୁଝରରୁ ପାଣିକୋଇଲିକୁ ବିଭିନ୍ନ ବସ୍‌ରେ ଆସୁଥିବାବେଳେ ତାଙ୍କଠାରୁ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନିଆଯାଉଛି। ଏ ଦିଗରେ ଏସ୍‌ଟିଏ ସ୍ୱତନ୍ତ୍ର ଦୃଷ୍ଟି ଦେଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଏକ୍ସରେ ମଧ୍ୟ ବିଭିନ୍ନ ଯାତ୍ରୀ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି।



### ତେଲଖର୍ଚ୍ଚ ପାଇଁ କିଛି ମାଲିକ ଅଧିକ ଭଡ଼ା ନେଉଛନ୍ତି, ଏହାକୁ ବିରୋଧ କରୁଛି



ବର୍ତ୍ତମାନର ଧାର୍ଯ୍ୟ ଭଡ଼ା ଦରରେ ଗାଡ଼ି ଚାଲିବା କଷ୍ଟକର ହୋଇପଡୁଛି। ଭଡ଼ା ବଢ଼ାଇବାକୁ ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଥିବାବେଳେ ଏହା ବିଚାରାଧୀନ ଅଛି। ଏଥିପାଇଁ ବୋଧେ କେତେଜଣ ମାଲିକ ତେଲଖର୍ଚ୍ଚ ପାଇଁ ଅଧିକ ଭଡ଼ା ନେଉଥିବା ମୁଁ ଭାବୁଛି। ହେଲେ ଏହାକୁ ମୁଁ ବିରୋଧ କରୁଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ା ଟଙ୍କା ନେଇ ଚଳାଇବାକୁ ଆମେ କହୁଛୁ। ଭଡ଼ା ଅଧିକ ନେଉଥିବାରୁ ସେମାନଙ୍କୁ କେତେଥର ଡାକି ପଚାରିଲେ ମଧ ମାନୁନାହାନ୍ତି। କେଉଁ ଗାଡ଼ି ଅଧିକ ଭଡ଼ା ନେଉଛନ୍ତି, ସେନେଇ ତଥ୍ୟ ଦେଇ ଅଭିଯୋଗ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବୁ। ଅନ୍ୟାନ୍ୟ ଅଭିଯୋଗ ଉପରେ ମଧ ନଜର ଦେବୁ।

**– ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ, ରାଜ୍ୟ ଘରୋଇ ବସ୍ ମାଲିକ ସଂଘ**

### ଚଢ଼ାଉ ବ୍ୟାପକ କରାଯିବ



ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନେବା ବେଆଇନ। ମଝିରେ ମଝିରେ ଏଭଳି ନିୟମ ଉଲ୍ଲଙ୍ଘନ କରୁଥିବା ବସ୍‌ଗୁଡ଼ିକ ଉପରେ ଆମ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି ସମୟରେ ବସ୍‌ଗୁଡ଼ିକଠାରୁ ଜରିମାନା ଆଦାୟ କରାଯାଉଛି। ଅଧିକ ଭଡ଼ା ସହ ଅନ୍ୟାନ୍ୟ ଅଭିଯୋଗ ଉପରେ ପୁଣିଥରେ ଚଢ଼ାଉ ବ୍ୟାପକ କରାଯିବ।

**–ଅମିତାଭ ଠାକୁର, ଚେୟାରମ୍ୟାନ ତଥା ଟ୍ରାନ୍ସପୋର୍ଟ କମିଶନର, ଏସ୍‌ଟିଏ**

# ୪୪୪ ସନ୍ଦିଗ୍ଧ ବାଂଲାଦେଶୀ ଅଟକ

ଝାରସୁଗୁଡ଼ା, ୮।୭
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ବେଆଇନ ଭାବେ ରହୁଥିବା ୪୪୪ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବାଂଲାଦେଶୀ ଯୁବକଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଝାରସୁଗୁଡ଼ାର ବ୍ଲାକ ଡାଇମଣ୍ଡ କ୍ଲବ୍‌ରେ ୧୮୩ ଓ ବ୍ରଜରାଜନଗର ସୁରଭି କ୍ଲବଠାରେ ୨୬୧ ଜଣଙ୍କୁ ଅଟକ ରଖାଯାଇଛି। ତଦନ୍ତ ପରେ ସେମାନଙ୍କ ଡକ୍ୟୁମେଣ୍ଟ ଯାଞ୍ଚ କରାଯିବ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଏବଂ ଝାରସୁଗୁଡ଼ା ଏସ୍‌ପି ସ୍ମିତ ପି. ପରମାର ଜିଲା ପୋଲିସ କାର୍ଯ୍ୟାଳୟରେ ମଙ୍ଗଳବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲାରେ ବହୁ ବାଂଲାଦେଶୀ ଯୁବକ ଆସି କାମ କରିବା ବାହାନାରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ପୂର୍ବରୁ ଜଣାପଡିଥିଲା। ବୁଧବାର ଏହି ଘଟଣା ଉପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି କହିଛନ୍ତି।



ବ୍ଲାକ୍ ଡାଇମଣ୍ଡ କ୍ଲବ୍‌ରେ ଅଟକ ଥିବା ବାଂଲାଦେଶୀ ଯୁବକ।

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ବିସ୍ଫୋରକ ଜବତ

ନୂଆପଡ଼ା,୮।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା ସିନାପାଲି ଥାନା ନାରାୟଣ ଡୋଙ୍ଗରି ସଂରକ୍ଷିତ ଜଙ୍ଗଲରେ ସୋମବାର ଡିଭିଏଫ୍ ବାହିନୀ କୋମ୍ବିଂ ଅପରେଶନ କରୁଥିବା ସମୟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଏ ନେଇ ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ଛତିଶଗଡ଼ ସୀମାନ୍ତ ନାରାୟଣ ଡୋଙ୍ଗରି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଜାରି ରହିଥିବା ନେଇ ଜିଲା ପୋଲିସକୁ ଗୋଇନ୍ଦା ସୂତ୍ରରୁ ଖବର ମିଳିଥିଲା। ପରେ ଏସ୍‌ପି ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳେ ଡିଭିଏଫ୍ ଟିମ୍‌ର ଯବାନମାନେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ସେମାନେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ହେଲେ ପୂର୍ବରୁ ଚଢ଼ାଉ ଖବର ପାଇ ମାଓବାଦୀମାନେ ସେଠାରୁ ପଳାୟନ କରିଥିଲେ। ଯବାନମାନେ ସେଠାରୁ ଏକ ଟିଫିନ ବୋମା, ୨୦ ଜିଲୋଟିନ, ଗୋଟିଏ ଇଲେକ୍ଟ୍ରି ଡିଟୋନେଟର ଭଳି ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛନ୍ତି। ଏହି ଘଟଣା ପରେ ମାଓବାଦୀମାନେ ଜିଲାରେ ଏକ ବଡଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିଲେ ବୋଲି ଅନୁମାନ କରାଯାଉଛି। ହେଲେ ଏହା ପୂର୍ବରୁ ଡିଭିଏଫ୍ ବାହିନୀ ମାଓ ସାମଗ୍ରୀ ଜବତ କରି ସେମାନଙ୍କ ଯୋଜନାକୁ ଭଣ୍ଡୁର କରି ଦେଇଛି। ନୂଆପଡା–ଛତିଶଗଡ଼ ସୀମାନ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ ଜୋରଦାର କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।




**OFFICE OF THE COLLECTOR & DISTRICT MAGISTRATE, BALASORE DISTRICT**
**(DISTRICT SOCIAL WELFARE OFFICE)**
No.-2696 Date-05.07.25

**TENDER CALL NOTICE**

**No. g-14:-** Sealed tenders are invited from the intending individual/ Company/ Registered Firms/ Authorized licensing Transporting Contractor/ Corporation having registration certificate in support of their transportation work under "The Carriage by Road Act' 2007" and "Carriage by Road Rules, 2011" issued by the State Transport Authority or Regional Transport Authority for appointment of Transporting Agent under SNP Feeding Programme in Balasore district for the year 2025-26. Details of the documents are available on the website (**https://balasore.odisha.gov.in**).

Last date of submission of tender on or before 19.07.2025 at 5.00 PM.

**Sd./- District Social Welfare Officer, Balasore**
OIPR-24242/11/0013/2526



**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
**(Department of Health & FW, Govt. of Orissa)**
Advt. No: 11/2025 Date:05/07/2025

**REQUEST FOR PROPOSAL (RFP) FOR OUTSOURCING OF HOUSEKEEPING SERVICES**

No. E-216:- Sealed proposals as per the prescribed RFP document are invited from Company (Companies Act 2013) /Partnership Firm (Indian Partnership Act 1932/Limited Liability Partnership Firm 2008)/ Society (Society Registration Act 1860)/ a Trust (Indian Trust Act 1882 & its amendment thereon) for outsourcing of housekeeping services in Govt. Health Institutions of Bhadrak. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website www.bhadrak.odisha.gov.in. Interested bidders fulfilling the eligibility criteria may submit their proposal(s) (with EMD and documents as per RFP). The bidders have to submit their proposal(s) to the Office of the CDM & PHO, BHADRAK. The details of proposal(s) complete in all respect superscribing **"Tender for outsourcing of housekeeping services in Govt. Health Institutions of Bhadrak"** & the advertisement reference No. ___________ on the envelope and should reach to the Office of the **CDM & PHO, Bhadrak on or before 28.07.2025 (till 5 PM) by Speed Post, Registered Posts or Courier Only**. The technical bids shall be opened at the Office of the CDM & PHO, Bhadrak on **29.07.2025 at 11.00 AM**. The authority reserves the right to reject any or all the proposals without assigning any reason thereof.

OIPR-10123/11/0015/2526 **Sd./- CDM & PHO, Bhadrak**


# ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ




**ଆଜି ଜାତୀୟ ବିଦ୍ୟାର୍ଥୀ ଦିବସ**

ପ୍ରତିବର୍ଷ ଜୁଲାଇ ୯ରେ ଆମ ଦେଶରେ ପାଳିତ ହୋଇଥାଏ ଜାତୀୟ ବିଦ୍ୟାର୍ଥୀ ଦିବସ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ପ୍ରତିଷ୍ଠା ଦିବସ(୯ଜୁଲାଇ୧୯୪୯) ଅବସରରେ ପାଳିତ ଏହି ଦିବସ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା, ନୈତିକତା ଓ ସାମାଜିକ ଦାୟିତ୍ୱ ପ୍ରତି ଉତ୍ସାହିତ କରିବାର ଏକ ଅବସର ଆଣିଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ'। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ ସଚେତନତା ଅଭିଯାନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ ନେତୃତ୍ୱ, ଉଦ୍ଭାବନ ଏବଂ ସାମାଜିକ ପରିବର୍ତ୍ତନରେ ଅଂଶଗ୍ରହଣ ପାଇଁ ପ୍ରେରଣା ଦିଆଯାଇଥାଏ।

# ବଜ୍ରପାତ ସତର୍କତା, ୧୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୮।୭
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଲଗାଣ ବର୍ଷା ଜନଜୀବନକୁ ପ୍ରଭାବିତ କରିଥିବାବେଳେ ବୁଧବାରଠାରୁ କମିବ। କିଛି ଜିଲାକୁ ବାଦ୍ ଦେଲେ ପ୍ରାୟ ଅଧିକାଂଶ ଜିଲାରେ ପାଗରେ ସୁଧାର ଆସିବ। ତେବେ ୧୪ ତାରିଖରୁ ପୁଣି ବର୍ଷାର ବିସ୍ତୃତି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ବଜ୍ରପାତ ନେଇ କେତେକ ଜିଲାକୁ ସତର୍କ କରାଯାଇଛି। ବୁଧବାର ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୩୦ରୁ ୪୦ କିମି ବେଗରେ ଝଟ୍‌କା ପବନ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ସୁନ୍ଦରଗଡ଼, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବୌଦ୍ଧ ଆଦି ଜିଲାରେ ବଜ୍ରପାତ ସହ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ଅନ୍ୟପଟେ ବଜ୍ରପାତ ପାଇଁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁରକୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।


**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR-751010 (ODISHA)**
No.CAD-1015
Tel - 0674 : 2580896, E-mail : gmerectionocc@gmail.com
(GSTIN-21AAACO2571K2ZM)

**e - Procurement Notice No. 19/OCCL/2025-26 (on-line)**

Type of work : "Erection of 1st stage embedded parts, 2nd stage embedded parts, Gates & its components by fixing of wheels & rubber seal etc., erection of trestle structure & hoisting platform, Rope drum hoists & Central drive units, Rope connection etc., Dogging arrangements, Ladder & hand railing, painting of gates & hoist structures, including 2nd stage concerting works for 02 Nos. of Depletion Sluice Emergency Gates and 02 Nos. Depletion Sluice Service Gates of size 2000mm X 3000mm each at Block No. 12 & 13, Dismantling old Construction Sluice Gates & Platforms etc. with trial, testing & commissioning of above gates pertaining to Kanupur Irrigation Project as per direction of the Engineer-in-Charge on Turnkey basis. ."
Total No. of work : 01 (One)
Period of Completion : 120 (One hundred twenty) days

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/ 03/2025-26 | Rs. 7,080/- (Non-refundable) | 08.07.2025 10.00 A.M. to 17.07.2025 05.00 P.M. | 08.07.2025 10.00 A.M. to 17.07.2025 05.00 P.M. |

Date of opening of Bid : **18.07.2025 at 11.30 A.M.**
Further details can be seen from the Govt. website **(www.tendersodisha.gov.in)**
**Amendment/corrigendum/cancellation, if any shall be posted on-line only.**

**Sd./- General Manager (Mech.), Erection and Maintenance, OCC Ltd., Bhubaneswar**
**OIPR-34163/11/0072/2526**



**ODISHA LIFT IRRIGATION CORPORATION LTD.**
**(A GOVERNMENT OF ODISHA UNDERTAKING)**
PLOT NO.17/2, NAYAPLLI, BHUBANESWAR-12
Phone : (0674) 2390195, Fax : (0674) 2395844, E-mail : olicltd123@bsnl.com, olicltd@ymail.com
**No.4P-18/2025, 5385/OLIC, Dated : 03.07.2025**

**NATIONAL COMPETITIVE BIDDING THROUGH E-PROCUREMENT**

**No.CAD-991** : The Managing Director, OLIC Ltd., Bhubaneswar invites online tender through e-procurement with Commercial bid and technical bid for supply of Submersible pump sets in conformity with detail tender call notice are invited from reputed manufacturers as per the schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) (Inclusive of 18% GST) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-05(E) 2025-26 | Sumersible Pump set to deliver 2.0 LPS at 60 Mtr. Head | 14000 | 4838.540 | 48.38540 | 11,800/- (Inclusive of 18% GST) |

1. Period of Completion : 60 days of issue of purchase order.
2. Date & Time of availability of bid document in the portal : From Dt.10.07.2025 to Dt.08.08.2025
3. Last date/Time for receipt of bids in the portal : Dt.08.08.2025 upto 17.00 hrs.
4. Last date of seeking clarification : Dt.18.07.2025 upto 17.00 hrs.
5. Date of opening of Technical Bid : Dt.11.08.2025 at 11.00 hours
6. Name and address of the Officer Inviting Bid : M.D., OLIC, Plot No. N-17/2, Nayaplli, P.B No.155, Bhubaneswar-751 012
7. Further details can be seen from e-procurement portal https://tendersodisha.gov.in

Authority reserves the right to reject any or all the tenders without assigning any reasons thereof.

**OIPR-32135/11/0035/2526** **Sd./- MANAGING DIRECTOR**



**OFFICE OF THE DEAN & PRINCIPAL VSS INSTITUTE OF MEDICAL SCIENCES & RESEARCH : BURLA**
No.4661/VIMSAR/INDENT Dated : 05.07.2025

**NOTICE**

**No.E-220** : Sealed tenders are invited from the interested firms for supply of **"GAME & SPORTS ARTICLES"** during the financial year 2025-26. The detail terms and conditions & make is available in this College website i.e. www.vimsar.ac.in and district website i.e. www.sambalpur.odisha.gov.in. The last date of receipt of tenders will be on **05.08.2025** latest by **5.00 P.M.,** which will be opened on **06.08.2025 at 11:00 A.M.** in the Conference Hall of Dean & Principal, VIMSAR, Burla.

OIPR-11056/11/0038/2526 **Sd./- Dean & Principal, VIMSAR, Burla**



**Advertisement for e-Admission into B.P.Ed. & M.P. Ed. Course for the Session 2025-27** No.TT-10

Dateline for e-Admission in Govt. College of Physical Education, Bhubaneswar for B.P.Ed & M. P. Ed. Course & B.P.Ed course of Govt. College of Physical Education, Kulundi,Sambalpur under Student Academic Management System (SAMS). For details please contact Govt. College of Physical Education (GCPE) Bhubaneswar/Kulundi, Sambalpur or call Sanjog helpline Toll Free (155335/ 18003456770) Number.

| Sl. No. | Activities | Timeline |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in www.sportsodisha.gov.in | 10.07.2025 |
| 02 | Last date for applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF(One day before PFT for each group) | 28.07.2025 onwards |
| 06 | Date of Physical Fitness Test (Conducted at Bhubaneswar)(Detail of Test Schedule & venue will be mentioned on the index card)(One day after validation for each group) | 29.07.2025 onwards |
| 07 | a) Publication of General Merit List / Disqualified List<br>b) Publication 1st Selection (College wise) | 12.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.08.2025 to 19.08.2025 |
| 09 | Publication of 2nd selection merit list | 25.08.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 28.08.2025 |
| 11 | Publication of 3rd Selection List, if vacancy arises | 29.08.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 02.09.2025 |
| 13 | Classes will start | 03.09.2025 |

For more detail please Contact e-Admission Helpline (Toll free) Number155335-18003456770 or e-Admission Helpdesk @ Govt. College of Physical Education(GCPE) Bhubaneswar - 0674-2476694

**N.B. : 1. Changes to the dateline (if occur) will be notified in the website.**
**OIPR-29001/11/0096/2526** **Principal**



**ODISHA PUBLIC SERVICE COMMISSION CUTTACK**

**NOTICE**

**No. 4735/PSC, dt. 07.07.25**
**(1R-12-24/25) (DR-V)**

**Assistant Professor (Stage-I) in Home Science (Advertisement No.27 of 2023-24)**

No. D- :- It is for information of all concerned that, document verification of **88 (Eighty-Eight)** candidates having **PPSAN** mentioned below for the post of **Assistant Professor (Stage-I) "Home Science"**, pursuant to Advertisement No.27of 2023/24 shall be held from **17.07.2025 to 21.07.2025 except 20.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| **17.07.2025** | 10.30 AM | P240313026, P240304593, P240303619, P240297133, P240297316, P240304388, P240297801, P240302777, P240274088, P240309966, P240287919 & P240296650 = **12 Candidates** |
| | 2.30 PM | P240282956, P240304151, P240302294, P240307371, P240272485, P240255519, P240285580, P240310807, P240298411, & P240306610 = **10 Candidates** |
| **18.07.2025** | 10.30 AM | P240310801, P240292383, P240303046, P240289496, P240308678, P230161283, P240307937, P240306645, P240299010, P220038349, P240287867 & P230105266 = **12 Candidates** |
| | 2.30 PM | P240306539, P240303894, P240260189, P240303128, P240305816, P240284808, P240268833, P240305493, P240289816, & P220000041 = **10 Candidates** |
| **19.07.2025** | 10.30 AM | P240307804, P240310051, P240307208, P240301395, P230096011, P240307632, P240273429, P230104607, P240281842, P240269161, P240266947 & P240270470 = **12 Candidates** |
| | 2.30 PM | P230142454, P240297118, P240296692, P240287490, P230145826, P240283527, P240304234, P240309331, P240303982 & P230215195 = **10 Candidates** |
| **21.07.2025** | 10.30 AM | P240268320, P240255066, P220018177, P240305870, P220003560, P230164239, P240266599, P240305417, P240281557, P230139572, P240302973 & P220068466 = **12 Candidates** |
| | 2.30 PM | P240263442, P230136345, P240256942, P240283686, P240289367, P230116658, P240289297, P240283457, P220021935 & P240264669 = **10 Candidates** |

The candidates are required to submit the documents as per this office **Notice No. 4271/PSC, dt. 21.06.2025** which is available on the Website of the Commission i.e. www.opsc.gov.in.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0261/2526 **Sd./- Secretary**

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45 yrs ଝିଅ ଆବଶ୍ୟକ। Candidate- 9861141891. D-1173

### GROOM WANTED

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050

Wanted Govt. Service groom for beautiful Brahmin Girl 1998, 5'4", BA, PGDCA, "SUNASANSAR". 9937512659. D-76282



## REAL ESTATE

### SALE

**B.D.A. plot for sale- 40'x60' B.D.A. allotted plot for sale at Prachi Enclave, Chandrasekharpur at a cost of 2.5 crore (Non-negotiable). Only intending buyers (Not brokers) can contact to Mob No.- 9078562890 between 4P.M. to 5 P.M.** D-76474

**Duplex sale near AIIMS Hospital Bhubaneswar, apartment Sum Hospital. 9777433701.** D-76285

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

 କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D–76281

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

**Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668.** D-76287

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284





3 Office space- 1. 2000sqft. in 1st floor, 2. 780sqft. 2nd floor fully furnished Office, 3. 1000sqft. in 3rd floor at 5- Janpath, Unit-3, Kharvelnagar behind Kalsi petrol pump, Bhubaneswar, Odisha-751001. Readily available to operate. Contact: 9437001845, 7504050186. D-76839





Positively health benefits SPA expert female therapist homely atmosphere. 8658088274. D-1177

## AFFIDAVIT

By virtue of an affidavit sworn before the Executive Magistrate, Angul, Date.07.07.2025, I, SUKADEV PRADHAN, R/o. Vill/ P.O.-Kumpapada, Via- Jagannathprasad, Dist.- Ganjam (Odisha), PIN Code- 761121 declare that I have changed my name from SARVANGYA PRADHAN to SUKADEV PRADHAN. Henceforth, I shall be known as SUKADEV PRADHAN for all purpose.
Sukadev Pradhan D-1224

By virtue of an affidavit before Executive Magistrate, Kendrapara, Sl.No.- 4288, dated- 30.06.2025, I Usharani Dash, W/o- Nimain Charan Baral, At/P.O.- Ghagara, P.S.- Nikirai, Dist.- Kendrapara declare that I have changed my name from Usharani Baral to Usharani Dash. Henceforth, I shall be known as Usharani Dash for all purposes. D-1208

"CHANGE OF NAME ANNOUNCEMENT This is to notify that the firm formerly known as M/s J P RAY, located at Plot 1257(P), New Forest Park, Mouza: Bhimpur, Dist:Khurda, Bhubaneswar, Odisha-751009, has changed its name to RAYZEN INFRACON. This change is effective from 26.06.2025 as per Affidavit No.S417141,dated 26.06.2025. For any queries,please contact:rayzen.infracon@gmail.com. D-1210

I, ANISU BIBI, W/o- SHAIKH NAJIRUDDIN, resident of Ward No.- 09, Maligan, P.O./P.S.- Nemalo, Dist.- Cuttack, PIN-754293, Odisha, declare by this affidavit No.1155, dated on 07.07.2025. That now onwards I shall be known as ANISUN BIBI for all future purposes. D-1209

By virtue of an affidavit sworn before Notary Public, Laxmisagar, 04.03.2025, I Muhammad Saad, R/o- Laxmisagar, Bhubaneswar, Dist.- Khordha declare that I have changed my name from Sujan Das to Muhammad Saad. Henceforth, I shall be known as Muhammad Saad for all purposes.
Muhammad Saad D-1211

By virtue of an affidavit sworn before Notary Public, Bhubaneswar, dated 07.07.2025, I, Harvinder Singh Buhi, Plot No.-89, NAC Colony, Unit-3, Bhubaneswar- 751001, Odisha declare that I have changed my name from HIRA SINGH to HARVINDER SINGH BUHI. Henceforth, I shall be known as HARVINDER SINGH BUHI for all purposes. D-74732

By virtue of an affidavit sworn before Executive Magistrate, Angul, dated- 08.07.2025, I, Basanti Pattanaik, aged about 70 years, W/o. Balaram Pattanaik, Address Vill: Lingarajori, P.O.- Hulurisingha, Dist.- Angul, Odisha- 759132 (full address), declare that I have changed my name from Basanti Pattanik to Basanti Pattanaik. Henceforth, I shall be known as Basanti Pattanaik for all purposes.
Basanti Pattanaik D-1218

By virtue of an affidavit sworn before Executive Magistrate, Bhubaneswar, dated 10.06.2025, I Salaram Majhi, Resident of Darkholi, P.O.- Palashbani, P.S.- Jharpokhoria, Dist.- Mayurbhanj, Odisha, PIN- 757057 declare that I have changed my name from Saluram Hembram to Salaram Majhi. Henceforth, I shall be known as Salaram Majhi for all purposes.
SALARAM MAJHI D-1219

By virtue of an affidavit sworn before the Executive Magistrate, Junagarh, No.-285, date 07.07.2025, I, Gobinda Hati, R/o. At- Chikili, P.O.- Goudchhendia, PIN- 766023, P.S.- Junagarh, Dist.- Kalahandi (Odisha) declare that I have changed my daughter's name from Deepika Hati to Pritimanjari Hati. Henceforth, she shall be known as Pritimanjari Hati for all purposes.
Gobinda Hati D-1220

I, Laila Karim, W/o- Karim Nassar, resident of At- Flat No.- A/7, Platinum Group Co. Op. Housing Society, Beside Kitab Mahal, P.O.-College Square, P.S.-Malgodown, Dist.- Cuttack-753003, Odisha declare by this affidavit No.- 70AA357379, dated- 08.07.2025. That now onwards I shall be known as Laila Karim Nassar for all future purposes. D-1222

By virtue of an affidavit sworn before Notary Public, Bhubaneswar, dated 08.07.2025, I, RAMANARAYAN DAS, Mandap Basti, near Kanchanjangha, VIP Enclave, Ward No.-9, P.S.- Chandrasekharpur, Bhubaneswar- 751016, Odisha declare that I have changed my name from RANKANATH SWAIN to RAMANARAYAN DAS. Henceforth, I shall be known as RAMANARAYAN DAS for all purposes.
RAMANARAYAN DAS D-1207

I, Neelam Subudhi, W/o- Asadi Srikrishna Subudhi, resident of Khala Street, Kamapalli, Berhampur, Dist.- Ganjam, Odisha, PIN- 760004 declare by this affidavit No. A432, dated 07.07.2025. That my name as per PAN, AADHAAR and PASSPORT is NEELAM SUBUDHI, but in my daughter's Birth Certificate it is mentioned as Asadi Neelam Subudhi. Now onwards I shall be known as NEELAM SUBUDHI for all future purpose. D-1223

By virtue of an affidavit sworn before Executive Magistrate, Talcher, Odisha, dated- 30.06.2025, Affidavit No.-1347. I GOBARDHAN SETHI, S/o-BANKA SETHI Address- At-Tippo, P.O./P.S.- Samal, Dist.- Angul, State- Odisha, PIN- 759100 declare that I have changed my minor daughter's name from JHARAMA SETHI to JHARANA SETHI. Henceforth, she will be known as JHARANA SETHI for all purpose.
GOBARDHAN SETHI D-1221

DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ

**classifieddharitri@gmail.com**

ରେ ଇମେଲ୍ କରନ୍ତୁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ (କମିଶନର)ଙ୍କ ଅଦାଲତ କ୍ରମିକ ନମ୍ବର- ୩. (ଶ୍ରୀ ପ୍ରବୀର କୁମାର ନାୟକ) ଓ.ଏ.ସ (ଏସ୍.ଏ.ଜି.) ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ. ୟୁନିଟ୍ ନମ୍ବର- ୪. ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ୫୦୩/୨୦୨୪
ଡ. ଅମିୟ ରଞ୍ଜନ ସାହୁ ....ଦରଖାସ୍ତକାରୀ
ବନାମ
ଶ୍ରୀ ଲୋକନାଥ ସାହୁ ଏବଂ ଅନ୍ୟମାନେ .....ପ୍ରତିବାଦୀ

ଇସ୍ତାହାର ଦେୱାନୀ କାର୍ଯ୍ୟ ବିଧି ସଂହିତା ମୁତାବକ ଆଦେଶ ୫ ନିୟମ ୨୦ ଉପନିୟମ (୧-ଏ) ଦୈନିକ ଖବରକାଗଜରେ ପ୍ରକାଶନ ପାଇଁ ବିଜ୍ଞପ୍ତି ଉପରଲିଖିତ ଦରଖାସ୍ତକାରୀ ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ମୁତାବକ ରିଭିଜନ ମାମଲା ମାନ୍ୟବର ଅଦାଲତରେ ଦାଖଲ କରିଅଛନ୍ତି। ନିମ୍ନଲିଖିତ ଭୂ ସମ୍ପତ୍ତିକୁ ତାଙ୍କ ନାମରେ ରେକର୍ଡ଼ କରିବା ପାଇଁ କିନ୍ତୁ ନିମ୍ନଲିଖିତ ପ୍ରତିବାଦୀମାନେ ଉକ୍ତ ମାମଲାରେ ମାନ୍ୟବର ଅଦାଲତରୁ ନୋଟିସ ପ୍ରେରଣ ହୋଇଥିଲା, କିନ୍ତୁ ଉକ୍ତ ନୋଟିସଗୁଡ଼ିକ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ଏଣୁ ଆଦ୍ୟ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି, କି ନିର୍ଦ୍ଧାରିତ ତାରିଖ ତା ୨୬।୦୮।୨୦୨୫ରିଖ ସମୟ ୩.୩୦ଘଟିକାରେ ଉପସ୍ଥିତ ହୋଇ ସେମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ବ୍ୟକ୍ତିମାନେ ଅଦାଲତରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ପକ୍ଷ ରଖିବେ, ନତୁବା ଉକ୍ତ ତାରିଖରେ ଆଇନ ମୁତାବକ ଆଦେଶ କରାଯିବ।

ପ୍ରତିବାଦୀମାନଙ୍କ ନାମ ଧାମ:- (୨)- ଡ. ଜୟଶ୍ରୀ ଆଚାର୍ଯ୍ୟ, ପିତା- ସୂର୍ଯ୍ୟମଣି ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ- ନାହପାର, ଥାନା/ଜିଲ୍ଲା- ଯାଜପୁର, ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ. ଏଫ୍- ୩୧/୨. ବି.ଜେ.ବି. ନଗର, ଥାନା- ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା (୩)- ସ୍ୱାଧୀନ କୁମାର ମହାନ୍ତି, ପିତା- ସ୍ୱର୍ଗତ ପଦ୍ମ ଚରଣ ମହାନ୍ତି, (୪)- ଶ୍ରୀମତୀ ବୈଜୟନ୍ତି ମହାନ୍ତି, ପିତା- ସ୍ୱର୍ଗତ ଯଦୁନାଥ ମହାନ୍ତି। କ୍ରମିକ ନଂ.(୩) ଏବଂ (୪)- ଙ୍କ ଠିକଣା ଗ୍ରାମ- ଗୋଠପାଟଣା, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା। (୯) ଶ୍ରୀ ସୌଭାଗ୍ୟ ଶଙ୍କର ଦେଓ, ପିତା- ସ୍ୱର୍ଗତ ଦୁର୍ଗାମାଧବ ଦେଓ, ଗ୍ରାମ/ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, (୧୦) ଭ୍ରମର ବାର ମହାନ୍ତି, (୧୧) ପଦ୍ମଚରଣ ମହାନ୍ତି, (୧୨) ଅଗାଧୁ ମହାନ୍ତି, (୧୩) ରାଧୁ ମହାନ୍ତି। କ୍ରମିକ ନମ୍ବର ୧୦ ରୁ ୧୩ ମାନଙ୍କ ପିତା- ସ୍ୱର୍ଗତ ହୃଷୀ ମହାନ୍ତି, (୧୪) କେଲୁ ଚରଣ ମହାନ୍ତି, (୧୫) ବଂଶୀଧର ମହାନ୍ତି, (୧୬) ରତ୍ନାକର ମହାନ୍ତି। କ୍ରମିକ ନମ୍ବର୧୪ରୁ୧୬ ଙ୍କ ପିତା- ସ୍ୱର୍ଗତ ନାରାୟଣ ମହାନ୍ତି। କ୍ରମିକ ନ.(୧୦) ରୁ (୧୬)- ଙ୍କ ଠିକଣା ଗ୍ରାମ- ଗୋଠପାଟଣା, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ତଫସିଲବର୍ଣ୍ଣିତ ଭୂ ସମ୍ପତ୍ତିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର- ଭୁବନେଶ୍ୱର, ମୌଜା- ଗୋଠପାଟଣା, ଥାନା- ଚନ୍ଦକା ନମ୍ବର- ୪୭, ସାବିକ ଖାତା ନମ୍ବର- ୧୩୧, ସାବିକ ପ୍ଲଟ୍ ନମ୍ବର- ୪୨୪, ଜମିର ମାପ ମତେ ରକବା- ଏ.ସି. ୦.୧୩୪ ଡିସିମିଲ ଯାହାର ମୂଳ ରକବା ଏ.ସି. ୦.୨୨୫ ଡିସିମିଲ କିସମ- ବିଆଳି, ଯାହାକି ଚଳିତ ହାଲ୍ ବନ୍ଦୋବସ୍ତର ହାଲ୍ ଖାତା ନମ୍ବର- ୪୩୬, ହାଲ୍ ପ୍ଲଟ୍ ନମ୍ବର- ୨୨୨୨, ରକବା ଏ.ସି. ୦.୧୩୪ଡିସିମିଲ ଯାହାର ମୂଳ ରକବା ଏ.ସି ୦.୧୪୮ ଡିସିମିଲ ଅଟେ। କିସମ- ସାରଦା ଅଣ ଜଳସେଚିତ- ୩, ଦରଖାସ୍ତକାରୀ ଉକ୍ତ ହାଲ୍ ପ୍ଲଟ୍‌ରୁ ରକବା ଏ.ସି. ୦.୧୩୪ ଡିସିମିଲକୁ ତାଙ୍କ ନାମରେ ରେକର୍ଡ଼ କରିବା ପାଇଁ ପ୍ରାର୍ଥନା କରିଅଛନ୍ତି।

ଏଣୁ ଆଦ୍ୟ ବିଜ୍ଞପ୍ତି ମାଧ୍ୟମରେ ଉପରଲିଖିତ ଧାର୍ଯ୍ୟ ତାରିଖରେ ବିଚାର ନିମନ୍ତେ ଅଦାଲତରେ ଉପସ୍ଥିତ ରହିବାକୁ ହେବେ।

ସ୍ଥାନ- ଭୁବନେଶ୍ୱର
ତାରିଖ- ୦୪।୦୭।୨୫
ଅତିରିକ୍ତ ରିଭିଜନ କମିଶନ ଅଦାଲତ ନମ୍ବର- ୩, କୋର୍ଟଙ୍କ ଆଦେଶ ମୁତାବକ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୪

IR NO.- 975,
Date- 10.06.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨ (ଶ୍ରୀ ପି.କେ. ନାୟକ I.A.S.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍ ମୋକଦ୍ଦମା ନମ୍ବର- ୯୧/୨୦୨୩
ରୀନା ନାୟକ ...ବାଦିନୀ
ବନାମ
ରବୀନ୍ଦ୍ରନାଥ ଦାସ ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ
ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା- ୧) ପ୍ରତିବାଦୀ ନମ୍ବର- ୨, ପୂର୍ଣ୍ଣଚନ୍ଦ୍ର ଦାଶ, ପିତା- ୰ ହରିହର ଦାଶ, ଗ୍ରାମ/ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୨) ପ୍ରତିବାଦୀ ନଂ- ୩, ନଳିନୀପ୍ରଭା ଦଳେଇ, ପିତା- ବିଶ୍ୱନାଥ ଦଳେଇ, ସା/ପୋ- ବଡ଼ଗଡ଼ ବି.ଜେ.ବି. ନଗର, ଥାନା- ବଡ଼ଗଡ଼, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ପ୍ରତିବାଦୀ ନଂ- ୨ ମୃତ ଏବଂ ପ୍ରତିବାଦୀ ନଂ- ୩ ବିଭିନ୍ନ ଭୁଲ୍ ଠିକଣା ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୨.୦୭.୨୫ରିଖ ୧୧:୧୫ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଗୋଠପାଟଣା

ସାବକ

ଖାତା ନଂ- ୧୬୪, ପ୍ଲଟ୍ ନମ୍ବର- ୪୪୩, କିସମ- ଶାରଦ ଅଣଜଳସେଚିତ ତିନି, ରକବା- ଏ.୦.୫୩୦ଡି. ସ୍ୱଧରୁ ଏ.୦.୦୫୧ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ- ୬୭୩, ପ୍ଲଟ୍ ନମ୍ବର- ୨୦୩୭, କିସମ- ଶାରଦ ଅଣଜଳସେଚିତ ତିନି, ରକବା- ଏ.୦.୦୭୬ଡି. ସ୍ୱଧରୁ ଏ.୦.୦୫୧ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୫

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୯୧୦/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଶୈଳବାଳା ରାଉତରାୟ .... ବାଦୀ/ଦରଖାସ୍ତକାରୀ
ବନାମ
ପ୍ରଫୁଲ୍ଲ କୁମାର ବିଧାର ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ. ୧.ବସୁନ୍ଧରା ଏଷ୍ଟେଟ ଏବଂ ଡେଭେଲୋପର ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ କୁମାର ବିଧାର, ପିତା- ସ୍ୱର୍ଗତ ବେଣୁଧର ବିଧାର ଉପରୋକ୍ତ ପ୍ରତିବାଦୀଙ୍କ ଠିକଣା ମଇଜି-II, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା ଖୋର୍ଦ୍ଧା ୭. କବିନ ସାହୁ, ପିତା- ସ୍ୱର୍ଗତ ଗିରିଧାରୀ ସାହୁ, ୯. ଧନେଶ୍ୱର ସାହୁ, ପିତା- କବିନ ସାହୁ, ୧୦. କାଳିନ୍ଦୀ ସାହୁ, ପିତା- କବିନ ସାହୁ, ୧୧. ସୁକାନ୍ତୀ ସାହୁ, ପିତା- କବିନ ସାହୁ
ପ୍ରତିବାଦୀ ନଂ.- ୯,୧୦,୧୧ଙ୍କ ଠିକଣା ଗ୍ରାମ-ଦାରୁଠେଙ୍ଗ, ପୋଷ୍ଟ- ବାରଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୫।୮।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୁଆସୁଣୀ

ସାବକ

ଖାତା ନମ୍ବର-୪୪, ପ୍ଲଟ୍ ନମ୍ବର- ୧୮୯, କିସମ- ପୁରାତନପତିତ, ରକବା- ମୋଟ ଏ୦.୯୭୫ରୁ ଏ୦.୫୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୨୩୧, ପ୍ଲଟ୍ ନମ୍ବର- ୧୦୫୨, କିସମ- ପତିତ, ରକବା- ମୋଟ ଏ୦.୪୫ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୭

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଶ୍ୱରେ ଆଦୃତ ଭାରତର ଡିଜିଟାଲ ପେମେଣ୍ଟ ସିଷ୍ଟମ

ଭୁବନେଶର, ୮।୭(ଅନୁରାଧା ମହାରଣା)




ଭାରତର ଡିଜିଟାଲ ପେମେଣ୍ଟ ସିଷ୍ଟମ ସାରା ବିଶ୍ୱରେ ଆଦୃତ ହେବାରେ ଲାଗିଛି। ଏବେ ତ୍ରିନିଦାଦ ଏବଂ ଟୋବାଗୋର ନାମ ମଧ୍ୟ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ(ୟୁପିଆଇ) ଗ୍ରହଣ କରୁଥିବା ଦେଶ ତାଲିକାରେ ଯୋଡ଼ା ଯାଇଛି। ଅର୍ଥାତ୍ ଏବେଠାରୁ ଏଠାରେ ଯେକୌଣସି ଜିନିଷର କାରବାର ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରାଯାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୀମ ଆପ ମାଧ୍ୟମରେ ଡିଜିଟାଲ କାରବାର ସିଷ୍ଟମ ଗ୍ରହଣ କରିଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତ୍ରିନିଦାଦ ଏବଂ ଟୋବାଗୋ ପ୍ରଧାନମନ୍ତ୍ରୀ କମଲା ପ୍ରସାଦ-ବିସେସାରଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ୩-୪ ଜୁଲାଇରେ ତ୍ରିନିଦାଦ ଏବଂ ଟୋବାଗୋ ଗସ୍ତ କରିଥିଲେ। ଏହି ସମୟ ମଧ୍ୟରେ ଉଭୟ ଦେଶ ଡିଜିଟାଲ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାରେ ଆଗ୍ରହ ଦେଖାଇଥିଲେ। ଉଭୟ ଦେଶ ଡିଜିଲକର, ଇ-ସାଇନ ଏବଂ ସରକାରୀ ଇ-ମାର୍କେଟ ପ୍ଲେସ (ଏଜଗ) ସମେତ ଇଣ୍ଡିଆ ଷ୍ଟାକ ସଲ୍ୟୁସନ୍ସ କାର୍ଯ୍ୟକାରୀ କରିବାରେ ଆହୁରି ସହଯୋଗ କରିବାକୁ ମଧ୍ୟ ରାଜି ହୋଇଥିଲେ। ୨୦୨୪ ମସିହାରେ ୟୁପିଆଇ ଗ୍ରହଣ କରିବାରେ ଫ୍ରାନ୍ସ ପ୍ରଥମ ୟୁରୋପୀୟ ଦେଶ ହୋଇଥିଲା। ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ)ର ଅନ୍ତର୍ଜାତୀୟ ୟୁନିଟ ଫ୍ରାନ୍ସର ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ଲାଇରା ସହିତ ସହଯୋଗ କରି ଫ୍ରାନ୍ସରେ ଇ-କମର୍ସ ଏବଂ ପ୍ରୋକ୍ସିମିଟି ପେମେଣ୍ଟକୁ ସୁରକ୍ଷିତ କରିବା ପାଇଁ ୟୁପିଆଇ ଲଞ୍ଚ କରିଥିଲା। ଏନପିସିଆଇ ଇଣ୍ଟରନ୍ୟାଶନାଲ ପେମେଣ୍ଟସ୍ ଲିମିଟେଡ (ଏନଆଇପିଏଲ), ନେଟୱର୍କ ଇଣ୍ଟରନ୍ୟଶନାଲ ସହିତ ସହଭାଗିତାରେ ୨୦୨୧ ମସିହାରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ କ୍ୟୁଆର୍ କୋଡ-ଆଧାରିତ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ପେମେଣ୍ଟସ ସକ୍ଷମ କରିଥିଲା। ଏହା ବର୍ତ୍ତମାନ ଦୁବାଇ ମଲ, ମଲ ଅଫ ଦି ଏମିରେଟ୍ସ ଏବଂ ଦେଶର ଅନେକ ଖୁଚୁରା ଏବଂ ଡାଇନିଂ ଆଉଟଲେଟରେ ପେମେଣ୍ଟ କରିବା ସୁବିଧା ଯୋଗାଉଛି। ଏନଆଇପିଏଲ ଏବଂ ନେପାଳର ସର୍ବବୃହତ ପେମେଣ୍ଟ ନେଟୱର୍କ, ଫୋନ୍‌ପେ' ପେମେଣ୍ଟ ସର୍ଭିସେସ ଲିମିଟେଡ, ୨୦୨୪ରେ ଭାରତ ଏବଂ ନେପାଳ ମଧ୍ୟରେ ସୀମାପାର କାରବାର ପାଇଁ ୟୁପିଆଇ ଆରମ୍ଭ କରିବା ପାଇଁ ହାତ ମିଳାଇଥିଲେ। ଭୁଟାନର ରୟାଲ ମନିଟାରୀ ଅଥରିଟି ୨୦୨୧ରେ ଭୁଟାନରେ କ୍ୟୁଆର୍ କୋଡ୍-ଆଧାରିତ ଅନଲାଇନ ପେମେଣ୍ଟକୁ ସ୍ୱୀକୃତି ଦେବା ପାଇଁ ଏନଆଇପିଏଲ ସହିତ ସହଭାଗୀତା କରିଥିଲେ, କ୍ୟୁଆର୍ କୋଡ୍ ନିୟୋଜନ ପାଇଁ ୟୁପିଆଇ ମାନକ ଗ୍ରହଣ କରିଥିବା ପ୍ରଥମ ଦେଶ ଏବଂ ଭୀମ ଆପ ମାଧ୍ୟମରେ ମୋବାଇଲ-ଆଧାରିତ ପେମେଣ୍ଟ ଗ୍ରହଣ କରିଥିବା ଭାରତର ନିକଟ ପଡ଼ୋଶୀ ଦେଶ ଭାବରେ ପ୍ରଥମ ଦେଶ ହୋଇଥିଲା। ୨୦୨୪ ରେ ମରିସସରେ ୟୁପିଆଇ ସେବା ଆରମ୍ଭ ହୋଇଥିବାବେଳେ ରୁପେ' କାର୍ଡ ବ୍ୟବହାର କରାଯାଉଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୮।୭

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୭୦ (୨୭୦.୦୧) ପଏଣ୍ଟ ବୃଦ୍ଧି ଘଟି ୮୩,୭୧୨ (୮୩,୭୧୨.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୬୧ (୬୧.୨୦) ପଏଣ୍ଟ ବଢି ୨୫,୫୨୨ (୨୫,୫୨୨.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଏନ୍‌ଇଇଟି ଫଳାଫଳରେ ଶ୍ରେଷ୍ଠ ସଫଳତା


ଖବରଦାତା ସମ୍ମିଳନୀ ଅବସରରେ ସେଣ୍ଟର ହେଡ୍ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ପିଡବ୍ଲ୍ୟୁ ବିଦ୍ୟାପୀଠର ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୮।୭

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପିଡବ୍ଲ୍ୟୁ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ଏନଇଇଟି-ୟୁଜି ୨୦୨୫ ଫଳାଫଳରେ ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। ଏପରିକି ପିଡବ୍ଲ୍ୟୁ ବିଦ୍ୟାପୀଠର ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନର ବିଦ୍ୟାର୍ଥୀ ଉଲ୍ଲେଖନୀୟ ଫଳାଫଳ ସହ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ପିଡବ୍ଲ୍ୟୁ ବିଦ୍ୟାପୀଠର ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପିଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ତଥା ଏଫ୍‌ଏମ୍ ପଙ୍କଜ ସିଜାରିଆ, ସମ୍ପତ୍ତି ସିହ୍ନା ମହାପାତ୍ର, ଆରୁଷୀ ତୁଲିଙ୍କ ସମେତ ଭୁବନେଶ୍ୱର ସେଣ୍ଟର ହେଡ ଶୁଜା ଅହମ୍ମଦ ଏବଂ ବାଣିଜ୍ୟ ମୁଖ୍ୟ ସିଦ୍ଧାର୍ଥ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ପିଡବ୍ଲ୍ୟୁ ଭୁବନେଶ୍ୱର ସେଣ୍ଟରର ବିଦ୍ୟାର୍ଥୀ ଓମ୍ ପ୍ରକାଶ ରାଜ, ଶୁଭଞ୍ଜନ ସାହୁ, ଆୟୁଷ ଆୟୁଷ୍ମାନ ଭୂୟାଁ, ତଦାଶା ମିଶ୍ର ଏବଂ ଶୁଭାଶିଷ ରଥଙ୍କ ସମେତ ଅନ୍ୟ ଶ୍ରେଷ୍ଠସ୍ଥାନ ହାସଲକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଓ ସେଣ୍ଟରର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମନୋରଞ୍ଜନର ମୂଳ ମାଧ୍ୟମ ୱାଟର ପାର୍କ

ଭୁବନେଶ୍ୱର,୮।୭

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଲୋକ ଆଜି ସବୁ କ୍ଷେତ୍ରରେ ଚିନ୍ତାଗ୍ରସ୍ତ ହୋଇଯାଇଛି। ଦିନତମାମ ଚାପ ଓ ଚିନ୍ତା ପାଇଁ ପରିବାରର ଖୁସି ଏବଂ ନିଜର ମନୋରଞ୍ଜନ ଠିକ୍ ଭାବେ କରାଯାଇପାରୁନାହିଁ। ଫଳରେ ଲୋକମାନେ ଅନେକ ପ୍ରକାରର ସମସ୍ୟା ମଧ୍ୟରେ ଜଡିତ ହୋଇଯାଉଛନ୍ତି। ସେହିଭଳି ଭାରତରେ ଆମେ ମନୋରଞ୍ଜନକୁ ଆବଶ୍ୟକତା ଅପେକ୍ଷା ଏକ ବିଳାସପୂର୍ଣ୍ଣ କାର୍ଯ୍ୟ ଭାବେ ବ୍ୟବହାର କରିଛୁ। ଏପରିକି ଭାରତରେ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ଏବଂ ଦ୍ରୁତ ଗତିରେ ବଢୁଥିବା ମଧ୍ୟବିତ୍ତ ଶ୍ରେଣୀ ରହିଛନ୍ତି। ତଥାପି ବିଶ୍ୱସ୍ତରୀୟ ୱାଟର ପାର୍କ, ମନୋରଞ୍ଜନ ପାର୍କ ଏବଂ ଥିମ୍-ଆଧାରିତ ଅଭିଜ୍ଞତା କେନ୍ଦ୍ରଗୁଡ଼ିକର ସଂଖ୍ୟା ବିଶ୍ୱ ମାନକ ତୁଳନାରେ ତୁଳନାତ୍ମକ ଭାବେ କମ୍ ରହିଛି। ନିକଟରେ ହାପିନେସ ଇଣ୍ଡେକ୍ସ ସୂଚୀ ପ୍ରକାଶ ପାଇଛି। ଏହି ସୂଚୀରେ ଭାରତର ସ୍ଥାନ ବହୁ ତଳେ ରହିଛି। ଭାରତ ଏହାର ସମୃଦ୍ଧ ସଂସ୍କୃତି, ପର୍ବପର୍ବାଣି ଏବଂ ପରମ୍ପରା ସତ୍ତ୍ୱେ ଏହି ସୂଚକାଙ୍କରେ ଆଶାଠାରୁ ନିମ୍ନ ସ୍ଥାନ ପାଇଛି। ଏ ସମ୍ପର୍କରେ ୱାଣ୍ଡର ୱାର୍ଲ୍ଡ ୱାଟର ପାର୍କ ଏବଂ ରିସର୍ଟ ପୁରୀର ଭିପି ବିଭୁତେନ୍ଦ୍ର ମହାପାତ୍ର, ଭିପି କହିଥିଲେ, ଓଡ଼ିଶା ପାଇଁ ୱାଟର ପାର୍କ, ମନୋରଞ୍ଜନ ପାର୍କ, ଥିମ୍ ପାର୍କ ଏବଂ ଅଭିଜ୍ଞତା କେନ୍ଦ୍ରଗୁଡ଼ିକୁ ସାମାଜିକ ଭିତ୍ତିଭୂମି ଭାବେ ମାନ୍ୟତା ଦେବାର ସମୟ ଆସିଛି, ଯେପରି ଆମେ ସ୍ୱାସ୍ଥ୍ୟ ପାଇଁ ହସ୍ପିଟାଲ, ଶିକ୍ଷା ପାଇଁ ସ୍କୁଲ ଏବଂ ସଂଯୋଗ ପାଇଁ ରାଜପଥ ନିର୍ମାଣ କରୁ, ସେହିପରି ଆମକୁ ଖୁସି ପାଇଁ ମନୋରଞ୍ଜନ କେନ୍ଦ୍ରରେ ବିନିଯୋଗ କରିବାକୁ ପଡିବ। ଏକ ଦେଶର ପ୍ରଗତି କେବଳ ଏହାର ଜିଡିପି ଦ୍ୱାରା ନୁହେଁ ବରଂ ଏହାର ଲୋକଙ୍କ ଖୁସି ଦ୍ୱାରା ମାପ କରାଯାଏ। ଯଦି ଆମେ ଏକ ସୁଖୀ, ସୁସ୍ଥ ଏବଂ ଅଧିକ ସ୍ପନ୍ଦନଶୀଳ ଓଡ଼ିଶା ଚାହୁଁ ତେବେ ମନୋରଞ୍ଜନକୁ ଏକ ବିଳାସପୂର୍ଣ୍ଣ ଭାବେ ନୁହେଁ ବରଂ ଏକ ଆବଶ୍ୟକତା ଭାବେ ଦେଖାଯିବା ଉଚିତ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଗୋବର୍ଦ୍ଧନ ମହାନ୍ତି
ଆବିର୍ଭାବ: ୦୧.୦୧.୧୯୫୩
ତିରୋଧାନ: ୨୯.୦୬.୨୦୨୫

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ଆପଣଙ୍କ ଆତ୍ମୀୟସ୍ୱଜନ ଓ ପ୍ରିୟ ପରିବାରବର୍ଗ
ଧ-୭୬୮୩

# ଅତିଥି ଆଗ୍ରୋର ପ୍ରଥମ ଡିଲର ମିଟ୍


ଡିଲର ମିଟ୍‌ର ଶୁଭାରମ୍ଭ ଅବସରରେ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୮।୭ (ଅଭୟ ଦାଶ)

ଅତିଥି ଆଗ୍ରୋ ପ୍ରଡକ୍ଟସ ଏଲ.ଏଲ.ପି (ଅତିଥି ଆଗ୍ରୋ)ର ପ୍ରଥମ ଡିଲର ମିଟ୍ ନିକଟରେ ହୋଟେଲ ଏଚ୍‌ଏଚ୍‌ଆଇ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ପ୍ରଥମ ଧରଣର ଡିଲର ମିଟ୍ ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଓ ବ୍ୟବସାୟରେ ଉଲ୍ଲେଖନୀୟ ସଫଳତା ହାସଲ ଏବଂ ସହଯୋଗ କରିଥିବା ସମସ୍ତ ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ କମ୍ପାନୀ ଅଂଶୀଦାର ଓ ବିଜନେସ ପାର୍ଟନର୍‌ର ଅଶୋକ କୁମାର ଗୋଏଲ, ହରିଶ ଗୋଏଲ, ଆଶିଷ ଗୋଏଲ, ଅଙ୍କିତ ଗୋଏଲ, ଗୌରବ ଗୋଏଲ ଏବଂ ବେଦାନ୍ତ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅତିଥି ଆଗ୍ରୋର କାରବାର, ବ୍ୟବସାୟ ସମ୍ପ୍ରସାରଣ ଓ ନୂତନ ଉତ୍ପାଦ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏପରି କି କମ୍ ସମୟ ମଧ୍ୟରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ସହ ବ୍ୟବସାୟ ବୃଦ୍ଧିରେ ମଧ୍ୟ ଅଭିବୃଦ୍ଧି ହାସଲ କରିଛି। ସେହିପରି ଖାଇବା ତେଲ ଶିଳ୍ପରେ ଅତିଥି ଆଗ୍ରୋର ଭୂମିକା ଓ ବ୍ୟବସାୟ ବେଶ୍ ଉତ୍ସାହଜନକ ବୋଲି ଉଭୟ ଡିଲର ଏବଂ ବିଜ୍‌ନେସ ପାର୍ଟନରମାନେ ମତପ୍ରକାଶ କରିଥିଲେ। ଏ ନେଇ କୋଲକାତା ବ୍ୟବସାୟ ମହାସଂଘର ସଭାପତି ସୁଶୀଲ ପୋଦ୍ଦାର କହିଥିଲେ, ବ୍ୟବସାୟ ଅଭିବୃଦ୍ଧିରେ ଡିଲର ମିଟ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏପରି କି କମ୍ପାନୀର କାରବାରରେ ବୃଦ୍ଧି ସହ ବ୍ୟବସାୟ ସମ୍ପ୍ରସାରଣରେ ମଧ୍ୟ ଏହା ବେଶ୍ ସହାୟକ ହେବ।

# ଟାଫେ ସହ ଏଜିସିଓର ବୁଝାମଣା

ଭୁବନେଶ୍ୱର,୮।୭

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ତଥା ଟ୍ରାକ୍ଟର ଏବଂ କୃଷି ଉପକରଣ ନିର୍ମାତା 'ଟାଫେ' ସହ ଏଜିସିଓର ବୁଝାମଣା (ସେଟଲମେଣ୍ଟ) ଜାରି ରହିଛି। ଏପରିକି ଏହି ସେଟେଲମେଣ୍ଟ ଅନୁଯାୟୀ ମାସି ଫର୍ଗୁସନ ବ୍ରାଣ୍ଡର ମାଲିକାନା (ଭାରତ, ନେପାଳ ଓ ଭୁଟାନ ପାଇଁ ଏକମାତ୍ର ଓ ସ୍ୱତନ୍ତ୍ର ମାଲିକ ଭାବେ) ଟାଫେ ନିକଟରେ ରହିବ; ଯେଉଁଥିରେ ମାସି ଫର୍ଗୁସନରେ ସମସ୍ତ ଅଧିକାର, ଟାଇଟଲ ଓ ସ୍ୱାର୍ଥ ଏବଂ ସମ୍ବନ୍ଧିତ ଟ୍ରେଡ୍‌ମାର୍କ ଓ ଏହା ସହ ଜଡିତ ସମସ୍ତ ସମ୍ଭାବନା ମଧ୍ୟ ସାମିଲ ରହିବ। ଟାଫେରେ ଥିବା ଏଜିସିଓର ଶେୟାରଗୁଡିକୁ କମ୍ପାନୀ ୨୬୦ ମିଲିୟନ ଡଲାରରେ କ୍ରୟ କରିବ। ଫଳରେ ଏହାର ମୂଲ୍ୟ ଟାଫେ ଇକ୍ୱିଟର ୨୦.୭% ହେବ। ଏହା ଟାଫେକୁ ଚେନ୍ନାଇରେ ମୁଖ୍ୟାଳୟ ଥିବା ଏକ ବହୁମୁଖୀ ଶିଳ୍ପ ସଂସ୍ଥା ଆମାଲଗମେଶନ୍ସ ଗ୍ରୁପ୍‌ର ଏକ ସମ୍ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀରେ ପରିଣତ କରିବ। ସେହିଭଳି ଉଭୟ ସଂସ୍ଥାର ବୁଝାମଣା ଅନୁଯାୟୀ ସମସ୍ତ କାର୍ଯ୍ୟ ହେବ। ଏପରିକି ଟାଫେ କମ୍ପାନୀର ବ୍ରାଣ୍ଡ, ବାଣିଜ୍ୟିକ ସମସ୍ୟା ଓ ଶେୟାର ହୋଲ୍ଡିଂ ସମ୍ବନ୍ଧିତ ସମସ୍ତ ପ୍ରସଙ୍ଗ ଉପରେ ଏଜିସିଓ ସହ ଏକ ବିସ୍ତୃତ ସମାଧାନରେ ପହଞ୍ଚିଛି।

ଏ ସମ୍ପର୍କରେ ଟାଫେର ଅଧ୍ୟକ୍ଷ ଏବଂ ଏମ୍‌ଡି ମଲ୍ଲିକା ଶ୍ରୀନିବାସନ କହିଛନ୍ତି, ଆମେ ଟାଫେର ଅଭିବୃଦ୍ଧି କାହାଣୀର ଏକ ନୂତନ ଯୁଗରେ ପ୍ରବେଶ କରିଥିବାରୁ ବେଶ୍ ଉତ୍ସାହିତ ଅଛୁ। ଆମେ ଏଜିସିଓ ସହ ଥିବା ଆମର ଦୀର୍ଘ ସହଭାଗିତାକୁ ସ୍ୱୀକୃତି ଓ ସମ୍ମାନ ଜଣାଉଛୁ ଏବଂ ଏକ ନିୟୋଜିତ ଅଂଶଧାରକ ଭାବେ ଏଜିସିଓକୁ ଆମର ସମର୍ଥନ ବଜାୟ ରଖିବୁ। ଟାଫେ ଓ ମାସି ଫର୍ଗୁସନ ନିଜର ଅଭିନବ ଉତ୍ପାଦ, ସମାଧାନ ଓ ସେବା ମାଧ୍ୟମରେ ଭାରତୀୟ କୃଷି କ୍ଷେତ୍ରର ରୂପାନ୍ତରଣ ପ୍ରତି ପ୍ରତିବଦ୍ଧ ରହିଛି।

ଏହି ସେଟେଲମେଣ୍ଟ ମୁତାବକ ଟାଫେ ୧୬.୩%ର ଏକ ମାଲିକାନା ସ୍ତର ଏଜିସିଓରେ ନିଜର ଶେୟାର ହୋଲ୍ଡିଂ ବଜାୟ ରଖିବ ଏବଂ କିଛି ବ୍ୟତିକ୍ରମ ସ୍ଥିତିରେ ନିଜର ସମାନୁପାତିକ ମାଲିକାନା ବଜାୟ ରଖିବା ପାଇଁ ଏଜିସିଓର ଭବିଷ୍ୟତର ବାଏବ୍ୟାକ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବ। ଟାଫେ ଅଂଶଧାରକଙ୍କ ବୈଠକରେ ଏଜିସିଓର ବୋର୍ଡ ଡାଇରେକ୍ଟରମାନଙ୍କ ସମସ୍ତ ସୁପାରିସ ସପକ୍ଷରେ ଏହାର ଅଂଶଧନଗୁଡିକୁ ଚୟନକରି ଏଜିସିଓକୁ ସମର୍ଥନ କରିବ। ଟାଫେ ଏଜିସିଓ ନେତୃତ୍ୱ ସହ ଯୋଜନାବଦ୍ଧ ଆଲୋଚନା ମାଧ୍ୟମରେ ଏଜିସିଓରେ ଦୀର୍ଘାବଧି ନିବେଶକ ଭାବେ ଜାରି ରହିବ। ଟାଫେ ଓ ଏଜିସିଓ ମଧ୍ୟରେ ସମସ୍ତ ବ୍ୟବସାୟିକ ଚୁକ୍ତି ଦ୍ୱିପାକ୍ଷିକ ସହମତିରେ ସହମତ ହେବା ପରେ ଟାଫେ ବଳକା ସପ୍ଲାଇ ଅର୍ଡରକୁ ସମ୍ମାନ ଦେବ ଏବଂ ସହମତ ହୋଇଥିବା ସର୍ତ୍ତରେ ସମସ୍ତ ବଜାର ପାଇଁ ପାର୍ଟସର ଯୋଗାଣ ଜାରି ରଖିବ। ସମସ୍ତ ଜାରି ରହିଥିବା ଆଇନଗତ ପ୍ରକ୍ରିୟାକୁ ବିନା ସର୍ତ୍ତରେ ପ୍ରତ୍ୟାହାର କରାଯିବ।

## LEGAL NOTICE

Letter No.- 1275, Dt. 01.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନମ୍ବର ୧୫୪୪/୨୦୨୨

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସୁଧନବା ଦାସ ... ବାଦୀ/ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ. ୫. ରମଣ କୁମାର ଦାସ, ପିତା- ସ୍ୱର୍ଗତ ଭିକାରି ଚରଣ ଦାସ, ୭. ଯୋଗୀନ୍ଦ୍ର ବେହେରା, ପିତା- ସ୍ୱର୍ଗତ ମାନି ବେହେରା, ୮. ଫକୀର ଚରଣ ବେହେରା, ପିତା- ମାନି ବେହେରା

ପ୍ରତିବାଦୀ ନଂ. ୭, ୮ଙ୍କ ଠିକଣା: ଗ୍ରାମ- ଗମେଇ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୩. କାଶୀନାଥ ନାୟକ, ପିତା- ଲୋକନାଥ ନାୟକ

ଉପରୋକ୍ତ ପ୍ରତିବାଦୀଙ୍କ ଠିକଣା: ଗ୍ରାମ- ଓଗାଳପଡ଼ା, ପୋଷ୍ଟ- ଯାଆଁଳ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତ୍ତାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା୧୮।୦୭।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା ନଂ.-୧୫, ମୌଜା- ନୀଳକଣ୍ଠପୁର

ସାବକ

ଖାତା ନମ୍ବର- ୧୦୯, ପ୍ଲଟ୍ ନମ୍ବର- ୨୯୫, କିସମ- ଶାରଦ-୨, ରକବା- ମୋଟ ଏ୦.୦୯୦ରୁ ଏ୦.୦୯୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୨୫୬, ପ୍ଲଟ୍ ନମ୍ବର- ୩୦୫, କିସମ- ଶାରଦ ଅଣ ଜଳସେଚିତ-୧, ରକବା- ମୋଟ ଏ୦.୦୯୦ରୁ ଏ୦.୦୯୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୨୦୬

**Ph.D. in Electronics and Communication Engineering**



Mr. Abhijit Mishra has been awarded Ph.D. Degree in Electronics and Communication Engineering on the topic "Development of Different Radio Tomographic Imaging Techniques by Exploiting Sparsity". He has completed his thesis under the guidance of Prof. Upendra Kumar Sahoo and Prof. Subrata Maiti, ECE Department, National Institute of Technology, Rourkela. His thesis has been highly appreciated by Prof. Mohan Gurusamy, National University of Singapore and Kasturi Vasudevan, Indian Institute of Technology, Kanpur. He is the younger son of Mr. Niranjan Mishra and Mrs. Manjula Mishra of Pottapokhari Nua Bajar CTC and Grand Son In law of Late Gobardhan Tripathy Ratnakarbag Bhubaneswar in and son in law of Mr. Ramakanta Tripathy and Mrs. Kalyani Tripathy. He is husband of Mrs. Rachita Tripathy. He has expressed his deep gratitude to the almighty and thankful to the family members for this success.
ଧ-୭୬୦୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ଅପରାଧ

# ଡଗରା ବେଳାଭୂମିରେ ମହିଳା ପର୍ଯ୍ୟଟକଙ୍କୁ ଅସଦାଚରଣ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୮।୭

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମି ଅସୁରକ୍ଷିତ ହୋଇପଡ଼ିଛି। ରବିବାର ଅପରାହ୍ନରେ ବଙ୍ଗୀୟ ଦମ୍ପତି ବେଳାଭୂମିକୁ ଆସି ଅସଦାଚରଣର ଶିକାର ହୋଇଛନ୍ତି। ସ୍ୱାମୀଙ୍କ ଆଗରେ ମହିଳାଙ୍କୁ ଯୁବକମାନେ ଟଣାଘୋଷରା କରି ତଳେ ପକାଇବା ଓ ସ୍ୱାମୀଙ୍କୁ ମାଡ଼ ମାରୁଥିବା ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହେବାର ୩ ଦିନ ବିତିଯାଇଥିଲେ ହେଁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।


ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ବେଳର ଦୃଶ୍ୟ।

### ଭିଡିଓ ଭାଇରାଲ

ଡଗରା ଉନ୍ନୟନ କମିଟି ସମ୍ପାଦକ ନିତ୍ୟାନନ୍ଦ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଆଇଆଇସିଙ୍କୁ ଭେଟି ବେଳାଭୂମି ସୁରକ୍ଷା ନିମନ୍ତେ ଏକ ଦାବିପତ୍ର ଦେଇଥିଲେ। ବେଳାଭୂମିରେ ପୋଲିସ ପାଟ୍ରୋଲିଂ କଡ଼ାକଡି ଏବଂ ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦିଆଯିବାକୁ ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଗଣପତି ଜେନା, ପ୍ରଫୁଲ୍ଲ ସାହୁ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଦାବି କରିଥିଲେ। ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରା ଘଟଣାର ତଦନ୍ତ ଜାରି ରହିଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ଅଶ୍ଳୀଳ ଗାଳିଗୁଲଜ ସହ ହେଲ୍‌ପରଙ୍କୁ ଟାଣିନେଇ ମାଡ଼

## ମହରମ୍ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସ ଭଙ୍ଗାରୁଜା

ରେମୁଣା, ୮।୭(ରବୀନ୍ଦ୍ର ମହାକୁଡ଼)

'ଆମ୍ବୁଲାନ୍ସ' ଏକ ଅତ୍ୟାବଶ୍ୟକ ସେବା। ହେଲେ ମହରମ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସକୁ ଅଟକାଇ କର୍ମଚାରୀଙ୍କୁ ଗାଳିଗୁଲଜ, ଆମ୍ବୁଲାନ୍ସ ଭଙ୍ଗାରୁଜା ଆଦି ଘଟଣା ଘଟିଛି। ଏପରି କି ଆମ୍ବୁଲାନ୍ସରେ ଡାକ୍ତରଖାନା ଯାଉଥିବା ଦୁଇ ଶିଶୁ ଓ ସେମାନଙ୍କ ମାତାପିତାଙ୍କ ଦେହରେ ଭଙ୍ଗାକାଚ ଲାଗିବାରୁ ସେମାନେ ରକ୍ତାକ୍ତ ମଧ୍ୟ ହୋଇଛନ୍ତି। ବାଲେଶ୍ୱର ଜିଲା ରେମୁଣା ବଜାରରେ ରବିବାର ଏଭଳି ଘଟଣା ଘଟିଥିବାବେଳେ ଏନେଇ ଆମ୍ବୁଲାନ୍ସ କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୧୨୦/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଥିଲେ ସୁଦ୍ଧା କାହାରିକୁ ଗିରଫ କରିପାରି ନାହିଁ।

ଅଭିଯୋଗ ଅନୁଯାୟୀ, ରେମୁଣା ଥାନା ଅଧୀନ ରସଲପୁରର ରଶ୍ମିରଞ୍ଜନ ସାହୁ ଏବଂ ସ୍ତ୍ରୀ ଉର୍ମିଳା ସେମାନଙ୍କ ସାଢ଼େ ୩ବର୍ଷର ପୁଅ ସ୍ମୃତିରଞ୍ଜନ ଏବଂ ଅଢ଼େଇ ବର୍ଷର ଝିଅ ଲାବଣ୍ୟ ପ୍ରବଳ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ରାତି ପ୍ରାୟ ସାଢ଼େ ୧୦ଟାରେ (ଓଡ଼ି୦୨ବିଜେ-୫୯୩୭) ନମ୍ବର ଥିବା ୧୦୮ ଆମ୍ବୁଲାନ୍ସରେ ଫକୀରମୋହନ ବଡ଼ ଡାକ୍ତରଖାନାକୁ ନେଉଥିଲେ। ଆମ୍ବୁଲାନ୍ସର ଚାଳକ ଗଜେନ୍ଦ୍ର ଦାସ, ହେଲପର ସୁରେଶ୍ୱର ମହାଳିକ ଏବଂ ଆଟେଣ୍ଡାଣ୍ଟ ସତ୍ୟବାନ ଦାଶ ଥିଲେ। ଆମ୍ବୁଲାନ୍ସ ରେମୁଣା ବଜାର ହାତିଆଗଣ୍ଡ ଛକ ପହଞ୍ଚିବା ପରେ ଶୋଭାଯାତ୍ରାରେ ଥିବା ୧୦/୧୫ ଜଣ ଲୋକ ଆମ୍ବୁଲାନ୍ସ ଆଗକୁ ମାଡ଼ି ଆସିଥିଲେ। ଡିଆଁ ମାରି ଆଗ କାଚକୁ ବିଧା ମାରିଥିଲେ। ଚାଳକ ଗଜେନ୍ଦ୍ରଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ଏପଟେ ବାରମ୍ବାର କାହିଁକି ସାଇରନ ବଜାଇ ଯିବା ଆସିବା କରୁଛ ବୋଲି ପଚାରିଥିଲେ। ହେଲପର ସୁରେଶ୍ୱରଙ୍କୁ ବାହାରକୁ ଘୋଷାରି ନେଇ ମାଡ଼ ମାରିବା ସହ ତାଙ୍କ ସାର୍ଟ ଚିରି ଦେଇଥିଲେ। ଏପରି କି ଆମ୍ବୁଲାନ୍ସର ପଛପଟ କାଚକୁ ଠେଙ୍ଗାରେ ପିଟି ଭାଙ୍ଗି ଦେଇଥିଲେ। ଫଳରେ କାଚ ଭାଙ୍ଗି ଭିତରେ ଥିବା ଦୁଇ ଶିଶୁ ଏବଂ ସେମାନଙ୍କ ପିତାମାତା ରକ୍ତାକ୍ତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ରୋଗୀ ନେଇ ପଳାଅ ବୋଲି କହିଥିଲେ। ଆମ୍ବୁଲାନ୍ସ ସେହି ରାସ୍ତା ପାରି ହେବାକୁ ପ୍ରାୟ ଅଧ ଘଣ୍ଟାରୁ ଅଧିକ ସମୟ ଲାଗି ଯାଇଥିଲା ବୋଲି ରଶ୍ମିରଞ୍ଜନ କହିଛନ୍ତି। ପୁଅକୁ ଜ୍ୱର ହୋଇଥିବାରୁ ସେମାନଙ୍କୁ କୋଳରେ ଧରି ରଖିଥିଲେ। କେତେଜଣ ଲୋକ ହାତରେ ଠେଙ୍ଗା ଧରି ଆମ୍ବୁଲାନ୍ସକୁ ପଛରୁ ଗୋଡ଼ାଇଥିଲେ। ଅପରପକ୍ଷରେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଏବଂ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ରେମୁଣାରେ ମହରମ ଶୋଭାଯାତ୍ରା ବାହାରିଥିଲା। ଏହା ପୂର୍ବରୁ ଶାନ୍ତି କମିଟି ବୈଠକ ହୋଇ ଶୋଭାଯାତ୍ରାର ନିୟମ ଏବଂ ସମୟସୀମା ନିର୍ଦ୍ଧାରିତ ହୋଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲିବ ବୋଲି ପୋଲିସ ସୂଚନା ଦେଇଥିଲା ମାତ୍ର ବିଳମ୍ବିତ ରାତି ପରେ ମଧ୍ୟ ଶୋଭାଯାତ୍ରା ଚାଲିଥିବା ଦେଖିବାକୁ ମିଳିଥିଲା।

## ଲର୍ଡ୍ସ ପିଚ୍ ଉପରେ ନଜର

**ଲର୍ଡ୍ସ, ୮।୭:** ଆସନ୍ତା ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି(ଏଟିକେ) ସିରିଜ୍‌ର ତୃତୀୟ ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍ 'ହୋମ୍ ଅଫ୍ ଦ କ୍ରିକେଟ୍' ଭାବେ ପରିଚିତ ଲର୍ଡ୍ସରେ ଖେଳାଯିବ। ସିରିଜ୍ ଏବେ ୧-୧ରେ ବରାବର ସ୍ଥିତିରେ ଥିବା ବେଳେ ଲର୍ଡ୍ସ ପିଚ୍‌ରେ ବଲ କେଉଁଭଳି ବ୍ୟବହାର କରିବ, ସେନେଇ ଚର୍ଚ୍ଚା ଜୋର୍ ଧରିଛି। ଏଜ୍‌ବାଷ୍ଟନରେ ବଡ଼ ପରାଜୟ ପରେ ଇଂଲଣ୍ଡ ତା'ର ଷ୍ଟ୍ରାଟେଜିର ମୂଲ୍ୟାଙ୍କନ କରୁଛି। ବର୍ମିଂହାମ୍‌ରେ ଇଂଲଣ୍ଡ ଦଳକୁ ସୁହାଇଲା ଭଳି ଫ୍ଲାଟ୍ ପିଚ୍ ପ୍ରସ୍ତୁତ କରାଯାଇଥିଲା। ହେଲେ ଭାରତୀୟ ଦଳ ପିଚ୍‌ର ଅଧିକ ଫାଇଦା ଉଠାଇଥିଲା। ଦୁଇଟି ଇନିଂସ୍‌ରେ ଭ୍ରମଣକାରୀ ଦଳ ୧୦୦୦ରୁ ଅଧିକ ରନ୍ କରିବା ସହ ଚତୁର୍ଥ ଇନିଂସ୍‌ରେ ୬୦୮ ରନ୍‌ର ଟାର୍ଗେଟ ଛିଡ଼ା କରିଥିଲା। ବାଜବଲ ଷ୍ଟ୍ରାଟେଜି ଫେଲ୍ ମାରିବାରୁ ଇଂଲଣ୍ଡ ୩୩୬ ରନ୍‌ର ବଡ଼ ବ୍ୟବଧାନରେ ପରାଜିତ ହୋଇଥିଲା।

ଦୀର୍ଘ ଦଶନ୍ଧି ହେଲା ସବ୍‌କଣ୍ଟିନେଣ୍ଟରେ ସ୍ପିନ୍ ଟ୍ରାକ୍ସ ବ୍ୟବହାର କରାଯିବାକୁ ନେଇ ବିରୋଧ କରୁଥିବା ଭ୍ରମଣକାରୀ ଇଂଲଣ୍ଡ ଦଳ ଅଭିଯୋଗ କରିଆସୁଛି। କିନ୍ତୁ ଏଜ୍‌ବାଷ୍ଟନରେ ପରାଜୟ ପରେ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ବ୍ରେଣ୍ଡନ ମ୍ୟାକ୍‌କୁଲମ ପିଚ୍ ଭାରତୀୟ ଦଳକୁ ଅଧିକ ସୁହାଇଥିଲା ବୋଲି କହିଥିଲେ। ଏଣୁ ତୃତୀୟ ଟେଷ୍ଟ ପୂର୍ବରୁ ପିଚ୍‌କୁ ନେଇ ଚର୍ଚ୍ଚା ବୃଦ୍ଧି ପାଇଛି।

ଏକ ରିପୋର୍ଟ ମୁତାବକ, ଇସିବି ପକ୍ଷରୁ ଫାଷ୍ଟ ବୋଲରଙ୍କୁ ସୁହାଇଲା ଭଳି ପିଚ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହାର ଅର୍ଥ ବୋଲରଙ୍କୁ ଅଧିକ ବାଉନ୍ସ, ଅତିରିକ୍ତ ଗତି ଓ ସିମ୍ ମୁଭ୍‌ମେଣ୍ଟ ମିଳିବ। ଏହାକୁ ଦୃଷ୍ଟିରେ ରଖି ଇଂଲଣ୍ଡ ଜୋଫ୍ରା ଆର୍ଚ୍ଚର ଓ ଗସ୍ ଆଟକିନ୍‌ସନଙ୍କୁ ଦଳରେ ସାମିଲ କରିପାରେ। ଦୁଇ ପେସର ଇଞ୍ଜୁରିରୁ ଫେରୁଛନ୍ତି। ସିରିଜ୍‌ର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ଦଳ ବ୍ୟାଟିଂ ଲାଇନଅପ୍ ଭଲ ପ୍ରଦର୍ଶନ କରିଥିବାରୁ ଇଂଲଣ୍ଡ କଦାପି ଫ୍ଲାଟ୍ ପିଚ୍‌ରେ ଖେଳିବାକୁ ଚାହିଁବ ନାହିଁ। ପେସରଙ୍କୁ ସୁହାଉଥିବା ପିଚ୍‌ରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଖୁବ୍ ଭଲ ରହିଛି। ୨୦୧୮ରେ ଜୋହାନ୍ସବର୍ଗ, ୨୦୨୧ରେ ଲର୍ଡ୍ସ ଓ ଦି ଓଭାଲରେ ଗ୍ରୀନ୍ ଟ୍ରାକ୍‌ରେ ଭାରତ ପ୍ରତିପକ୍ଷ ଦଳକୁ ପରାଜିତ କରି ଦେଖାଇଛି। ଯଶପ୍ରୀତ ବୁମ୍‌ରା ଫେରୁଥିବାରୁ ଭାରତୀୟ ପେସ୍ ଆଟାକ୍‌କୁ ସମ୍ଭାଳିବା ଆହୁରି କଷ୍ଟକର ହୋଇପଡ଼ିବ।

# ସେମିରେ ଫ୍ରିଜ୍



ମ୍ୟାଚ ଜିତିବାପରେ ଉଲ୍ଲସିତ ଟେଲର ଫ୍ରିଜ୍।

**ଲଣ୍ଡନ,୮।୭(ପି.ଟି.)**

ପଞ୍ଚମ ସିଡ୍ ଟେଲର ଫ୍ରିଜ୍ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ୱାର୍ଲ୍ଡ ନଂ-୧ ତଥା ଫ୍ରେଞ୍ଚ ଓପନ ଚାମ୍ପିୟନ ପୁରୁଷ ଡବଲ୍ସ ଯୋଡ଼ି ମାର୍ସେଲୋ ଆରେଭାଲୋ ଓ ମାଟେ ପାଭିକ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପଞ୍ଚମ ସିଡ୍ ଟେଲର ଫ୍ରିଜ୍ ୬-୩, ୬-୪, ୧-୬, ୭-୬ (୭/୪) ସେଟ୍‌ରେ ୧୭ତମ ସିଡ୍ ରୁଷିଆର କାରେନ ଖାଚାନୋଭଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୨୭ ବର୍ଷୀୟ ଆମେରିକୀୟ ଖେଳାଳି ପ୍ରଥମ ଥର ପାଇଁ ୱିମ୍ବଲଡନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସ କ୍ୱାର୍ଟର ଫାଇନାଲରେ ଆରେଭାଲୋ ଓ ପାଭିକ ୬-୪, ୬-୭(୨/୭), ୭-୬ (୧୦-୫) ସେଟ୍‌ରେ ଦଶମ ସିଡ୍ ହୁଗୋ ନିସ ଓ ଏଡୱାର୍ଡ ରୋଜର-ଭାସେଲିନଙ୍କ ଯୋଡ଼ିକୁ ପରାସ୍ତ କରିଛନ୍ତି। ଆରେଭାଲୋ-ପାଭିକ ସେମିଫାଇନାଲରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାତା ଓ ନେଦରଲାଣ୍ଡର ଡାଭିଡ୍ ପେଲଙ୍କୁ ଭେଟିବେ। ହିଜିକାତା ଓ ପେଲ ସେମାନଙ୍କ କ୍ୱାର୍ଟର ଫାଇନାଲ ମୁକାବିଲାରେ ବ୍ରାଜିଲର ରାଫାଲ ମାଟୋସ ଓ ମାର୍ସେଲୋ ମେଲୋଙ୍କୁ ୭-୬(୭/୫), ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ।


### ୱିମ୍ବଲଡନ ଚାମ୍ପିୟନଶିପ୍

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

ରାଞ୍ଚିରେ ଚାଲିଥିବା ୧୫ଶ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ଡିଭିଜନ-ଏ ମ୍ୟାଚରେ ଓଡ଼ିଶା ୩-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ପୂରା ମ୍ୟାଚରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଧିନାୟିକା କିରୋ ସଞ୍ଜନା ୩ୟ ମିନିଟରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଓଡ଼ିଶାର ଅଗ୍ରଣୀ ବ୍ୟବଧାନ ୧-୦ରେ ରହିଥିଲା। ତୃତୀୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ତେବେ ୪ର୍ଥ କ୍ୱାର୍ଟରରେ ଅର୍ଥାତ୍ ୫୩ତମ ମିନିଟରେ ପ୍ରିୟଙ୍କା ମିଞ୍ଜ୍ ଓ ୫୮ତମ ମିନିଟରେ ସୁଇଟି କୁଜୁର ଗୋଟିଏ ଲେଖାଏ ଗୋଲ ଦେବାରୁ ଓଡ଼ିଶା ସହଜ ବିଜୟ ହାସଲ କରିଥିଲା। ଡିଭିଜନ-ଏ'ର ଅନ୍ୟ ୨ଟି ମ୍ୟାଚରେ ମଧ୍ୟପ୍ରଦେଶକୁ ୩-୨ରେ ଉତ୍ତର ପ୍ରଦେଶ ହରାଇଥିବାବେଳେ ଝାଡ଼ଖଣ୍ଡ ଓ ହରିୟାଣା ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଡିଭିଜନ-ବି'ର ୩ଟି ମ୍ୟାଚରେ ଦାଦ୍ରା ନଗର ହାଭେଳି ଆଣ୍ଡ ଡାମନ ଡିଉ ଦଳ ୪-୧ରେ କର୍ଣ୍ଣାଟକ, ଉତ୍ତରାଖଣ୍ଡ ୬-୦ରେ କେରଳ ଏବଂ ଛତିଶଗଡ଼ ୮-୨ରେ ଗୁଜରାଟକୁ ପରାସ୍ତ କରିଛି।

# ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୮।୭ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ-୨୦୨୫ର ୫ମ ସଂସ୍କରଣ ମଙ୍ଗଳବାର ଆରମ୍ଭ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଭାରତୀୟ ଜୁନିୟର ଟିମର ପୂର୍ବତନ ଉପ-ଅଧିନାୟକ ଦୀପସନ ଟିର୍କୀ, କ୍ରୀଡା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁଏବଂ ଓଡ଼ିଶା ନାଭାଲ ଟାଟା ହକିର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫରମାନ୍ସ ସେଣ୍ଟର (ଓଏନଟିଏଚଏଚପିସି) ପକ୍ଷରୁ ଏହି ଚାମ୍ପିଅନଶିପ ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତଚାଲିବ। ସାରା ଓଡ଼ିଶାରୁ ଚୟନ ହୋଇଥିବା ୧୬ଟି ଶ୍ରେଷ୍ଠ ଦଳ (୮ ବାଳିକା ଓ ୮ ବାଳକ ଦଳ) ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପୂର୍ବରୁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ସୁନ୍ଦରଗଡ଼ର ବଣାଇରେ ଅନୁଷ୍ଠିତ କ୍ୱାଲିଫାଇଂ ରାଉଣ୍ଡରେ ଏହି ଦଳଗୁଡ଼ିକ ବିଜୟୀ ହୋଇଥିଲେ। କ୍ୱାଲିଫାଇଙ୍ଗ ରାଉଣ୍ଡରେ ୩୨ଟି ବାଳକ ଓ ୩୨ଟି ବାଳିକା ଦଳ ସମେତ ମୋଟ ୬୪ଟି ଦଳ ଭାଗ ନେଇଥିଲେ। ଯାହା ପ୍ରତିଯୋଗିତାକୁ ଦେଶର ସର୍ବବୃହତ ତୃଣମୂଳ ହକି ଟୁର୍ନାମେଣ୍ଟରେ ପରିଣତ କରିଥିଲା। ଖେଳକୁ ଉପଭୋଗ କରିବାକୁ କ୍ରୀଡ଼ାମନ୍ତ୍ରୀ ଆହ୍ୱାନ କରିବା ସହ ତୃଣମୂଳ ସ୍ତରର ପ୍ରତିଭାଙ୍କ ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ ବୋଲି ପ୍ରକାଶ କରିଛନ୍ତି।

### ଜୁଲାଇ ୧୨ରେ ଫାଇନାଲ

# ଟୁର୍ ଡି ଫ୍ରାନ୍ସ: ମେର୍ଲିଅର ଜିତିଲେ ତୃତୀୟ ଷ୍ଟେଜ୍

**ପ୍ୟାରିସ୍, ୮।୭**

ବିଶ୍ୱର ଅନ୍ୟତମ ସର୍ବଶ୍ରେଷ୍ଠ ସାଇକେଲ ରେସ୍ ଟୁର୍ ଡି ଫ୍ରାନ୍ସ-୨୦୨୫ ଆରମ୍ଭ ହୋଇଛି। ପ୍ୟାରିସ୍‌ର ଚାମ୍ପ୍ସ-ଇଲିଲିସ୍‌ଠାରେ ଏହା ୨୭ ତାରିଖରେ ଶେଷହେବ। ୨୧ ଷ୍ଟେଜ୍‌ବିଶିଷ୍ଟ ପ୍ରତିଯୋଗିତାର ତୃତୀୟ ଷ୍ଟେଜ୍‌ରେ ବେଲଜିୟମ୍‌ର ଟିମ୍ ମେର୍ଲିଅର ବିଜୟ ହାସଲ କରିଛନ୍ତି। ଭାଲେନ୍‌ସିଏନ୍ସଠାରୁ ଡୁନକିର୍କ ପର୍ଯ୍ୟନ୍ତ ଏହି ଫ୍ଲାଟ୍ ଷ୍ଟେଜ୍ ୧୭୮.୩ କିଲୋମିଟର (୧୧୦.୩ ମାଇଲ) ବିଶିଷ୍ଟ ଥିଲା। ମେର୍ଲିଅର ହେଉଛନ୍ତି ସୌଡାଲ-କ୍ୱିକ୍‌ଷ୍ଟେପ୍ ଟିମ୍‌ର ସଦସ୍ୟ। ଗତ ୫ ତାରିଖରେ ଲିଲେଠାରୁ ଲିଲେ ପର୍ଯ୍ୟନ୍ତ ଅନୁଷ୍ଠିତ ୧୮୪.୯ (୧୧୪.୯ ମାଇଲ) କିଲୋମିଟର ବିଶିଷ୍ଟ ପ୍ରଥମ ଷ୍ଟେଜ୍‌ରେ ବେଲଜିୟମ୍‌ର ଜାସ୍ପର ଫିଲିପସେନ ଏବଂ ଲୌୱିନ-ପ୍ଲାନ୍‌କ୍ୱିଠାରୁ ବୌଲଙ୍ଗ-ସୁର୍-ମେର୍ ପର୍ଯ୍ୟନ୍ତ ୨୦୯.୧ (୧୨୯.୯ ମାଇଲ) କିଲୋମିଟର ବିଶିଷ୍ଟ ହିଲି ଷ୍ଟେଜ୍‌କୁ ନେଦରଲାଣ୍ଡର ମାଥ୍ୟୁ ଭାନ୍ ଡର୍ ପୋଏଲ ଜିତିଥିଲେ। ପ୍ରତିଯୋଗିତାରେ ମୋଟ ୨୩ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ସାଇକ୍ଲିଂ ଫେଡେରେଶନ(ୟୁସିଆଇ)ର ସମସ୍ତ ୧୮ଟି ଯାକ ଦଳ ସ୍ୱାଭାବିକଭାବେ ଆମନ୍ତ୍ରିତ ହୋଇଥିବାବେଳେ ୫ ୟୁସିଆଇ ପ୍ରୋ ଟିମ୍ (୨୦୨୪ରେ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ୨ ଦଳ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ପୋର୍ଟିଂ ଇଭେଣ୍ଟ ଆୟୋଜନ କରୁଥିବା ଫ୍ରେଞ୍ଚ୍ କମ୍ପାନୀ ଆମାଉରି ସ୍ପୋର୍ଟ ଅର୍ଗାନାଇଜେଶନ ଦ୍ୱାରା ମନୋନୀତ ୩ ଦଳ) ଏଥିରେ ସାମିଲ ହୋଇଛନ୍ତି। ୩ ଷ୍ଟେଜ୍ ଶେଷରେ ଆଲପେସିନ ଡେକେଉନିକ ଟିମ୍ ରାଇଡର ନେଦରଲାଣ୍ଡର ମାଥ୍ୟୁ ଭାନ୍ ଡର୍ ପୋଏଲ ଅଗ୍ରଣୀ ହାସଲ କରିଛନ୍ତି। ଏକ ଗ୍ରାଣ୍ଡ ଟୁର୍‌ରେ ୨୨ଟି ଦଳକୁ ଅନୁମତି ମିଳିଥାଏ। ଏହା ମଧ୍ୟରେ ୧୮ଟି ୟୁସିଆଇ ୱାର୍ଲ୍ଡ ଟିମ୍, ପୂର୍ବ ସଂସ୍କରଣର ୨ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ୟୁସିଆଇ ପ୍ରୋ ଟିମ୍ ଏବଂ ଆୟୋଜକଙ୍କ ପକ୍ଷରୁ ଆମନ୍ତ୍ରିତ ୨ ଦଳ ଅନ୍ତର୍ଭୁକ୍ତ। ୱାଇଲ୍ଡ କାର୍ଡ ମାଧ୍ୟମରେ ଆଉ ଏକ ଦଳକୁ ସାମିଲ ପାଇଁ ଅନୁରୋଧ କରାଯାଇଥିଲା।



ତୃତୀୟ ଷ୍ଟେଜ ଜିତିବାପରେ ଟିମ୍ ମେର୍ଲିଅର।

## ଜିମ୍ବାୱେ ପେସର ମାଟିଜିମୁଙ୍କୁ ଜରିମାନା

**ବୁଲୱାୟୋ, ୮।୭ (ପି.ଟି.):** ଜିମ୍ବାୱେ ପେସ୍ ବୋଲର କୁଣ୍ଡାଇ ମାଟିଜିମୁଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ପ୍ରତିଶତ ଜରିମାନା କରାଯାଇଥିବା ବେଳେ ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ବିପଜ୍ଜନକ ଖେଳ ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସର ୭୨ତମ ଓଭରରେ ଏହି ଘଟଣା ଘଟିଥିଲା। ମାଟିଜିମୁ ସେତେବେଳେ ଏକ ବଲ୍‌କୁ ଫିଲ୍‌ଡିଂ କରୁଥିବା ବେଳେ ବ୍ୟାଟର ଲୁହନ ଡି' ପ୍ରିଟୋରିସଙ୍କ ଲକ୍ଷ୍ୟ କରି ଫିଙ୍ଗିଥିଲେ, ଯାହାକି ତାଙ୍କ ହାତ କଟଟିକୁ ଆଘାତ ଦେଇଥିଲା।




## କନ୍ଦନ ମୁର୍ମୁ ବିଶ୍ୱ ଜୁଡୋ ରେଫରି

**ଭୁବନେଶ୍ୱର, ୮।୭(ତପନ ସ୍ୱାଇଁ):** ଓଡ଼ିଶାର କନ୍ଦନ ମୁର୍ମୁ ବିଶ୍ୱ ଜୁଡୋ ରେଫରି ହେବାର ସୌଭାଗ୍ୟ ପାଇଛନ୍ତି। ଅନ୍ତର୍ଜାତୀୟ ଜୁଡୋ ଫେଡେରେଶନ(ଆଇଜେଏଫ୍) ପକ୍ଷରୁ କାଜାଖସ୍ତାନର ଅଲ୍‌ମାଟିରେ ଆୟୋଜିତ ରେଫରି ପରୀକ୍ଷାରେ କନ୍ଦନ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୧ଟି ଦେଶର ୧୯ ରେଫରି ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଜୁଡୋ ମହଲରେ ମନୋଜ ନାମରେ ବିଶେଷ ପରିଚିତ କନ୍ଦନଙ୍କ ଘର ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ କଣ୍ଟାବାଞ୍ଜି ଗ୍ରାମରେ। ବିରଞ୍ଚି ଦାସ ଓ ଗୀତାଞ୍ଜଳି ପଣ୍ଡାଙ୍କଠାରୁ ୧୯୯୯ରେ ଜୁଡୋ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିବା କନ୍ଦନ ସଫଳତାର ଶିଡ଼ି ଚଢ଼ି କ୍ରମେ ବିଶ୍ୱ ରେଫରି ହେବାର ଯୋଗ୍ୟତା ପାଇଛନ୍ତି। ଏକ ଆଦିବାସୀ ଅଧ୍ୟୁଷିତ ଅନୁନ୍ନତ ଅଞ୍ଚଳରୁ ଆସିଥିଲେ ମଧ୍ୟ ସେ କଠିନ ପରିଶ୍ରମ ଦ୍ୱାରା ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ନିଜକୁ ପ୍ରମାଣିତ କରିଛନ୍ତି। ସମ୍ପ୍ରତି ସେ କିସ୍ ବିଶ୍ୱବିଦ୍ୟାଳୟରେ ସିନିୟର ଜୁଡୋ କୋଚ୍ ଭାବେ କାର୍ଯ୍ୟରତ। ନିଜର ଏହି ସଫଳତା ପାଇଁ କନ୍ଦନ ପରିବାରବର୍ଗଙ୍କ ସମେତ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଦୀପ୍ତି ଶର୍ମା ଦି ହଣ୍ଡ୍ରେଡ୍‌ରୁ ଓହରିଲେ

**ଲଣ୍ଡନ, ୮।୭(ପି.ଟି.):** ଭାରତୀୟ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ମଙ୍ଗଳବାର ଦି ହଣ୍ଡ୍ରେଡ୍ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଆଗକୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ବର୍ତ୍ତମାନ ଇଂଲଣ୍ଡରେ ଥିବା ଦୀପ୍ତି ଏଥର ଟୁର୍ନାମେଣ୍ଟରେ ଭାଗ ନେବେନାହିଁ। ତାଙ୍କ ବଦଳରେ ଅଷ୍ଟ୍ରେଲିଆ ଅଲ୍‌ରାଉଣ୍ଡର ଚାର୍ଲି କ୍ନଟଙ୍କୁ ସ୍ୱିରିଟ୍ସ ଦଳରେ ସାମିଲ କରାଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ